
আগ
জাগলি
আগই

## ଏ ସଂଖ୍ୟାରେ...


| | ପୃଷ୍ଠା |
|---|---|
| ➤ **ଚିଠିପତ୍ର** | ୨ |
| ➤ **ବିଶେଷ ପ୍ରସଙ୍ଗ** ଜଳବାୟୁର ଅସ୍ୱାଭାବିକ ପରିବ□ନ; ଓଡ଼ିଶା ପାଇଁ ସତର୍କ ଘଣ୍ଟି | ୩ |
| ➤ **ପ୍ରସଙ୍ଗ** କାର୍ବନ ଟ୍ରେଡ଼ିଂ | ୧୧ |
| ➤ **ସ୍ପନ୍ଦନ** ମୂଲ୍ଲ ମାଇଲେ ଯିବ ସରି | ୧୪ |
| ➤ **ସମୂହ** ସ୍ୱୟଂ ସହାୟକ ଦଳ ଜଗିଲେ ଜଙ୍ଗଲ | ୧୬ |
| ➤ **ଆଲୋଚନା** କ୍ଷତିପୂରକ ପୁନଃବନୀକରଣ ପାଣ୍ଠି ବିଧେୟକ -୨୦୦୮ | ୧୯ |
| ➤ ଜଳବାୟୁ ପରିବର୍ତ୍ତନ: କୃଷି, ଜଙ୍ଗଲ ଓ ଜୀବନ ଜୀବିକା ଉଜୁଡ଼ି ଯିବ | ୨୧ |
| ➤ ସଂଗଠନ ଆଣିଲା ପରିବର୍ତ୍ତନ | ୨୩ |


# ଚିଠିପତ୍ର

ମହାଶୟ,

ମୁଁ 'ଆମ ଜଙ୍ଗଲ ଆମର'ର ଦୃଢ ପ୍ରଶଂସକ ଏବଂ ପାଠକ ମଧ୍ୟ । ଆପଣଙ୍କ ପତ୍ରିକାର ୪୪ତମ ସଂଖ୍ୟାକୁ ଇତି ମଧ୍ୟରେ ପାଇସାରିଛି ଏବଂ ଏହି ସଂଖ୍ୟାରେ ଅନେକ ରୁଚିପୂର୍ଣ୍ଣ ଏବଂ ଜ୍ଞାନବର୍ଦ୍ଧକ ଲେଖା ମାନ ମଧ୍ୟ ପ୍ରକାଶିତ ହୋଇଛି । ମୁଁ ନିଶ୍ଚିତ ଭାବେ ମତ ଦେବି ଯେ 'ଆମ ଜଙ୍ଗଲ ଆମର' ଭଳି ପତ୍ରିକା ଓଡ଼ିଶାରେ ବାହାରୁନାହିଁ । ସେହିଭଳି ଆପଣଙ୍କର ଲୋକ ସଚେତନତା ବୃଦ୍ଧି ଲାଗି କରିଥିବା ଚେଷ୍ଟାକୁ ମୁଁ ପ୍ରଶଂସା ନକରି ରହିପାରୁନାହିଁ । ଏହି ସଂଖ୍ୟାରେ ଆପଣ ସୁରକ୍ଷା ଓ ବିଲୁପ୍ତିର ଦୋଛକିରେ ବାଘମାମୁଁ, ଜେ.ବି.ଆଇ.ସି.ଓ ଜଙ୍ଗଲ ନିଆଁ ଭଳି ଉଲ୍ଲେଖନୀୟ ଲେଖା ପ୍ରକାଶିତ ହୋଇଛି । ଉକ୍ତ ଲେଖାଗୁଡ଼ିକରେ ବାଘ ସଂଖ୍ୟା ହ୍ରାସ ପାଇବାର କାରଣ ଆଦିକୁ ଅତ୍ୟନ୍ତ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି । ସାତକୋଶିଆ, ସିମିଳିପାଳ ଓ ସୁନାବେଡ଼ା ଭଳି ବାଘର ଗୁରୁତ୍ୱପୂର୍ଣ୍ଣ ବାସସ୍ଥଳୀଗୁଡ଼ିକରେ ଫରେଷ୍ଟର ଏବଂ ଫରେଷ୍ଟଗାର୍ଡଙ୍କ ସଂଖ୍ୟା ଏତେ କମ୍ ହେଲେ ବାଘ ବଞ୍ଚିବେ କେମିତି ? ସେହିଭଳି ବାଘର ପୁନଃଗଣନା ଏବଂ ପୂର୍ବତନ ଗଣନାକୁ ନେଇ ଉଠିଥିବା ବିତର୍କ ତଥା ବାଘ ଗଣନାର ଇତିହାସ ମଧ୍ୟ ଚିତ୍ତାକର୍ଷକ ।

ସେହିଭଳି ଆମ ରାଜ୍ୟରେ ଅନେକ ବନବାସୀ ତଥା ଜଙ୍ଗଲ ନିକଟସ୍ଥ ଗାଁ ଗୁଡ଼ିକର ଗ୍ରାମବାସୀମାନେ ସେମାନଙ୍କ ଜଙ୍ଗଲକୁ ବର୍ଷ ବର୍ଷ ଧରି ସୁରକ୍ଷା ଦେଇ ଆସୁଛନ୍ତି ଏବଂ ସେମାନଙ୍କର ନିରଳସ ଯତ୍ନ ଦ୍ୱାରା ଜଙ୍ଗଲର ପରିମାଣ କ୍ରମେ ବଢିବାରେ ଲାଗିଛି । ତେଣୁ ଏହି କ୍ଷେତ୍ରରେ ରାଜ୍ୟ ସରକାର ଜାପାନ ବ୍ୟାଙ୍କ୍‌ରୁ ୬୦୦ କୋଟି ଋଣ ଆଣି 'ଉଜୁଡା ଜଙ୍ଗଲର ପୁନଃରୁଦ୍ଧାର' ନାମରେ ଟଙ୍କା ଖର୍ଚ୍ଚ କରିବା କେତେ ଦୂର ଯୁକ୍ତିଯୁକ୍ତ ? ଏହା ଆମ ମାନଙ୍କ ଉପରେ ଅନ୍ୟ ଏକ ଋଣବୋଝ ନୁହେଁ କି ?

ଉପରୋକ୍ତ ବିଷୟବାଦ୍ ଜଙ୍ଗଲ ନିଆଁ, ଗଛି ଜାଣିଲେ ଗାଁ ସୁନ୍ଦର ଆଦି ସୁନ୍ଦର ଲେଖାମାନ ପ୍ରକାଶ ପାଉଛି । ପତ୍ରିକାଟି ଦୀର୍ଘଜୀବି ହେଉ ଓ ଲୋକମାନଙ୍କ ହିତରେ ଲାଗୁ ଏତିକି କାମନା ।

ଆମ ଜଙ୍ଗଲ ଆମର,
କରିବା ସୁରକ୍ଷା ତାହାର ।।
ଜଙ୍ଗଲ ରହିଲେ ଜିଇଁବା.
ଜଙ୍ଗଲ ମଲେ ମରିଯିବା ।।

**ଇତି**
**ସୁରେଶ କୁମାର ସାହୁ**
କଳାହାଣ୍ଡି


**ଆମ ଠିକଣା**

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**
ଏ/୬୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧ ୦୦୭ (ଓଡ଼ିଶା)
ଫୋନ୍ ନଂ-(୦୬୭୪)୨୫୪୫୨୫୦, ୨୫୪୫୨୫୨
E-mail: rcdcbbsr@bsnl.in, rcdcbbsr@gmail.com

# ଜଳବାୟୁର ଅସ୍ୱାଭାବିକ ପରିବ□ନ; ଓଡ଼ିଶା ପାଇଁ ସତର୍କ ଘଣ୍ଟି




**(ଜଳବାୟୁ ବଦଳିବାରେ ଲାଗିଛି । ଏଥିପାଇଁ ପ୍ରାକୃତିକ କାରଣ ସବୁ ଯେତିକି ମାତ୍ରାରେ ଦାୟୀ ନୁହଁନ୍ତି; ତା'ଠାରୁ ଅଧିକ ମାତ୍ରାରେ ଦାୟୀ ମନୁଷ୍ୟକୃତ କାର୍ଯ୍ୟକ୍ରମ । ଝଡ, ମରୁଡ଼ି, ଘଡ଼ଘଡ଼ି, ବିଜୁଳି, ସାଗରର ଜଳପତ୍ତନ ବୃଦ୍ଧି ଓ ବନ୍ୟା ପ୍ରଭୃତି ବିପର୍ଯ୍ୟୟ କାହାରିକୁ ଛାଡିନାହିଁ । ଜଙ୍ଗଲ, ଜଳଉତ୍ସ, କୃଷି, ଫସଲଚକ୍ର, ଜୈବବିବିଧତା, ପ୍ରାକୃତିକ ପରିସଂସ୍ଥା ସମସ୍ତେ ଊଣାଅଧିକେ ବିପର୍ଯ୍ୟସ୍ତ । ତେଣୁ ଚାଷୀଠାରୁ ଆରମ୍ଭ କରି ବୈଜ୍ଞାନିକ ପର୍ଯ୍ୟନ୍ତ ସମସ୍ତେ ଏବେ ଚିନ୍ତାରେ । ଗାଁଠାରୁ ଆରମ୍ଭ କରି ବିଶ୍ୱସ୍ତରରେ ସବୁଠି ଚର୍ଚ୍ଚା ଚାଲିଛି । କେମିତି ରୋକାଯାଇପାରିବ ଜଳବାୟୁର ପରିବର୍ତ୍ତିତ ରୂପକୁ ? ଏନେଇ କେଉଁଠି ଚିନ୍ତା ତର୍ଜମା ଚାଲିଲାବେଳେ; ଆଉ କେଉଁଠି ଆରମ୍ଭ ହୋଇଚି ବ୍ୟବସାୟ । କିଏ ଜୀବନ ସଂଗ୍ରାମ ଚଳାଇ ଥିବାବେଳେ ଆଉ କିଏ କାର୍ବନ ନିର୍ଗମନକୁ ନେଇ ଚଳାଇଛି ରାଜନୀତି । ଏସବୁର ଅନୁଶୀଳନ କରାଯାଇଛି ଏହି ନିବନ୍ଧରେ ।**

ଗତ କିଛି ବର୍ଷ ହେବ ଆମେ ଦେଖି ଆସୁଛୁ ଯେ, କେବଳ ଆମ ରାଜ୍ୟରେ ନୁହେଁ ବରଂ ସମଗ୍ର ପୃଥିବୀରେ କେବେ ପ୍ରବଳ ବର୍ଷା ହେଉଛିତ, କେବେ ଆଶ୍ଚର୍ଯ୍ୟଜନକ ଭାବେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଛି । କେବେକେବେ ଶୀତ ଦିନରେ ଅଦୌ ଥଣ୍ଡା ହେଉ ନାହିଁତ, କେବେ ବରଫ ପଡ଼ିବା ଭଳି ହାଡ଼ଭଙ୍ଗା ଶୀତ ହେଉଛି । କେଉଁଠି ସ୍ୱାଭାବିକ ଉତ୍ତାପଠାରୁ ୬-୭ ଡ଼ିଗ୍ରୀ ତଳକୁ ଖସିଯାଉଛି ତ, ଆଉ କେଉଁଠି ୪-୫ ଡ଼ିଗ୍ରୀ ତାପମାତ୍ରା ବଢ଼ିଯାଉଛି । ଖରାଦିନେ ମୁଣ୍ଡଫଟା ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ବ୍ୟତିବ୍ୟସ୍ତ କରିଦେଉଛି । ଅଦିନିଆ ବର୍ଷା, ଘଡ଼ଘଡ଼ି, ଚଡ଼ଚଡ଼ି, କୁହୁଡ଼ି ସହିତ ଉପକୂଳ ଜିଲ୍ଲାଠୁ ଆରମ୍ଭ କରି ପାହାଡ଼ିଆ ଅଞ୍ଚଳରେ ମଧ ବନ୍ୟା ଓ ଜଳଠୁଳ ସମସ୍ୟା ଲାଗି ରହିଛି । ଫସଲ ରେ ନୂଆ ନୂଆ ରୋଗ ପୋକ ଲାଗିଲା ଭଳି ମନୁଷ୍ୟ ମଧ ମ୍ୟାଲେରିଆ ଓ ଡ଼େଙ୍ଗୁ ପରି ଜ୍ୱରର ଶୀକାର ହେଉଛି । ଏହି ବିପର୍ଯ୍ୟୟ ସବୁ ଜଳବାୟୁ ପରିବର୍ତ୍ତନ ଯୋଗୁଁ ହେଉଛି ବୋଲି ଏବେ ସାରା ବିଶ୍ୱରେ ଚର୍ଚ୍ଚା ଚାଲିଛି ।

ବିଗତ ଶତାବ୍ଦୀର ଶେଷାର୍ଦ୍ଧରୁ ଏହା କେବଳ ଆଞ୍ଚଳିକ ସମସ୍ୟା ହୋଇ ରହିନାହିଁ ବରଂ ସମଗ୍ର ବିଶ୍ୱର ସମସ୍ୟା ରୂପେ ଠିଆ ହୋଇଛି । ଜଳବାୟୁ ପରିବର୍ତ୍ତନ ଭବିଷ୍ୟତରେ ସମସ୍ତ ଉନ୍ନୟନ ପ୍ରଚେଷ୍ଟାକୁ ଧୂଳିଷାତ କରି ଦେବାର ଆଶଙ୍କା ସହିତ ବିଶ୍ୱ ଶାନ୍ତିରେ ବ୍ୟାଘାତ ସୃଷ୍ଟି କରିବ ବୋଲି ଏହାର ପ୍ରତିକାର ନିମନ୍ତେ ଯେତିକି ଉଦ୍ୟମ ଚାଲିଛି ତା'ଠାରୁ ଅଧିକ ହେଉଛି ଶିଳ୍ପାୟନ ଓ କାର୍ବନ ଟ୍ରେଡ଼ିଂର ଲାଭ ଖୋର ପ୍ରସଙ୍ଗ ।

ପୂର୍ବେ ଏହି ଜଳବାୟୁ ପରିବର୍ତ୍ତନ ଜନିତ ବିପଦ ଗୁଡ଼ିକୁ ଅନୁମାନ କରାଯାଉଥିଲା କିନ୍ତୁ ସଂପ୍ରତି ଏହି ପରିବର୍ତ୍ତନକୁ ବୈଜ୍ଞାନିକ ସହମତି ମିଳିଲାଣି । ସମସ୍ତେ ଏହାକୁ ଅନୁଭବ କଲେଣି । ବିଭିନ୍ନ ଗବେଷଣା ସନ୍ଦର୍ଭକୁ ଆଧାର କରି ଆଇ.ପି.ସି..ସି. ଜଳବାୟୁ ପରିବର୍ତ୍ତନର ଏକ ନିର୍ଦ୍ଧାରିତ ସଂଜ୍ଞାନିର୍ଣ୍ଣୟ କରିଛନ୍ତି । ''ଜଳବାୟୁ କହିଲେ କୌଣସି ଅ□ଳର ଆପେକ୍ଷିକ ତାପମାତ୍ରା, ବୃଷ୍ଟିପାତର ପରିମାଣ, ସୂର୍ଯ୍ୟାଲୋକ ଏବଂ ଅନ୍ୟାନ୍ୟ ପରିବ□ନଶୀଳ ପ୍ରାକୃତିକ ଉପାଦାନମାନଙ୍କୁ ବୁଝାଇଥାଏ । ଯାହାକି ସେହି ଅ□ଳରେ ପ୍ରାୟ ୩୫ ବର୍ଷରୁ ଉର୍ଦ୍ଧ୍ୱ ଧରି ସବୁ ଋତୁରେ ପାଗର ହାରାହାରି ଅବସ୍ଥାକୁ ଅନୁଧ୍ୟାନ କରି ନିର୍ଣ୍ଣୟ କରାଯାଇଥାଏ ।''

ସାଧାରଣତଃ ଜଳବାୟୁ ପରିବର୍ତ୍ତନ ପ୍ରାକୃତିକ ଓ ମନୁଷ୍ୟକୃତ କାରଣରୁ ହୋଇଥାଏ । ପ୍ରାକୃତିକ କାରଣ ମଧ୍ୟରୁ ଆଗ୍ନେୟ ଗିରି ଉଦ୍‌ଗୀରଣ, ଭୂମିକମ୍ପ, ଭୂତଳ ଶିଳାସ୍ତର ମଧ୍ୟରେ ଘର୍ଷଣ ଓ ସୌର ରଶ୍ମୀର ପ୍ରଭାବ ପ୍ରମୁଖ ଭୂମିକା ନେଇଥାଏ । ଠିକ୍ ସେହିପରି ମନୁଷ୍ୟକୃତ ପ୍ରଭାବ ମଧ୍ୟରେ ଶିଳ୍ପାୟନର ବିକାଶ, ଅତ୍ୟଧିକ ପ୍ରାକୃତିକ ସଂପଦର ଶୋଷଣ, ଜଙ୍ଗଲ କ୍ଷୟ, ବିଶ୍ୱତାପ ମାତ୍ରା ବୃଦ୍ଧି ଓ ସବୁଜ ଗୃହ ପ୍ରଭାବ ତଥା ପରିବେଶ ପ୍ରଦୂଷଣ କୁ ଦାୟୀ କରାଯାଇଥାଏ ।

ବୈଜ୍ଞାନିକମାନଙ୍କ ମତରେ ଜଳବାୟୁ ପରିବର୍ତ୍ତନ ପାଇଁ ପ୍ରାକୃତିକ କାରଣ ଅପେକ୍ଷା ମନୁଷ୍ୟକୃତ କାରଣ ଅନେକ ମାତ୍ରାରେ ଦାୟୀ । କାରଣ ପୃଥିବୀର ଉଷ୍ମତା ଦିନକୁ ଦିନ ସହନଶୀଳତା ସ୍ତରଠାରୁ ଅଧିକ ହେଉଛି । ଯାହାକୁ ସାଧାରଣତଃ ସବୁଜ ଗୃହ ପ୍ରଭାବ ବା ଭୂମଣ୍ଡଳୀୟ ତାପମାତ୍ରା ବୃଦ୍ଧି ବା ଗ୍ଲୋବାଲ ୱାର୍ମିଙ୍ଗ ଯୋଗୁଁ ଘଟୁଛି ବୋଲି ୧୯୭୯ ମସିହାରେ ଜେନେଭାଠାରେ ହୋଇଥିବା ପ୍ରଥମ ବିଶ୍ୱ ଜଳବାୟୁ ସମ୍ମିଳନୀରେ ଚର୍ଚ୍ଚା ହୋଇଥିଲା ।

### ବିଶ୍ୱତାପମାନ ବୃଦ୍ଧି ଓ ଜଳବାୟୁ ପରିବ□ନ

ଗ୍ଲୋବାଲୱାର୍ମି ବା ବିଶ୍ୱତାପମାନ ବୃଦ୍ଧି କହିଲେ ସାଧାରଣତଃ ଭୂପୃଷ୍ଠ ଉପର ବାୟୁମଣ୍ଡଳ ଓ ସାମୁଦ୍ରିକ ତାପମାନର ହାରାହାରି ବୃଦ୍ଧିକୁ ବୁଝାଏ । ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପ୍ରାୟ ୦.୦୩% ଥାଏ, ବାକି ୭୫% ନାଇଟ୍ରୋଜେନ ଓ ପାଖାପାଖି



ଜଳବାୟୁ ପରିବର୍ତ୍ତନର ଆଉ ଏକ କାରଣ: ଜଙ୍ଗଲ ପୋଡ଼ି

୨୩% ଅମ୍ଳଜାନ ତଥା ଜଳୀୟ ବାଷ୍ପ ଓ ଅଳ୍ପ ପରିମାଣର ହିଲିୟନ ଓ ନିୟନ ପରି ନିଷ୍କ୍ରିୟ ଗ୍ୟାସ ଥାଏ । କିନ୍ତୁ ଜନ ସଂଖ୍ୟାର ଅହେତୁକ ବୃଦ୍ଧି, ଶିଳ୍ପାୟନର ଦ୍ରୁତ ବିକାଶ, ଯାନବାହାନ ସଂଖ୍ୟାରେ ବୃଦ୍ଧି, କୋଇଲା ଓ ଜାଳେଣୀ ଗ୍ୟାସର ବ୍ୟବହାର ଦ୍ୱାରା ଅଙ୍ଗାରକାମ୍ଳ, ମିଥେନ୍, ନାଇଟ୍ରସ ଅକ୍ସାଇଡ ପରି ଉ□ାପ ବୃଦ୍ଧି କରୁଥିବା ଗ୍ୟାସର ସୃଷ୍ଟି ହେଉଛି । ଯାହା ଫଳରେ ଏହି ବାଷ୍ପଗୁଡ଼ିକ ଭୂପୃଷ୍ଠ ଉପରିସ୍ଥ ବାୟୁମଣ୍ଡଳରେ ଏକ ଆସ୍ତରଣ ସୃଷ୍ଟି କରେ, ଯାହା ପୃଥିବୀ ପୃଷ୍ଠରୁ ବାହାରୁଥିବା ତାପଜ ବିକିରଣକୁ ଓଜନ ସ୍ତର ଦେଇ ବାହାରକୁ ଯିବାକୁ ଦିଏ ନାହିଁ । ଯାହା ଦ୍ୱାରା ବାୟୁମଣ୍ଡଳ ଉତ୍ତପ୍ତ ହୋଇଯାଏ । ଏହାକୁ 'ରିଫ୍ଲେକ୍ଟେଡ୍ ଇନ୍‌ଫ୍ରାରେଡ ରେଡ଼ିଏସନ' ବୋଲି ମଧ୍ୟ କୁହାଯାଇଥାଏ । ଏହି ତାପଜ ବିକିରଣ ସବୁ ଟ୍ରପୋସ୍ଫିଅର ବ୍ୟବସ୍ଥା ମଧ୍ୟରେ ରହିବା ଯୋଗୁଁ ପୃଥିବୀର ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି ଘଟେ । ଏହାକୁ ସବୁଜ ଗୃହ ପ୍ରଭାବ ବା ଗ୍ରୀନ ହାଉସ ଇଫେକ୍ଟ କୁହାଯାଏ

ବିଗତ ଦଶକରେ ସବୁଜଗୃହ ବାଷ୍ପ ନିର୍ଗମନ ଯୋଗୁଁ ପୃଥିବୀରେ ତାପମାନ ବୃଦ୍ଧି ହୋଇଛି ସେଥିଯୋଗୁଁ ହୋଇଥିବା ଜଳବାୟୁ ପରିବ□ନ ଏକ ଗୁରୁତର ଚିନ୍ତାର ବିଷୟ ହୋଇଛି । ଜଳବାୟୁ ପରିବ□ନ ଉପରେ ଜାତିସଂଘର ଆନ୍ତଃସରକାର କମିଟିର ୪ର୍ଥ ରିପୋର୍ଟ କହେ, 'ଯେଉଁଭଳି ଭାବରେ ପୃଥିବୀର ଜଳବାୟୁ ଓ ସାମୁଦ୍ରିକ ତାପମାନରେ ବୃଦ୍ଧି ହେଉଛି ତା'ର ପ୍ରଭାବ ସ୍ୱରୂପ ବରଫ ତରଳୁଛି ଏବଂ ସମୁଦ୍ରସ୍ତର ବୃଦ୍ଧି ଘଟୁଛି । ସେଥିରୁ ପୃଥିବୀର ତାପମାତ୍ରାରେ ନିୟମିତ ବୃଦ୍ଧି ହେଉଛି ବୋଲି କୁହାଯାଇପାରେ ।'

ଗବେଷଣାରୁ ଜଣାପଡିଛି ଯେ ପ୍ରାକ୍ ଶିଳ୍ପିକରଣ ଯୁଗଠାରୁ ବ□ମାନ ମଧ୍ୟରେ ମାନବୀୟ କାର୍ଯ୍ୟ ଯୋଗୁଁ ବାୟୁମଣ୍ଡଳରେ ୩୭ ପ୍ରତିଶତ ଅଙ୍ଗାରକାମ୍ଳ ବୃଦ୍ଧି ପାଇଛି । ୧୭୫୦ ମସିହାରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ମାତ୍ରା ୨୮୦ ପି.ପି.ଏମ.ଭି ଥିବାବେଳେ ୨୦୦୬ ବେଳକୁ ତାହା ୩୦୦ ପି.ପି.ଏମ୍.ଭିକୁ ବୃଦ୍ଧି ପାଇଛି । ଭାରତରେ ଅଙ୍ଗାରକାମ୍ଳ ବୃଦ୍ଧି ପଛରେ ମୂଳ କାରଣ ହେଉଛି ଶକ୍ତି ଉତ୍ପନ୍ନ ପାଇଁ ବ୍ୟବହାର କରାଯାଉଥିବା ଜୀବାଶ୍ମ ଜାଳେଣୀ । କାରଣ ଉତ୍ପାଦିତ ହେଉଥିବା ମୋଟ ଶକ୍ତିର ୫୧ ପ୍ରତିଶତ କୋଇଲା, ୩୪ ପ୍ରତିଶତ ପେଟ୍ରୋଲ ଓ ୭ ପ୍ରତିଶତ ପ୍ରାକୃତିକ ଗ୍ୟାସ ରୁ ମିଳିଥାଏ । ବହୁଳ କୋଇଲା ପୋଡ଼ି ସହିତ ନଗରପାଳିକାର କଠିନ ଆବର୍ଜନା, ବୃହତ ନଦୀବନ୍ଧରୁ ଉତ୍ପନ୍ନ ମିଥେନ । ଏହା ସହିତ ତାଳ ଦେଇ ଚାଲିଛି ବିଳାଶବ୍ୟସନ ଜୀବନଧାରା ଯାହା ଦ୍ୱାରା ଏହି ମାନବକୃତ ସବୁଜଗ୍ରହ ବାଷ୍ପ ଯୋଗୁଁ ଆଞ୍ଚଳିକ ଜଳବାୟୁରେ ମଧ୍ୟ ଅହେତୁକ ପରିବ□ନ ଘଟୁଛି ।

**ଜଳବାୟୁ ପରିବର୍ତ୍ତନର ପ୍ରମାଣ**

ଆଞ୍ଚଳିକ ସ୍ତରରେ ଜଳବାୟୁ ପରିବର୍ତ୍ତନ ଘଟୁଛି ବୋଲି ଆମେ ମୁଖ୍ୟତଃ ଦୁଇଟି ଦୃଷ୍ଟିକୋଣରୁ ପ୍ରମାଣ ପାଇଥାଉ, ସେଗୁଡ଼ିକ ହେଲା ପ୍ରାକୃତିକ ପ୍ରମାଣ ଓ ଜୈବିକ ପ୍ରମାଣ । ପ୍ରାକୃତିକ ପ୍ରମାଣ ହେଲା ଯାହା ଆମେ ଅନୁଭବ କରିପାରୁଛୁ, ଏବଂ ଏହାର ପ୍ରଭାବରେ ଆଞ୍ଚଳିକ ପରିବେଶରେ ଅହେତୁକ ପରିବର୍ତ୍ତନ ଘଟିଥାଏ । ଏଗୁଡ଼ିକ ହେଲା :

୧. ବୃଷ୍ଟିପାତରେ ତାରତମ୍ୟ ଜନିତ ତତ୍‌କାଳ ବନ୍ୟା ଓ ମରୁଡ଼ି ପରିସ୍ଥିତି ବୃଦ୍ଧି
୨. ବିପରୀତ ଜଳବାୟୁ
୩. ଋତୁ ଚକ୍ରରେ ପରିବର୍ତ୍ତନ
୪. ତାପାମାତ୍ରାରେ ପରିବର୍ତ୍ତନ
୫. ଉପକୂଳ ଜଙ୍ଗଲ କ୍ଷୟ ଓ ଜୈବବିବିଧତା ଉପରେ ପ୍ରଭାବ ।
୬. ରୋଗବୃଦ୍ଧି ଓ ସ୍ୱାସ୍ଥ୍ୟ ଉପରେ ପ୍ରଭାବ
୭. ଫସଲ ଚକ୍ରରେ ପରିବର୍ତ୍ତନ, ଫସଲ ଉତ୍ପାଦନ ରେ ହ୍ରାସ ଭଳି କୃଷି ସମସ୍ୟା
୮. ସାମୁଦ୍ରିକ ଜଳ ପତନ ବୃଦ୍ଧି
୯. ଉଦ୍ଭିଦର ଜୀବନ ଚକ୍ରରେ ପରିବର୍ତ୍ତନ

**ମୌସୁମୀ ବାୟୁର ଲୁଚକାଳି ଖେଳ; ଚାଷୀଙ୍କ ପାଇଁ କାଳ**

ଜଳବାୟୁ ପରିବ□ନ ଜନିତ ପ୍ରଭାବ ଆମ ରାଜ୍ୟ ପାଇଁ ନୂଆଁ ନୂଆଁ ସମସ୍ୟା ନେଇ ଆସିଲାଣି । ଯାହର ଫଳସ୍ୱରୂପ ଓଡ଼ିଶାର ବର୍ଷାପାତରେ ତାରତାମ୍ୟ ଦେଖାଯାଉଛି । ଭାରତର ପୂର୍ବ-ସମୁଦ୍ର ଉପକୂଳରେ ଅବସ୍ଥିତ ଆମ ରାଜ୍ୟରେ ଦେଶର ଅନ୍ୟାନ୍ୟ ଅ□ଳପରି ଗ୍ରୀଷ୍ମମଣ୍ଡଳୀୟ-ମୌସୁମୀ ବାୟୁ ପ୍ରବାହିତ ହୋଇଥାଏ । ରାଜ୍ୟସାରା ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ସାଧାରଣତଃ ଜୁନ୍ ପା□ରୁ ଦଶ ତାରିଖ ମଧ୍ୟରେ ଉପକୂଳବ□ୀ ଅ□ଳରେ ପ୍ରବେଶ କରେ ଏବଂ ଜୁଲାଇ ପହିଲା ସୁଦ୍ଧା ସମଗ୍ର ରାଜ୍ୟରେ ଏହା ଖୋଳିଯାଏ । ଅକ୍ଟୋବର ୧୫ ତାରିଖ ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରୁ ବିଦାୟ ନିଏ । କିନ୍ତୁ ଗୋଟିଏ ଦଶନ୍ଧିରୁ ଉର୍ଦ୍ଧ୍ୱ ହେବ ଏବେ ଓଡ଼ିଶାରେ ବର୍ଷାପାତ ଓ ବୃଷ୍ଟିଦିବସରେ ତାରତାମ୍ୟ ଲକ୍ଷ୍ୟ କରାଯାଉଛି । ମୌସୁମୀବାୟୁର ଆଗମନରେ ତାଳମେଳ ରହୁନାହିଁ । ପାଣିପାଗବିତ୍‌ଙ୍କ କହିବାନୁସାରେ ଏହା ଆମ ରାଜ୍ୟରେ ଜୁନ୍ ପହିଲା ସୁଦ୍ଧା ଆସିବା ଆବଶ୍ୟକ । କିନ୍ତୁ ୧୫ ବର୍ଷର ତଥ୍ୟକୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ, ୧୯୯୫, ୧୯୯୬, ୧୯୯୭, ଓ ୧୯୯୮ ମସିହା ବେଳକୁ ଜୁନ୍ ଦ୍ୱିତୀୟ ସପ୍ତାହ ବେଳକୁ ମୌସୁମୀ ଆସୁଥିଲାବେଳେ ୧୯୯୯ ମସିହାରେ ଏଥିରେ ବ୍ୟତିକ୍ରମ ଦେଖାଗଲା । ମୌସୁମୀ ତାର ଦିନ ବଦଳାଇ ଦେଲା । ଏଥର ଜୁନ୍ ୨୮ରେ ଆସିଲା । ତେବେ ୨୦୦୦, ୨୦୦୧, ୨୦୦୨, ୨୦୦୩ ଓ ୨୦୦୪ରେ ଠିକ୍ ସମୟରେ ଆସିଲା କିନ୍ତୁ ଶୀଘ୍ର ଫେରିଗଲା । ଏପରିକି ୨୦୦୭ ମସିହାରେ ମୌସୁମୀବାୟୁ ଠିକ୍ ସମୟରେ ପହ□ିଲା ସତ; ମାତ୍ର କିଛି ଦିନ ଲୁଚି ରହିଲା । ଯାହାର ପ୍ରଭାବରେ ବୁଣା ଧାନ ସବୁ ଗଜା ମରୁଡ଼ିର ଶିକାର ହେଲା । ହଠାତ୍ ଜୁଲାଇ ମାସର ପ୍ରଥମ ସପ୍ତାହରେ ପ୍ରବଳ ବର୍ଷା କରାଇ ୧୧ଟି ଜିଲ୍ଲାର ଧନ ଜୀବନ ବିପର୍ଯ୍ୟସ୍ତ କରିଦେଲା । ଏହିବର୍ଷ ସାରା ଭାରତରେ ୧୬ଟି ବର୍ଷାଚକ୍ର ସୃଷ୍ଟି ହୋଇଥିଲା । ବଙ୍ଗୋପସାଗରରେ ୧୪ଟି ଲଘୁଚାପ ମଧ୍ୟରୁ ୭ଟି ଘନୀଭୂତ ହୋଇଥିଲା । ଏହି ତାରତମ୍ୟ ଯୋଗୁଁ ୧୭ଟି ଅଣ ଉପକୂଳ ଜିଲ୍ଲା ବନ୍ୟାରେ ଆକ୍ରାନ୍ତ ହୋଇଥିଲା ।

**ବର୍ଷାପାତ ଓ ବୃଷ୍ଟି ଦିବସରେ ତାରତମ୍ୟ**

ଓଡ଼ିଶାରେ ହାରାହାରି ୧୪୮୨.୨ ମିଲି ମିଟର ବର୍ଷାପାତ ହୋଇଥାଏ । ଏହି ବର୍ଷାପାତର ୮୦ ପ୍ରତିଶତ କେବଳ ମୌସୁମୀ ବାୟୁ ପ୍ରବାହ ଦ୍ୱାରା ତିନିମାସ ମଧ୍ୟରେ ହୁଏ । ଏବେ କିନ୍ତୁ ଏହି ବର୍ଷାପାତର ଅବଧି କମିଯାଇଛି । ବର୍ଷାପାତ ଓ ବର୍ଷାଦିବସର ଅବଧିକୁ ନେଇ ଆମ ରାଜ୍ୟର ଚାଷୀମାନଙ୍କ ପାଖରୁ ଏକ ଲୋକବାଣୀ ଶୁଣିବାକୁ ମିଳେ ।

*"ଆଠ ଦୁମୁକୁଣୀ ଷୋଳ ଅସରା,*
*ବତିଶ ଝିପିଝିପି ଚଉଷଠି କୁଣ୍ଡାଝରା ।*
*ତେବେ ଯାଇ ଚାଷୀ ଭାଇ ପେଟ ହୁଏ ଭରା ।।*

ଅର୍ଥାତ୍ ୮ ଦିନର ପ୍ରବଳ ବର୍ଷା, ୧୬ ଦିନର ଲଗାତର ବର୍ଷା, ୩୨ ଦିନର ଝିପିଝିପି ବର୍ଷା ଏବଂ

## ଓଡ଼ିଶାର ବୃଷ୍ଟିପାତ : ଏକ ତୁଳନାତ୍ମକ ବିଶ୍ଳେଷଣ (ମିଲିମିଟିରରେ)

| ବର୍ଷ | ପ୍ରକୃତ ବୃଷ୍ଟିପାତ | ବ୍ୟତିକ୍ରମ | ଶତକଡ଼ା ପରିବ□ନ | ପ୍ରାକୃତିକ ବିପର୍ଯ୍ୟୟ |
|---|---|---|---|---|
| ୧୯୯୬ | ୯୯୦ | (-)୪୯୨.୨ | ୪୯.୭୨ | ମରୁଡ଼ି |
| ୧୯୯୭ | ୧୫୬୩ | (-)୧୯.୨ | ୧.୩୧ | ବନ୍ୟା |
| ୧୯୯୮ | ୧୨୮୦ | (-)୨୦୨.୨ | ୧୫.୮୦ | ମରୁଡ଼ି |
| ୧୯୯୯ | ୧୪୩୩.୮ | (-)୪୮.୪ | ୩.୩୮ | ବନ୍ୟା/ବାତ୍ୟା |
| ୨୦୦୦ | ୯୫୬ | (-)୫୨୬.୨ | ୫୫.୦୪ | ମରୁଡ଼ି |
| ୨୦୦୧ | ୧୬୧୬.୨ | (+) ୧୩୪ | (+)୮.୨୯ | ବନ୍ୟା |
| ୨୦୦୨ | ୧୦୦୭.୮ | ୪୭୪.୪ | ୪୭.୦୬ | ମରୁଡ଼ି |
| ୨୦୦୩ | ୧୬୬୩.୫ | (+)୧୮୧.୩ | (+)୧୦.୯୦ | ବନ୍ୟା |
| ୨୦୦୪ | ୧୨୬୩.୬ | (-)୨୦୮.୬ | ୧୬.୩୮ | ବନ୍ୟା |
| ୨୦୦୫ | ୧୪୫୧.୨ | (-)୩୧ | ୨.୧୪ | ବନ୍ୟା |

୬୪ ଦିନର କୁଣ୍ଡାଝଡ଼ା ପରି ଅଳ୍ପ ଅଳ୍ପ ବର୍ଷା ଏସବୁ ମିଶେଇ ୧୨୦ ଦିନ ବର୍ଷା ହେଲେ ଭଲ ଫସଲ ହୋଇଥାଏ । ଅର୍ଥାତ୍ ପୂର୍ବେ ୧୨୦ ଦିନ ଧରି ବର୍ଷା ହେଉଥିଲା । କିନ୍ତୁ ବ□ମାନ ଏହି ବର୍ଷା ଦିନର ଅବଧି ୭୦ ଦିନ ହେଉଛି ଅର୍ଥାତ୍ ୫୦ ଦିନ କମିଗଲାଣି । ଓଡ଼ିଶାରେ ୧୪୮୨.୨ ମିଲିମିଟର ବର୍ଷା ହୋଇଥାଏ । କିନ୍ତୁ ବିଗତ ୧୦ ବର୍ଷ ମଧ୍ୟରେ ହାରାହାରି ୧୩୧୩.୫୧ ମିଲିମିଟର ବର୍ଷା ହୋଇଥିଲା । ଠିକ୍ ସେହିପରି ବର୍ଷାପାତ ଦୃଷ୍ଟିରୁ ଓଡ଼ିଶାକୁ ଉଚ୍ଚ ବୃଷ୍ଟିପାତ ଅ□ଳ ଓ ନିମ୍ନ ବୃଷ୍ଟିପାତ ଦୁଇଟି ଅ□ଳର ବିଭକ୍ତ କରାଯାଇଛି । କିନ୍ତୁ ଜଳବାୟୁ ପରିବ□ନ ଯୋଗୁଁ ନିମ୍ନ ବୃଷ୍ଟିପାତ ଅ□ଳର ବୃଷ୍ଟିପାତ ଉଚ୍ଚ ବୃଷ୍ଟିପାତ ଅ□ଳର ବୃଷ୍ଟିପାତ ସହ ପାଖାପାଖି ସମାନ ହେବାରେ ଲାଗିଲାଣି ।

### ବିପରୀତ ଜଳବାୟୁ ପ୍ରାକୃତିକ ବିପର୍ଯ୍ୟୟର କାରଣ

ପୂର୍ବରୁ ଆମେ ଶୁଣି ଆସୁଥିଲେ ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଚିର ସହରେ ଅର୍ଥାତ୍ ଏଠି ବନ୍ୟା, ବାତ୍ୟା, ମରୁଡ଼ି ହୁଏ । ବିଭିନ୍ନ ସରକାରୀ ତଥ୍ୟ ବିଶ୍ଳେଷଣ କଲେ ଜଣାପଡ଼ିଥାଏ ୧୯୫୫ ରୁ ୨୦୦୮ ମସିହା ଅର୍ଥାତ୍ ୪୨ ବର୍ଷ ମଧ୍ୟରେ ଆମ ରାଜ୍ୟରେ ୨୮ଥର ବନ୍ୟା, ୧୯ ଥର ମରୁଡ଼ି ଓ ୭ ଥର ବାତ୍ୟା ହୋଇଛି । କିନ୍ତୁ ଜଳବାୟୁର ଦ୍ରୁତ ପରିବ□ନ ଯୋଗୁଁ ବିଗତ ୧୮ ବର୍ଷ ମଧ୍ୟରେ ବନ୍ୟା ୧୨ ଥର, ମରୁଡ଼ି ୫ ଥର ଓ ବାତ୍ୟା ଥରୁଟିଏ ଅନୁଭୂତ ହୋଇଛି । ଏପରିକି ଗୋଟିଏ ବର୍ଷ ବନ୍ୟା ହେଲାବେଳେ ତା'ପର ବର୍ଷ ମରୁଡ଼ି ମଧ୍ୟ ଅନୁଭୂତ ହୋଇଛି । ସଂପ୍ରତି ବନ୍ୟା ଓ ମରୁଡ଼ି କେବଳ ଉପକୂଳ ଜିଲ୍ଲା ନୁହେଁ ପାର୍ବତ୍ୟାଞ୍ଚଳ ଗୁଡ଼ିକୁ ମଧ୍ୟ ଗ୍ରାସ କରିବାକୁ ବସିଲାଣି । ସାଧାରଣତଃ ଉପକୂଳ ଅଞ୍ଚଳରେ ସମସ୍ତ ନଦୀର ପାଣି ନିଷ୍କାଷନ ହେଉଥିବାରୁ ଏଠାରେ ବନ୍ୟା ଦେଖା ଯାଇଥାଏ; ହେଲେ ଏବେ କୋରାପୁଟ, ମାଲକାନାଗିରି ଓ ବଲାଙ୍ଗୀରରେ ମଧ୍ୟ ବନ୍ୟା ହେଉଛି । ଏହାଛଡ଼ା ବନ୍ୟା ପ୍ରବଣଅଞ୍ଚଳ ମଧ୍ୟ ବଢ଼ିବାରେ ଲାଗିଛି । ୯୧ ମସିହା ବେଳକୁ ୧୦ଟି ଜିଲ୍ଲାରେ ବନ୍ୟା ଦ୍ୱରା କ୍ଷୟକ୍ଷତି ଘଟୁଥିଲା । କିନ୍ତୁ ୧୯୯୪ ମସିହା ଠାରୁ ଏହା ବଢି ବଢ଼ି ଚାଲିଛି; ଏବେ ଆମ ରାଜ୍ୟର ପ୍ରାୟ ୨୭ ଟି ଜିଲ୍ଲା ରେ ବନ୍ୟାର ଆତଙ୍କ ଖେଳିଯାଇଛି । ଠିକ୍ ସେହିପରି ନଦୀଗୁଡ଼ିକର ଅବସ୍ଥା । ପୂର୍ବେ ମହାନଦୀ ଓ ତା'ର ଉପନଦୀ ଗୁଡ଼ିକରେ କାଁ ଭାଁ ବନ୍ୟା ଆସୁଥିଲା; ହେଲେ ଏବେ ୭ରୁ ଅଧିକ ମୁଖ୍ୟନଦୀ ଗୁଡ଼ିକରେ ବନ୍ୟା ଆସୁଛି ।

ସମ୍ପ୍ରତି ବ୍ୟାପକ ଜଙ୍ଗଲ ନଷ୍ଟ ହେବା ଯୋଗୁଁ ଜଙ୍ଗଲଗୁଡ଼ିକ ଆଉ ଘ□ ହୋଇନାହିଁ । ତେଣୁ ମୃର୍ତ୍ତିକା କ୍ଷୟ ଘଟୁଛି । ବ୍ୟାପକ ମୃ□କାକ୍ଷୟ ଘଟି ନଦୀ ଶଯ୍ୟାଗୁଡ଼ିକ ଅଗଭୀର ହୋଇପଡୁଛି ଓ ଅଗଭୀର ନଦୀ ଗୋଟିଏ ଦିନରେ ହୋଇଥିବା ବ୍ୟାପକ ବୃଷ୍ଟିପାତକୁ ନିଷ୍କାଷନ କରି ପାରିନଥାଏ, ତେଣୁ ବନ୍ୟା ଦେଖାଯାଉଛି । ରାଜ୍ୟର ମୋଟ ୨୨୧ ଲକ୍ଷ ହେକ୍ଟର ମିଟର ବର୍ଷା ଜଳ ମଧ୍ୟରୁ ପ୍ରାୟ ୧୬୧.୭ ଲକ୍ଷ ହେକ୍ଟର ମିଟର ଜଳ ନଦୀ ଓ ନାଳ ଦେଇ ବୋହି ଯାଉଥାଏ । ଏହାଦ୍ୱାରା ପ୍ରତିବର୍ଷ ୩.୬୫ କୋଟି ଟନ୍ ମୃ□କା ଧୋଇ ହୋଇଥାଏ । କେବଳ ମହାନଦୀ ଦ୍ୱାରା ବାର୍ଷିକ ୧.୪୮ କୋଟି ଘନମିଟର ମୃ□କା କ୍ଷୟ ଘଟି ବନ୍ୟାଜଳ ସହ ମିଶି ସମୁଦ୍ରକୁ ଚାଲିଯାଏ । ଠିକ୍ ସେହିପରି ଜଙ୍ଗଲ କ୍ଷୟର ପ୍ରଭାବ ଯୋଗୁଁ ଚିରସ୍ରୋତା ଝରଣାଗୁଡ଼ିକ ଲୋପପାଇବାରୁ ଭୂତଳ ଜଳସ୍ତର ମଧ୍ୟ ନିମ୍ନଗାମୀ ହେବାରେ ଲାଗିଛି । ତେଣୁ ଅଳ୍ପ ବର୍ଷାରେ ବନ୍ୟା ହେବା ସହିତ ପରବର୍ଷକୁ ମରୁଡ଼ି ସୃଷ୍ଟି ହେଉଛି ।

### ଗ୍ରୀଷ୍ମ ଲହରୀ ଓ ଅଂଶୁଘାତ ବଢ଼ୁଛି

ଗବେଷକଙ୍କ ମତରେ ଗତ ବାରଶହ ବର୍ଷ ମଧ୍ୟରୁ ୧୯୯୦-୧୯୯୯ ମସିହା ସର୍ବାଧିକ ଉ□ପ୍ତ ଦଶକ ଥିଲା ଏବଂ ୧୯୯୮ ସର୍ବାଧିକ ଉ□ପ୍ତ ବର୍ଷ ଥିଲା । ବିଶ୍ୱ ଜଳବାୟୁ କାର୍ଯ୍ୟକ୍ରମ (ୱାର୍ଲଡ କ୍ଲାଇମେଟ ପ୍ରୋଗ୍ରାମ) ଅନୁଯାୟୀ ବିଗତ ଦେଢଶହ ବର୍ଷ ମଧ୍ୟରେ ଭୂପୃଷ୍ଠର ତାପମାତ୍ରା ୧.୦୮ ରୁ ୧.୨୬ ଡିଗ୍ରୀ ସେ□ଗ୍ରେଡ ବୃଦ୍ଧି ପାଇଛି । ସେହିପରି ବିଂଶ ଶତାବ୍ଦୀର ଶେଷସୁଦ୍ଧା ତାପମାତ୍ରା ୦.୬୦ ସେ□ଗ୍ରେଡ ବୃଦ୍ଧି ଘଟିଛି , ଯାହାକି ପୂର୍ବାନୁମାନଠାରୁ ୦.୧୫ ଡିଗ୍ରୀ ସେ□ଗ୍ରେଡ ଅଧିକ । ଏସବୁକୁ ତୁଳନା କଲେ ସ୍ପଷ୍ଟ ଜଣାପଡେ ଯେ, ଏହି ତାପମାତ୍ରା ବୃଦ୍ଧିର ପ୍ରଭାବ ଆମ ରାଜ୍ୟରେ ମଧ୍ୟ ପ୍ରଭାବ ପକାଇଛି । ଯାହାର ଫଳ ସ୍ୱରୂପ ୨୦୦୬ ଫେବୃୟାରୀ ମାସରେ ଭୁବନେଶ୍ୱରର ତାପମାତ୍ରା ୪୬.୬ ଡିଗ୍ରୀକୁ ମଧ୍ୟ ଟପିଯାଇଛି । ଏହି ତାପମାତ୍ରା ବୃଦ୍ଧି ଜଳବାୟୁ କୁ ଉତ୍ତପ୍ତ କରିବା ସହିତ ଅଂଶୁଘାତ ସୃଷ୍ଟି କରିଥାଏ । ସାଧାରଣ ଜନଜୀବନ ଦୁର୍ବିସହ ହୋଇପଡ଼େ । ସରକାରୀ ରେକର୍ଡ ଅନୁଯାୟୀ ରାଜ୍ୟରେ ଅଂଶୁଘାତ ଯୋଗୁଁ ଗତ ୧୯୯୮ ମସିହାରେ ୨୦୪୨ ଜଣଙ୍କ ପ୍ରାଣୀହାନୀ ଘଟିଥିବାବେଳେ ୧୯୯୯ରେ ୯୧ ଜଣ, ୨୦୦୦ରେ ୨୯ ଜଣ, ୨୦୦୧ ରେ ୨୫ ଜଣ, ୨୦୦୨ରେ ୪୧ ଜଣ, ୨୦୦୩ରେ ୬୬ ଜଣ, ୨୦୦୪ରେ ୪୩ ଜଣ, ୨୦୦୫ରେ ୨୩୩ ଜଣଙ୍କ ପ୍ରାଣହାନୀ ଘଟିଛି । ଅଦିନ ବର୍ଷାର ପରିମାଣ ବୃଦ୍ଧି ଯୋଗୁଁ ବାୟୁଚାପ ଦ୍ୱାରା ଘଡ଼ଘଡ଼ି ଓ ବିଜୁଳି ଜନିତ ପ୍ରଭାବ ମଧ୍ୟ ପଡୁଛି ବୋଲି ଗବେଷକମାନେ ମତ ଦେଉଛନ୍ତି ।

ତାପମାତ୍ରା ବୃଦ୍ଧି ସାଙ୍ଗକୁ ବର୍ଷା ଓ ଆର୍ଦ୍ରତା କମିଯିବା ଦ୍ୱାରା ଅଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି । ପାଣିପାଗ କାର୍ଯ୍ୟାଳୟର ତଥ୍ୟ ଅନୁସାରେ ୧୦ ବର୍ଷ ମଧ୍ୟରେ ଆମ ରାଜ୍ୟରେ ୧୩୫ ଦିନ ଗ୍ରୀଷ୍ମ

ଲହରୀ ପ୍ରବାହିତ ହୋଇଥିଲା । ଏଥିମଧ୍ୟରୁ ୨୦୦୫ ଓ ୧୯୮୮ ମସିହାରେ ସର୍ବୋଚ୍ଚ ୨୫ ଦିନ ଓ ୨୧ ଦିନ ପଶ୍ଚିମା ଝାଞ୍ଜି ପବନ ବହିଥିଲା । ଏସବୁକୁ ଲକ୍ଷ୍ୟକରି ବୈଜ୍ଞାନିକମାନେ ମତ ଦେଲେଣି ମୃ□ିକାର ଆର୍ଦ୍ରତା ୫ ପ୍ରତିଶତ ହ୍ରାସ ପାଇବ । ଫଳତଃ ବୃଷ୍ଟିଛାୟା ଅ□ଳରେ କୃଷି ପାଇଁ ଆବଶ୍ୟକୀୟ ଜଳର ଘୋର ଅଭାବ ପଡ଼ିବ ଏବଂ କୃଷି ଉତ୍ପାଦନ ହ୍ରାସ ପାଇବ ।

## ଋତୁଚକ୍ରରେ ପରିବ□ର୍ନ

ବିଗତ କିଛି ବର୍ଷ ଧରି ଜଳବାୟୁରେ ପରିବ□ର୍ନ ଘଟୁଥିବା ଯୋଗୁଁ ଋତୁଚକ୍ରରେ ମଧ୍ୟ ପରିବ□ର୍ନ ଦେଖାଗଲାଣି । ଗ୍ରୀଷ୍ମ, ବର୍ଷା, ଶୀତ ଏହି ତିନୋଟି ମୁଖ୍ୟଋତୁ ଯେଉଁ ସମୟରେ ଯେତେଦିନ ହେବା କଥା ହେଉନାହିଁ । ଶୀତଋତୁ ଓ ଶୀତର ପ୍ରକୋପ କ୍ରମେ କମିଯାଉଥିବା ବେଳେ ଗ୍ରୀଷ୍ମଋତୁ ଓ ଖରାର ପ୍ରକୋପ କ୍ରମଶଃ ବଢ଼ିବାରେ ଲାଗିଛି । ଏବେ ଶୀତ ଦିନ ମାତ୍ର ଦୁଇମାସ ଡ଼ିସେମ୍ବର ଓ ଜାନୁୟାରୀ ରେ ଅନୁଭୂତ ହେଉଛି । କୋରାପୁଟ ଜିଲ୍ଲାର ପ□ପଟ୍ଟମାଳୀ ଅ□ଳର ଲୋକେ କହିଥାନ୍ତି । ୧୯୮୦ ମସିହା ପୂର୍ବରୁ ଖଣିଖନନ ପାଇଁ ପାହାଡ଼ ଉପରକୁ ଗଲେ ମାର୍ଚ୍ଚ ଅପ୍ରେଲ ମାସରେ ମଧ୍ୟ ଗରମ ପୋଷାକ ପିନ୍ଧିବାକୁ ପଡୁଥିଲା । ଦାରିଙ୍ଗବାଡିରେ ଫେବୃୟାରୀ ଶେଷ ଓ ମାର୍ଚ୍ଚ ଅଧା ପର୍ଯ୍ୟନ୍ତ ବରଫ ପଡୁଥିଲା । କିନ୍ତୁ ବ□ମାନ ଫେବୃୟାରୀ ଅଧାରୁ ଜୁଲାଇ ଅଧା ଯାଏ ପୁରା ପା□ ମାସ ଗ୍ରୀଷ୍ମଋତୁ । ଏପ୍ରିଲ, ମଇ ଓ ଜୁନ୍ ମାସରେ ପ୍ରବଳ ଖରା । ଘରୁ ବାହାରକୁ ବାହାରି ହେଉ ନାହିଁ । ବର୍ଷାଋତୁ ଠିକ୍ ସମୟରେ ଜୁଲାଇ ମାସକୁ ଆସୁନାହିଁ । ଠିକ୍ ସମୟରେ ଲୋକେ ଚାଷ କାର୍ଯ୍ୟ ଆରମ୍ଭ କରିପାରୁନାହାନ୍ତି । ତାହାଛଡ଼ା କେତେବେଳେ ଅଧିକ ବର୍ଷା ତ କେବେ କେବେ ବର୍ଷାର ଅଭାବ । ତେଣୁ ବନ୍ୟା ଓ ମରୁଡ଼ି ସର୍ବଦା ଲାଗି ରହୁଛି ।

ଏହି ତିନିଋତୁକୁ ଛାଡି ଦେଲେ ଶରତ, ହେମନ୍ତ ଓ ବସନ୍ତ ଋତୁ କେତେବେଳେ ଆସି କେତେବେଳେ ଯାଉଛି ତାହା ଜାଣି ହେଉନାହିଁ । ମାନବ ଅଧିକାର ସେବା ସଂସ୍ଥାନ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟରୁ ଜଣାପଡେ ଯେ, ଓଡ଼ିଶାରେ ଅନୁଭୂତ ହେଉଥିବା ଛଅଟି ଋତୁ ଏବେ ବଦଳିବାକୁ ଲାଗିଲାଣି । ଗ୍ରୀଷ୍ମଋତୁ ସାଧାରଣତଃ ୬୦ ଦିନ ହେବା ବଦଳରେ ଏହା ବଢି ଯାଇ ୨୫୦ ଦିନକୁ ଅତିକ୍ରମ କଲାଣି । ବର୍ଷା ଓ ଶୀତ ଉଭୟ ଋତୁ ୬୦ ଦିନ ଲେଖାଏଁ ହେବା ବଦଳରେ ୩୦ ଦିନକୁ କମି ଆସିଲାଣି । ଠିକ୍ ସେହିପରି ଶରତ, ହେମନ୍ତ ଓ ବସନ୍ତ ଋତୁ ମାତ୍ର ୫ ରୁ ୧୦ ଦିନ ଅନୁଭୂତ ହେଉଛି ।

ଋତୁଚକ୍ରର ଏହି ପରିବ□ର୍ନ ଯୋଗୁଁ ବାୟୁମଣ୍ଡଳରେ ୧ ଓ ୨ ଡିଗ୍ରୀ ତାପମାତ୍ରା ବୃଦ୍ଧି ହେଲେ ହେକ୍ଟର ପିଛା ଧାନ ଉତ୍ପାଦନ ଉପକୂଳ ଅ□ଳରେ ୦.୭୫ ଟନ୍ ହ୍ରାସ ପାଇବ । ଶୀତ କାଳରେ ତାପମାନରେ ୦.୫ ଡିଗ୍ରୀ ବୃଦ୍ଧି ହେଲେ ହେକ୍ଟର ପିଛା ଗହମ ଉତ୍ପାଦନ ୦.୪୫ ଟନ୍ ହ୍ରାସ ଘଟିବ ।

## ଭୂମି ଅବକ୍ଷୟ ଓ କୃଷି ଚକ୍ର ଉପରେ ପ୍ରଭାବ

ଜଳବାୟୁରେ ପରିବ□ର୍ନ ଓ ମଣିଷର ହସ୍ତକ୍ଷେପ ଯୋଗୁଁ ରାଜ୍ୟରେ ଭୂମି ଅବକ୍ଷୟ ପ୍ରକ୍ରିୟା ଦ୍ରୁତଗତିରେ ବୃଦ୍ଧି ପାଇଛି । କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ଓଡ଼ିଶାଙ୍କ ତଥ୍ୟ ଅନୁସାରେ ଆମ ରାଜ୍ୟରେ ଚାଷଜମିର ପରିମାଣ କମିଛି । ଏକଥା ମଧ୍ୟ କୁହାଯାଉଛି ଯେ, ଅମଳ କ୍ଷମତା ବଢ଼ିଛି । କିନ୍ତୁ ସରକାରୀ ତଥ୍ୟକୁ ବିଶ୍ଳେଷଣ କଲେ ଜଣାପଡେ ଯେ, ଆମ ସରକାର କୃଷି ପ୍ରତି କେତେ ସମ୍ବେଦନଶୀଳ । ମୁଖ୍ୟତଃ ଓଡ଼ିଶାର ମୁଖ୍ୟ ଖାଦ୍ୟ ଚାଉଳ, ତେଣୁ ୨୦୦୧ରେ ୪୨୩୦ ହଜାର ହେକ୍ଟର ଜମିରେ ଧାନଚାଷ ହେଉଥିଲା କିନ୍ତୁ ୨୦୦୭ ମସିହା ବେଳକୁ ୪୧୧୮ ହଜାର ହେକ୍ଟର ଜମିରେ ଧାନଚାଷ ହେଉଛି ଅର୍ଥାତ୍ ୧୧୨ ହଜାର ହେକ୍ଟର ଜମିରେ ଆଉ ଧାନଚାଷ ହେଉନି । କେବଳ ସେତିକି ନୁହେଁ ଆଖୁଚାଷର ପରିମାଣ ୯ ହଜାର ହେକ୍ଟର, କପାଚାଷ ଜମିର ପରିମାଣ ୧୩ ହଜାର ହେକ୍ଟର ଯଅ, ମାଣ୍ଡିଆ ଓ ବାଜରା ପ୍ରଭୃତି ଫସଲ ଜମିର ପରିମାଣ ୨୨ ହଜାର ହେକ୍ଟର କମିଛି ।

ଏସବୁ ସମସ୍ୟାର ମୂଳ କାରଣ ଭିତରୁ ଦୁଇଟିକୁ ଆଲୋଚନା କରାଯାଇପାରେ । ପ୍ରଥମଟି ହେଲା ଜଳସେଚନ ଓ ଦ୍ୱିତୀୟଟି ହେଲା ଜଳବାୟୁ ପରିବର୍ତ୍ତନ । ଜଳସେଚନ ସମସ୍ୟାକୁ ଯଦି ଆଲୋକପାତ କରିବା ତେବେ ଜଣାପଡୁଛି, ସ୍ୱାଧୀନତା ପୂର୍ବରୁ ଆମ ରାଜ୍ୟରେ ମାତ୍ର ୧୮୩ ହଜାର ୭୦ ହେକ୍ଟର ଜମିରେ ଜଳସେଚନ କରାଯାଉଥିଲା । ମାତ୍ର ବିଭିନ୍ନ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ମାର୍ଚ୍ଚ ୨୦୦୮ ମସିହା ସୁଦ୍ଧା ୨୭ ଲକ୍ଷ ୬୩ ହଜାର ୨୩୦ ହେକ୍ଟର ଜମିକୁ ଜଳସେଚନ କରାଯାଇପାରୁଛି । ଅର୍ଥାତ୍ ଆମ ରାଜ୍ୟରେ ଥିବା ୬୧ ଲକ୍ଷ ୬୫ ହଜାର ହେକ୍ଟର ଚାଷ ଜମି ମଧ୍ୟରୁ ୫୦ ଲକ୍ଷ ହେକ୍ଟର ଜମିରେ ଜଳସେଚନ କରାଯିବାର ସୁବିଧାଥିଲେ ମଧ୍ୟ ମାତ୍ର ୫୪ ପ୍ରତିଶତ ଜମିକୁ ଜଳସେଚନ କରାଯାଇପାରିଛି । କୃଷିବିଭାଗର ହିସାବ ଅନୁସାରେ ମାତ୍ର ୩୩ ଭାଗ ଜମିରେ ବର୍ତ୍ତମାନ ଖରିଫ ଋତୁରେ ଜଳସେଚନ କରାଯାଇପାରିବ । ତେଣୁ କୃଷକର ଅବସ୍ଥା ସୁଧୁରିବ କେମିତି ?

ଠିକ୍ ସେହିପରି ଅମଳ କ୍ଷମତା ବଢେଇବା ପାଇଁ ରାସାୟନିକ ସାର ପ୍ରୟୋଗ କଥା ବିଚାରକୁ ନେଲେ ଜଣାଯାଏ ଯେ, ୨୦୦୨-୦୩ ବର୍ଷରେ ଆମ ରାଜ୍ୟରେ ହେକ୍ଟର ପିଛା ୩୯ କି.ଗ୍ରା. ସାର ବ୍ୟବହାର ହେଉଥିଲା । କିନ୍ତୁ ୨୦୦୫-୦୬ ବେଳକୁ ୪୬ କି.ଗ୍ରା ଏବଂ ୨୦୦୭-୦୮ ବେଳକୁ ଏହା ବଢିଯାଇ ୫୩ କି.ଗ୍ରା ୨୦୦ ଗ୍ରାମରେ ପହଞ୍ଚିଲାଣି । ଚାଷୀ କୀଟନାଶକ ଓ ରାସାୟନିକ ସାର ପ୍ରୟୋଗ କରି କରି ନୟାନ୍ତ ହୋଇପଡ଼ିଲାଣି ସିନା ଫସଲ ଉତ୍ପାଦନ ଆଶାଜନକ ହେଉନି । ତେଣୁ ଋଣ ବୋଝ ଓ ସାମାଜିକ ଦୁଶ୍ଚିନ୍ତାରେ ୧୯୯୮ ମସିହାରୁ ୨୦୦୬ ମସିହା ମଧ୍ୟରେ ୨୪୧୯ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି ।

ଫସଲ ଉତ୍ପାଦନର ହ୍ରାସର ଧାରାବାହିକ ବିବରଣୀକୁ ଅନୁଶୀଳନ କଲେ ସ୍ପଷ୍ଟ ରୂପେ ଜଣାପଡୁଛି ଯେ, ଜମିର ଉତ୍ପାଦନ ଶକ୍ତି ହ୍ରାସ ପାଉଛି ଓ ଜଳବାୟୁ ପ୍ରଭାବ ଜନିତ ପ୍ରଭାବ ବଢିବାରେ ଲାଗିଛି । କିନ୍ତୁ ଏସବୁ ପ୍ରତି ସରକାରଙ୍କ ଖ୍ୟାମଖିଆଲି ମନୋଭାବ ଯୋଗୁଁ ୧୯୯୧ ମସିହାରେ ସରକାରୀଭାବେ ଚିହ୍ନିତ ଚାଷ ଅଯୋଗ୍ୟ ଜମିର ପରିମାଣ ୪,୯୯,୦୦୦ ହେକ୍ଟର ଥିଲା କିନ୍ତୁ ୨୦୦୫ ମସିହା ବେଳକୁ ଏହାର ପରିମାଣ ୬୦ ପ୍ରତିଶତ ବଢିଗଲାଣି । ଏହା ସହିତ ତାଳ ଦେଇ ବଢି ଚାଲିଛି ପତିତ ଜମିର ପରିମାଣ, ଯାହା ୩୨୧୦୦୦ ହେକ୍ଟରରୁ ୯୧୨୦୦୦ ହେକ୍ଟରରେ ପହଞ୍ଚିଗଲାଣି । ତଥାପି ସରକାରଙ୍କ ଆଖି ଖୋଲୁନାହିଁ ଯେ, ଖଣିଖନନ, ଶିଳ୍ପାୟନ ଓ ସହରୀକରଣ ପାଇଁ ଅବାଧଭାବେ ଚାଷଜମି ଓ ଜଙ୍ଗଲ ଜମିର ଅଧିଗ୍ରହଣ କରାଯାଉଛି ।

ଯାହାଦ୍ୱାରା ଏକାଧାରରେ ଋଷଜମିର ଉତ୍ପାଦନ ହ୍ରାସ, ଜଳାଭାବ, ପରିବେଶ ପ୍ରଦୂଷଣ ଓ ବ୍ୟାପକ ଜଙ୍ଗଲ କ୍ଷୟ ଘଟିଋଲିଛି । ଯାହାଦ୍ୱାରା କୃଷି ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି । ଅଧିକ ଜଳସେଚନ, ଅଧିକ ସାର ତଥା ଆଧୁନିକ ପ୍ରଣାଳୀରେ ଋଷ କରିବା ସ□ ବିଗତ ଦଶନ୍ଧିରେ ଓଡ଼ିଶାରେ ଧାନ, ଡାଲି, ତୈଳବୀଜ, ଆଳୁ, ପିଆଜ ଓ ଅନ୍ୟାନ୍ୟ ପନିପରିବାର ହାରାହାରି ବାର୍ଷିକ ଉତ୍ପାଦନ ଯଥାକ୍ରମେ, ୬.୮, ୫୬.୪, ୪୪, ୨୦.୭, ୧୪.୪ ଏବଂ ୨୪.୮ ପ୍ରତିଶତ ହ୍ରାସ ପାଇଛି ।

ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ୨୦୨୦ ସୁଦ୍ଧା ଓଡ଼ିଶାର କୃଷି ଉତ୍ପାଦନ ୯ ପ୍ରତିଶତ ହ୍ରାସ ପାଇବ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି । ପୂର୍ବ ଭାରତ ଅପେକ୍ଷା ଓଡ଼ିଶାର ଉତ୍ପାଦନ ହାର ଅଧିକ ହ୍ରାସ ପାଇବ । କାରଣ ଦ୍ରୁତ ସହରାୟନ ଓ ଶିଳ୍ପାୟନ ସାଙ୍ଗକୁ ତାପମାତ୍ରା ବୃଦ୍ଧି ଓ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ୪୦୦ ପିପିଏମ୍ ଯାଏ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । କଟକସ୍ଥିତ ଧାନ ଗବେଷଣା କେନ୍ଦ୍ରର ଡକ୍ଟର ପି.କୃଷ୍ଣନ, ଡକ୍ଟର ଆର.ଏନ୍. ଦାସ, ଡ଼କ୍ଟର କେ.ଏସ୍. ରାଓ ଏବଂ ଏସ୍.କେ ନାୟକ ବ□ମାନର ତାପମାତ୍ରା, ସବୁଜ ଗୃହ ପ୍ରଭାବ ଓ ଅଙ୍ଗାରକାମ୍ଳ ନିର୍ଗମଦ ଆଦି ତଥ୍ୟ ଓ ପରିସଂଖ୍ୟାନ ଭି□ରେ ଭବିଷ୍ୟତର ଏକ ଚିତ୍ର ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ସେମାନେ ଓରିଜା୧ ଓ ଇନ୍ ଫୋକ୍ରପ ନାମକ ଦୁଇଟି ବିଶ୍ଳେଷଣ ପଦ୍ଧତି ବ୍ୟବହାର କରିଛନ୍ତି । ଏହି ବିଶ୍ଳେଷଣ ଅନୁସାରେ ଓଡ଼ିଶାର କଟକ ଓ ଭୁବନେଶ୍ୱର ସମେତ ପଶ୍ଚିମବଙ୍ଗ, ଉ□ରପ୍ରଦେଶ ଓ ଛତିଶଗଡ଼ର ୧୦ଟି ସହରକୁ ଅଧ୍ୟୟନ କରିଥିଲେ । ଏହି ଅଧ୍ୟୟନରୁ ଜଣାପଡିଛି କଟକ ପାଇଁ କ୍ଷତିର ହାର ହେଲା ୨୭.୪୫ ପ୍ରତିଶତ । ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଓ ତାପମାତ୍ରା ବୃଦ୍ଧି ଯୋଗୁଁ ଧାନ ଫସଲରେ ଲୋଡ଼ାପୋକ, ବିରିହା ପୋକ, କାଣ୍ଡବିନ୍ଧା ପୋକ ଓ ପତ୍ରପୋଡ଼ା ରୋଗ ବୃଦ୍ଧି ପାଇବ । ଧାନଗଛର ତ୍ୱରିତ ପ୍ରସ୍ୱେଦନ ହେବା ଯୋଗୁଁ ଫସଲରେ ଜଳର ଆବଶ୍ୟକତା ବଢ଼ିବ ବୋଲି ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ ମତ ଦେଇଛନ୍ତି ।

ଠିକ୍ ସେହିପରି କୋରାପୁଟ, କନ୍ଧମାଳ, ରାୟଗଡ଼ା ପ୍ରଭୃତି ଜିଲ୍ଲାଗୁଡ଼ିକରେ ଗୋଲମରିଚ ଭଳି ମସଲା ଦ୍ରବ୍ୟ ଉତ୍ପାଦନ କମି ଯିବ ବୋଲି ଜଣାପଡ଼ିଛି । ପାହାଡ଼ିଆ ଅ□ଳରେ ତାପମାତ୍ରା ବୃଦ୍ଧି ସାଙ୍ଗକୁ ପ୍ରବଳ ବର୍ଷା ଏଥିପାଇଁ ଦାୟୀ । କୋରାପୁଟର ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଗୋଲରୁ, ଚାଟୁଆ, ପାଡୁଆ ଓ ବାଲଡ଼ା ପ୍ରଭୃତି ଅ□ଳର ଅଧିବାସୀମାନେ କହିଥାନ୍ତି ଯେ, ପୂର୍ବରୁ ଛି□ା ବର୍ଷା ହେଉଥିଲା କିନ୍ତୁ ଏବେ ପ୍ରବଳ ବର୍ଷା ସାଙ୍ଗକୁ ବର୍ଷାର ଅନିୟମିତତା ଯୋଗୁଁ ଗୋଲମରିଚ, ଡାଲଚିନି, ପିପଳି ଭଳି ଅମଳ ହେଉନାହିଁ ।

## ୨୦୨୦ ବେଳକୁ କୃଷି ଉତ୍ପାଦନ ହ୍ରାସ ପାଇବ

୨୦୨୦ ମସିହା ବେଳକୁ ଜଳବାୟୁ ପରିବର୍ତ୍ତନର ଏହି ପ୍ରଭାବ ଆମରାଜ୍ୟର କୃଷି, ଖାଦ୍ୟସୁରକ୍ଷା ଓ ଜଳ ସମ୍ବଳ ଉପରେ ଅଧିକ ପ୍ରତିକୂଳ ପ୍ରଭାବ ପକାଇବା ଦ୍ୱାରା ଧାନ ବଦଳରେ ଅଧିକ ଅଗାଡ଼ି

## ସୁନ୍ଦରବନ ଏବେ ବିପନ୍ନ

ଆମ ଦେଶରେ ୬୭୪୦ ବର୍ଗ କି.ମି. ଅଞ୍ଚଳରେ ହେନ୍ତାଳବଣ ରହିଛି ଏହା ପୃଥିବୀରେଥିବା ସମଗ୍ର ହେନ୍ତାଳ ବଣର ୭ଭାଗ । ଠିକ୍ ସେହିପରି ଆମ ରାଜ୍ୟରେ ଥିବା ୪୮୦ ବର୍ଗ କି.ମି. ସାମୁଦ୍ରିକ ଉପକୂଳ ମଧ୍ୟରୁ ହେନ୍ତାଳ ବଣ ହେଉଛି ୧୯୫ ବର୍ଗ କି.ମି. । ଏହି ଅଞ୍ଚଳରେ ୬୦ ପ୍ରକାର ହେନ୍ତାଳ ବୃକ୍ଷ ଦେଖିବାକୁ ମିଳିଥାଏ । ଉପକୂଳ ବର୍ତ୍ତି ଅଞ୍ଚଳରେ ତ୍ରିକୋଣଭୂମିର ବାଲୁକା ରାଶିରେ ଥିବା ଏହି ଜଙ୍ଗଲ ଜୈବବିବିଧତାରେ ଭରପୂର । ପ୍ରକୃତିର ବରଦାନ ଏହି ଜଙ୍ଗଲ ଉଚ୍ଚ ଜୁଆର, ମୃତ୍ତିକା କ୍ଷୟ ଏବଂ ସାମୁଦ୍ରିକ ଝଡ଼ବତାସରୁ ଉପକୂଳବର୍ତ୍ତି ଅଞ୍ଚଳକୁ ସୁରକ୍ଷା ଦେଇଥାଏ । ଏହା ବ୍ୟତୀତ ସାମୁଦ୍ରିକ ତଟରେଖାରେ ଥିବା ଗ୍ରାମାଞ୍ଚଳର ଭାତହାଣ୍ଡି ରୂପେ କାମ କରିଥାଏ । ତେଣୁ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ସରକାର ହେନ୍ତାଳ ବଣ ଥିବା ଅଞ୍ଚଳକୁ ପାରିବେଶିକ ସ୍ପର୍ଶକାତର ଅଞ୍ଚଳ ରୂପେ ଘୋଷଣା କରିଛନ୍ତି । କିନ୍ତୁ ବିଶ୍ୱଉତ୍ତାପ ବୃଦ୍ଧି ଓ ପାଣିପାଗରେ ପରିବର୍ତ୍ତନ ଯୋଗୁଁ ଏବେ ହେନ୍ତାଳ ବଣ ପ୍ରତି ବିପଦ ମାଡ଼ିଆସୁଛି ବୋଲି ଆଇ.ପି.ସି.ସି.ର ରପୋର୍ଟରେ ମତ ପ୍ରକାଶ ପାଇଛି ।

ତାପମାତ୍ରାର ଉତ୍ଥାନପତନ, ଆର୍ଦ୍ରତା, ବର୍ଷାପାତ ର ତାରତମ୍ୟ, ଲଗାତର ଝଡ଼ବତାସ, ସାମୁଦ୍ରିକ ଜଳପତ୍ତନ ବୃଦ୍ଧି ଓ ଲୁଣି ହ୍ରାସ ଏହି ଜଙ୍ଗଲକୁ ଦ୍ରୁତ ଗତିରେ ହ୍ରାସ କରାଇଋଲିଛି । ଉଦାହରଣ ସ୍ୱରୂପ ପୃଥିବୀର ସର୍ବବୃହତ୍ତ ହେନ୍ତାଳ ବଣ ରୂପେ ପରିଚିତ ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀର ମୁହାଣରେ ଥିବା ସୁନ୍ଦର ବନର ୨୦ ହଜାର ବର୍ଗ କି.ମି. ମଧ୍ୟରୁ ୨୮ ପ୍ରତିଶତ ଅଞ୍ଚଳ ୪୦ ବର୍ଷ ମଧ୍ୟରେ ୩.୧୪ ମିଲିମିଟର ସାମୁଦ୍ରିକ ଜଳପତ୍ତନ ବୃଦ୍ଧି ଯୋଗୁଁ ସମୁଦ୍ର ଭିତରେ ବୁଡ଼ିଯାଇଛି । ଯାହାଫଳରେ ଏହି ବଣ ଭିତରେ ଥିବା ୧୦୨ ଟି ଟାପୁ ମଧ୍ୟରୁ ୪ଟି ଟାପୁ ପାଣି ଭିତରେ ବୁଡ଼ିଗଲାଣି । ଏକଦା ୫ ବର୍ଗ କି.ମି. ପରିବ୍ୟାପ୍ତ ଘୋଡ଼ାମରା ଟାପୁରେ ବାସ କରୁଥିବା ୪୦ ହଜାର ଅଧିବାସୀ ବିସ୍ଥାପିତ ହୋଇଛନ୍ତି । ଏହା ବ୍ୟତୀତ ଜନବସତି ଥିବା ୪୮ଟି ଟାପୁର ଲୋକେ କ୍ଷତିଗ୍ରସ୍ତ ହେବେ ବୋଲି ଆଶଙ୍କା କରାଯାଉଛି ।

## ସୁନ୍ଦହବନ ହେବ ବାଘ ଶୂନ୍ୟ

ଏହା ବ୍ୟତୀତ ସାମୁଦ୍ରିକ ଜଳପତ୍ତନ ବୃଦ୍ଧି ଦ୍ୱାରା ଘାସ ଓ ବୁଦୁବୁଦୁକିଆ ଅଞ୍ଚଳ ଜଳମଗ୍ନ ହୋଇପଡ଼ିବାରୁ ହରିଣ, ସମ୍ବର ଓ କୁଟ୍ରା ପ୍ରଭୃତି ତୃଣଭୋଜି ପ୍ରାଣୀମାନଙ୍କ ସଂଖ୍ୟା କମିଯାଉଥିବାରୁ ଖାଦ୍ୟ ଲୋଭରେ ବାଘ ମଣିଷମାନଙ୍କୁ ଆକ୍ରମଣ କରୁଛି ବୋଲି ବରିଷ୍ଠ ଜଙ୍ଗଲ ବିଭାଗର ଅଧିକାରୀମାନେ କଲିକତାର ସ୍ଥାନୀୟ ପତ୍ରିକା ଗୁଡ଼ିକୁ ସୂଚନା ଦେଇଛନ୍ତି । ସେମାନେ ଆଂଶଙ୍କା କରୁଛନ୍ତି ଯେ, ଯେଉଁ ହାରରେ ବାଘସଂଖ୍ୟା କମୁଛି ଆଉ ଅଳ୍ପ କେତେ ବର୍ଷ ପରେ ସୁନ୍ଦରବନରୁ ବାଘ ସଂଖ୍ୟା ଲୋପପାଇବ ।

ପ୍ରକାଶ ଥାଉକି ୧୯୬୦ ମସିହା ବେଳେ ଏଠାରେ ୫୦୦ ବାଘ ଥିଲାବେଳେ ସଂପ୍ରତି ୨୫୦ରୁ ୨୭୦ ଟି ବାଘ ଅଛନ୍ତି ବୋଲି ବନ ବିଭାଗ କହୁଛି । କିନ୍ତୁ ଇଣ୍ଡିଆନ ଷ୍ଟାଟିଷ୍ଟିକାଲ ଇନ୍ଷ୍ଟିଚ୍ୟୁଟ୍ ମାତ୍ର ୭୫ଟି ବାଘ ବଞ୍ଚିରହିଛନ୍ତି ବୋଲି ମତପ୍ରକାଶ କରିଥାଏ । ସୁତରାଂ ସାମୁଦ୍ରିକ ଜଳପତନ ବୃଦ୍ଧି ଜନିତ ଖାଦ୍ୟାଭାବ, ବାଘ ମଣିଷ ବିବାଦ ମଧ୍ୟରେ ବାଘ ବଂଶ ସୁନ୍ଦର ବନରୁ ଲୋପ ପାଇବ ବୋଲି ସନ୍ଦେହ କରାଯାଉଛି ।

ଏହା ବ୍ୟତୀତ ଉପକୂଳରେ ଲୁଣି ଅଂଶ ହ୍ରାସ ପାଇବା ଓ କାଦୁଅର ପରିମାଣ ବୃଦ୍ଧି ପାଇବା ସାଙ୍ଗକୁ ଲୁଣା ଗଛ ହ୍ରାସ ପାଇବା ଦ୍ୱାରା ମାଛମାନେ ଗଭୀର ସମୁଦ୍ରକୁ ଋଲିଯାଇଥାନ୍ତି । ଆଇ.ପି.ସି.ସି.ର ରିପୋର୍ଟ ଅନୁସାରେ ୨୧ଶହ ମସିହାବେଳକୁ ସାମୁଦ୍ରିକ ଜଳସ୍ତର ୨୩ ଇଞ୍ଚ ବୃଦ୍ଧି

ଘଟିଲେ ପୃଥିବୀର ଏହି ସୁଦୀର୍ଘ ସୁନ୍ଦର ବଣ ଓ ମହାବଳ ବାଘ ସଲିଳ ସମାଧି ନେବ ।

## ଜଙ୍ଗଲ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ

ଜଳବାୟୁ ପ୍ରଭାବିତ ହେବାଦ୍ୱାରା ସ୍ଥାନୀୟ ପରିସଂସ୍ଥା ବିଶେଷ କରି ଜଙ୍ଗଲ, ଜଳ ଓ ଜୈବବିବିଧତାରେ ପରିବର୍ତ୍ତନ ଦେଖାଯାଇଥାଏ । କାରଣ ପାଣିପାଗର ଅହେତୁକ ପରିବର୍ତ୍ତନ ସାଙ୍ଗକୁ ଉଷ୍ଣତା, ଅତିବୃଷ୍ଟି, ବର୍ଷାର ଅବଧି, କୋହଲା ପାଗ ଓ ବାୟୁ ପ୍ରବାହ ଜଙ୍ଗଲର ଜୈବବିବିଧତା ଉପରେ ଚାପ ପକାଇଥାଏ । ଜଙ୍ଗଲର ଉପସ୍ଥିତି ବାୟୁମଣ୍ଡଳୀୟ ଅଙ୍ଗାରକାମ୍ଳ ଗ୍ୟାସକୁ ଅବଶୋଷଣ କରିଥାଏ ଓ ଏକ ଅଙ୍ଗାରକାମ୍ଳ କୁଣ୍ଡ ରୂପେ କାମ କରିଥାଏ । ତେଣୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ମାତ୍ରାକୁ ସ୍ଥିର ରଖିବା ପାଇଁ ଓ ହ୍ରାସ କରିବା ପାଇଁ ଜଙ୍ଗଲର ପରିଚାଳନା ନିତ୍ୟାନ୍ତ ଆବଶ୍ୟକ । ବୃକ୍ଷ ହିଁ ବାୟୁମଣ୍ଡଳରେ ଗଚ୍ଛିତ ଅଙ୍ଗାରକାମ୍ଳ ଗ୍ୟାସକୁ ନିୟନ୍ତ୍ରଣ କରିଥାଏ । ବୃକ୍ଷ କିମ୍ବା ଜଙ୍ଗଲ କଟିଗଲେ, ମରିଗଲେ କିମ୍ବା ଜଳିଗଲେ ଗଚ୍ଛିତ ଅଙ୍ଗାର ପୁନରାୟ ବାୟୁମଣ୍ଡଳକୁ ଚାଲିଯାଏ ଓ ଜଳବାୟୁ ଉତ୍ତପ୍ତ ହୋଇଉଠେ ।

## ଜଙ୍ଗଲ ସ୍ୱାସ୍ଥ୍ୟ ଉପରେ ପଡୁଥିବା କେତେକ ପ୍ରତିକୂଳ ପ୍ରଭାବ

ଅଙ୍ଗାରକାମ୍ଳ ଆଧିକ୍ୟଯୋଗୁଁ ଜଙ୍ଗଲର ବୃଦ୍ଧି ଘଟୁଛି ନା କ୍ଷୟ ଘଟୁଛି, ଏନେଇ ଯଦିଓ ଟଣାଓଟରା ଚାଲିଛି, କିନ୍ତୁ ଏକଥା ସତଯେ ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ଜଙ୍ଗଲ ପୋଡ଼ିର ପରିମାଣ ବୃଦ୍ଧି ଘଟୁଛି । ତେଣୁ ଜଙ୍ଗଲ ନିଆଁକୁ ରୋକିବା ପାଇଁ ସାରା ବିଶ୍ୱର ବୈଜ୍ଞାନିକମାନଙ୍କ ସହମତି ରହିଛି । ଏହାବ୍ୟତୀତ ନିମ୍ନୋକ୍ତ କେତୋଟି ପ୍ରତିକୂଳ ପ୍ରଭାବ ପଡୁଛି ବୋଲି ଗବେଷକମାନେ ମତ ଦେଇଛନ୍ତି ।

- ତାପମାତ୍ରା ବୃଦ୍ଧି ଯୋଗୁଁ କୀଟପତଙ୍ଗ ବଂଶବୃଦ୍ଧି ଓ ଜଙ୍ଗଲ ଉପରେ ସେମାନଙ୍କର କୁ ପ୍ରଭାବ ଯୋଗୁଁ ଜଙ୍ଗଲ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେବ ।
- ମରୁଡ଼ି, ଝଡ଼ି, ପ୍ରବଳ ଥଣ୍ଡା ଓ ଅତ୍ୟଧିକ ବୃଷ୍ଟିପାତ ଭଳି ଘଟଣା ର କୁପ୍ରଭାବ ଜଙ୍ଗଲ ଓ ଗଛ ଉପରେ ପଡୁଛି ।
- ଜଙ୍ଗଲରେ ନିଆଁ ଲାଗିବା ଘଟଣା ଅଧିକ ଘଟୁଛି କାରଣ ଜ୍ୱଳନଶୀଳ ପଦାର୍ଥର ମାତ୍ରା ବଢୁଛି ।
- ଭୌଗଳିକ ଦୃଷ୍ଟିକୋଣରୁ ଦେଖିଲେ ମେରୁ ଅଞ୍ଚଳ ଆଡ଼କୁ ଏବଂ ଅତ୍ୟୁଚ ସ୍ଥାନମାନଙ୍କରେ ଯେଉଁଠି ବରଫ ପଡୁଥିଲା, ସେଠାରେ ବୃକ୍ଷ ଦେଖାଯାଉଛି ।
- ଘାସ, ଗୁଳ୍ମ ଓ ଲଟା ପ୍ରଜାତିର ସଂଖ୍ୟା ବୃଦ୍ଧି ଘଟିଛି ।
- ନିମ୍ନ ଅକ୍ଷାଂଶ ଓ ନିମ୍ନ ଭୂମୀମାନଙ୍କରେ ଦେଖାଯାଉଥିବା ବୃକ୍ଷ ପ୍ରଜାତି ମାନେ ଲୋପପାଇ ଗଲେଣି ।

## ଜୈବଇନ୍ଧନ ପ୍ରସ୍ତୁତି; ଖାଦ୍ୟ ନିରାପତ୍ତା ପ୍ରତି ବିପଦ ଡାକି ଆଣୁଛି

ଜୀବାଶ୍ମ ଜାଳେଣୀ ଅଭାବକୁ ଦୂରେଇବା ସହିତ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗମନକୁ ରୋକିବା ନିମନ୍ତେ ଜୈବ ଇନ୍ଧନ ପ୍ରସ୍ତୁତ କରି ଆତ୍ମନିର୍ଭରଶୀଳ ହେବା ଓ ବାୟୁ ପ୍ରଦୂଷଣ ରୋକିବା ପାଇଁ ସମ୍ପ୍ରତି ଜୈବଇନ୍ଧନ ଚାଷକୁ ପ୍ରାଧାନ୍ୟ ଦିଆଯାଉଛି । ଆମେରିକା ପରି ଶିଳ୍ପୋନ୍ନତ ଦେଶମାନେ ଏଥିପାଇଁ କୃଷିଜାତ ପଦାର୍ଥ ଅର୍ଥାତ ମକା ଓ ଆଖୁରୁ ଇଥନଲ୍ ପ୍ରସ୍ତୁତି କରିବାବେଳେ ଜଡ଼ା ଓ କରଞ୍ଜ ପରି ଜଙ୍ଗଲଜାତ ତୈଳବୀଜରୁ ପେଟ୍ରୋଲ ବାହାର କରିଥାନ୍ତି । ସେମାନଙ୍କର ଧାରଣା ଯେ, ଏହି ପଦ୍ଧତି ହିଁ ଜୀବାଶ୍ମ ଜାଳେଣୀର ବିକଳ୍ପ ହୋଇପାରିବ । କିନ୍ତୁ ଏହି ଧାରଣା ଏବେ ଭୂଲ ପ୍ରମାଣିତ ହେଲାଣି । ଏହାଦ୍ୱାରା କାର୍ବନ ଡାଇଅକ୍ସାଇଡ କମିବା ପରିବର୍ତ୍ତେ ବଢ଼ିବ ଓ ଖାଦ୍ୟ ନିରାପତ୍ତା ପ୍ରତି ବିପଦ ମାଡ଼ି ଆସିବ ।

କାର୍ବନ ଡାଇଅକ୍ସାଇଡ ଶୋଷଣ କରୁଥିବା ବୃକ୍ଷଗୁଡ଼ିକୁ କଟାଯାଇ ସେହି ସ୍ଥାନରେ ଜୈବଇନ୍ଧନ ଚାଷ କରାଯାଉଥିବାରୁ ପରିବେଶର ସନ୍ତୁଳନରେ ବ୍ୟାଘାତ ସୃଷ୍ଟି ହେବ । ଉଦାହରଣସ୍ୱରୂପ ୨୦୧୬ ମସିହା ସୁଦ୍ଧା ଆମେରିକା ୫୬ ବିଲିୟନ ଲିଟର ଜୈବଜାଳେଣୀ ପ୍ରସ୍ତୁତ କରିବା ପାଇଁ ଲକ୍ଷ୍ୟ ରଖିଥିବାରୁ ୧୦.୮ ବିଲିୟନ ଜଙ୍ଗଲ ଜମି ଆବଶ୍ୟକ କରୁଛି । ଯାହାଦ୍ୱାର ବ୍ୟାପକ ତୃଣଭୂମୀ ଓ ଜଙ୍ଗଲ କ୍ଷୟ ହେବ । ଏହାର ପ୍ରଭାବରେ ତୃଣଭୋଜି ପ୍ରାଣୀମାନେ କ୍ଷତିଗ୍ରସ୍ତ ହେବା ସହିତ ପରିବେଶ ପାଇଁ ମଧ୍ୟ ବିପଦ ଘନେଇ ଆସିବ । ଠିକ୍ ସେହିପରି ମକା ଓ ଆଖରୁ ଇଥନଲ୍ ପ୍ରସ୍ତୁତ କରିବା ପାଇଁ ପ୍ରାଥମିକତା ଦିଆଯାଉଥିବାରୁ ମକା ଓ ଚିନିର ଦରଦାମ ବଢ଼ିବ । ଏହା ବ୍ୟତୀତ ବ୍ୟାପକ ମକା ଓ ଆଖୁ ଚାଷ କଲେ ଅନ୍ୟାନ୍ୟ ଶସ୍ୟଜାତୀୟ ପଦାର୍ଥର ଦର ଦାମ ମଧ୍ୟ ହୁ ହୁ ହୋଇ ବଢ଼ିବ । ଖାଦ୍ୟ ବଜାରର ଏହି ଅସନ୍ତୁଳନ ହିଁ ଗରୀବମାନଙ୍କୁ ବେଶୀ ପରିମାଣରେ ପ୍ରଭାବିତ କରିବ ।

ଆମେରିକା, ବ୍ରାଜିଲ ଓ ଆର୍ଜେଣ୍ଟିନା ପରି ରାଷ୍ଟ୍ରଗୁଡ଼ିକ ଆଖୁ, ମକା, ସୋୟାବିନ୍ ଓ ପାମ୍‌ତେଲରୁ ଜୈବଇନ୍ଧନ ପ୍ରସ୍ତୁତ କରିବା ଦ୍ୱାରା ଖାଦ୍ୟର ଦରଦାମ ବୃଦ୍ଧିକୁ ନେଇ ମିଳିତ ଜାତିସଂଘର ରିପୋର୍ଟରେ କୁହାଯାଇଛି ଯେ, ୨୦୦୨ ମସିହା ପର୍ଯ୍ୟନ୍ତ ବିଶ୍ୱ ସ୍ତରରେ ଖାଦ୍ୟ ପଦାର୍ଥର ଦର ଦାମ ୩୫ ପ୍ରତିଶତ ବଢ଼ିଥିଲା । ୨୦୦୭ ବର୍ଷରେ ଦୁଗ୍ଧଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି ୮୦ ପ୍ରତିଶତ ହୋଇଥିବାବେଳେ, ଶସ୍ୟ ଜାତୀୟ ଫସଲର ମୂଲ୍ୟ ୪୨ ପ୍ରତିଶତ ବୃଦ୍ଧି ଘଟିଛି । ଗରିବ ଲୋକେ ମୂଲ୍ୟବୃଦ୍ଧିର ଏହି



କୁଳ ସଂଘୁଛି ସମୁଦ୍ର: ମରଣର ଯନ୍ତା ପାଳଟିଛି ସାମୁଦ୍ରିକ ଉପକୂଳ

ବୋଝକୁ ଭରଣା କରିପାରୁନଥିବା ସମୟରେ ଜାଟ୍ରୋଫା ଚାଷ କରିବା ପାଇଁ ଚାପପ୍ରୟୋଗ କରାଯାଉଥିବାରୁ ଖାଦ୍ୟ ସମସ୍ୟା ଉତ୍କଟ ରୂପ ନେଉଛି । ଏଥିପାଇଁ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ୍ ମଧ ନିକଟରେ ଜୈବଇନ୍ଧନ ପ୍ରସ୍ତୁତ ପାଇଁ ଖାଦ୍ୟଶସ୍ୟକୁ ବ୍ୟବହାର କରାଯାଉଥିବାରୁ କଟୁ ସମାଲୋଚନା କରିଛନ୍ତି ।

## କୂଳ ଲଂଘୁଛି ସମୁଦ୍ର

ଆମ ଦେଶରେ ପ୍ରାୟ ୮,୦୪୧ କିଲୋମିଟର ବ୍ୟାପି ସମୁଦ୍ର ତଟ ରହିଥିବାବେଳେ ଆମ ଓଡ଼ିଶାରେ ୪୭୬.୭୦ କିଲୋମିଟର ବେଳାଭୂମି ରହିଛି । ସମ୍ପ୍ରତି ଉପକୂଳକୁ ଲାଗିଥିବା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାଗୁଡ଼ିକର ବେଳାଭୂମୀ ବିପନ୍ନ ହୋଇପଡ଼ିଛି । ସମୁଦ୍ର ଜୁଆରର ବାରମ୍ବାର ପ୍ରହାରରେ ବେଳାଭୂମୀ ଖଣ୍ଡବିଖଣ୍ଡିତ ହେବାରେ ଲାଗିଛି । ଅନେକ ସ୍ଥାନରେ ଉପକୂଳ ରାସ୍ତା ଧୋଇ ହେଇଯାଉଥିବାବେଳେ ଗାଁ ଭିତରକୁ ସମୁଦ୍ର ପାଣି ମାଡ଼ି ଯିବାରୁ ବ୍ୟାପକ କ୍ଷୟକ୍ଷତି ଘଟୁଛି ।

ଗତ କିଛି ବର୍ଷ ଧରି ସମୁଦ୍ର ଏଭଳି ବାରମ୍ବାର କୂଳ ଲଂଘିବାର ପ୍ରୟାସ କରୁଛି । ପରିବେଶବିତ୍‌ମାନେ ଏଥିପାଇଁ ମୁଖ୍ୟତଃ ଦୁଇଟି କାରଣକୁ ଦାୟୀ କରିଥାନ୍ତି । ପ୍ରଥମଟି ହେଲା ବିଶ୍ୱ ଉ□ାପ ବୃଦ୍ଧି ଜନିତ ଜଳବାୟୁ ପରିବ□ନର ପ୍ରଭାବ ଏବଂ ଦ୍ୱିତୀୟ କାରଣଟି ହେଲା ଉପକୂଳ ଅ□ଳରେ ଅବାଧ ନିର୍ମାଣ କାର୍ଯ୍ୟର ଅଭିବୃଦ୍ଧି ।

ଉପକୂଳ କ୍ଷୟର ସବୁଠାରୁ ଅଧିକ ପ୍ରଭାବ ପଡୁଛି କେନ୍ଦ୍ରପଡ଼ା ଜିଲ୍ଲାର ରାଜନଗର ବ୍ଲକରେ । ଗହୀର ମଥାଠାରୁ ବରୁଣେଇ ମୂହାଣ ପର୍ଯ୍ୟନ୍ତ ପ୍ରାୟ ୨୫ କିଲୋମିଟର ସମୁଦ୍ର ଉପକୂଳ ଏବେ ବିପଦ ସଙ୍କୁଳ ହୋଇପଡ଼ିଛି । ପ୍ରତିବର୍ଷ ସାତଭାୟା ଅ□ଳର ପ୍ରାୟ ୫୦ ମିଟର ଭୂଭାଗ ସମୁଦ୍ର ଗର୍ଭରେ ଲୀନ ହେଉଛି । ରାଜସ୍ୱ ବିଭାଗର ନଥି ଅନୁସାରେ ୧୯୩୦ ବନ୍ଦୋବସ୍ତ ବେଳେ ସାତଭାୟା ଗଣ୍ଡ ୩୨୦ ବର୍ଗ କିଲୋମିଟର ପରିବ୍ୟାପ୍ତ ଥିଲାବେଳେ ୨୦୦୦ ମସିହା ବେଳକୁ ଦେଖାଯାଇଛି ଆଉ ମାତ୍ର ୧୫୫ ବର୍ଗ କିଲୋମିଟର ରହିଛି । ଗ୍ଲୋବାଲ ଏନ୍‌ଭାର୍ଣ୍ଣମେ□ାଲ ନେଗୋସିଏସନ୍ ନାମକ ଏକ ପତ୍ରିକାର ରିପୋର୍ଟ ଅନୁସାରେ ସମୁଦ୍ର ଜଳପ□ନରେ ଆଉ ମାତ୍ର ୧ ମିଟର ବୃଦ୍ଧି ହେଲେ ରାଜ୍ୟର ୧,୭୦,୦୦୦ ହେକ୍ଟର ଚାଷ ଜମି ଜଳପ୍ଲାବିତ ହେବ । ଯଦି ସମୁଦ୍ର ଏପରି କୂଳ ଲଂଘିବ ତେବେ ଏହା ରାଜ୍ୟର ସାମାଜିକ ଓ ଆର୍ଥିକ ସ୍ଥିତିକୁ ବ୍ୟାପକ ଭାବେ ପ୍ରଭାବିତ କରିବ । ପୁରୀ, ଗୋପାଳପୁର, ପାରାଦ୍ୱୀପ, ବାଲେଶ୍ୱର, ସାତଭାୟା ଓ କାନପୁର ପରି ଅଞ୍ଚଳ କେବଳ ପୁରୁଣା ରାଜସ୍ୱ ନଥିପତ୍ରରେ ରହିଥିବ । ଏବେ କିନ୍ତୁ ସରକାର ଏସବୁ ଜାଣି ମଧ ସମୁଦ୍ର ଜୁଆର ଅଞ୍ଚଳରେ ହାଇଟେକ୍ ଅ□ଳ ଓ ନିଜସ୍ୱ ଅର୍ଥନୈତିକ ଅ□ଳରେ ମନ ଇଚ୍ଛା ନିର୍ମାଣ କାର୍ଯ୍ୟ ପାଇଁ ସୁଯୋଗ ଦେଉଛନ୍ତି । ଏପରିକି ଉପକୂଳରେ ତେରଟି ବନ୍ଦର ନିର୍ମାଣ କରିବାକୁ ଯୋଜନା କଲେଣି । ଏହି ତେରଟି ବନ୍ଦରର ବ୍ରେକ ୱାଟର ପାଇଁ ସମୁଦ୍ରକୁ ପୋତିଲେ କ୍ଷୟକ୍ଷତି ଆହୁରି ବଢ଼ିଯିବ ।  ତେଣୁ ବେଳହୁଁ ସାବଧାନ ।

## ସ୍ୱାସ୍ଥ୍ୟ ଉପରେ ପ୍ରଭାବ

ଜଳବାୟୁ ପରିବ□ନର ଗୁରୁତ୍ୱ ଉପଲବ୍ଧି କରି ଏ ବର୍ଷ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସ୍ଲୋଗାନ ରଖିଛି, ‘ପରିବ□ିତ ଜଳବାୟୁର ଆମ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ।’ କାରଣ ଜଳବାୟୁ ପରିବ□ନ ଯୋଗୁଁ ଓ ଓଜନସ୍ତରରେ ଫାଟ ସୃଷ୍ଟି ହୋଇ ସୂର୍ଯ୍ୟଙ୍କଠାରୁ ଆସୁଥିବା ଅତିବାଇଗଣୀ ରଶ୍ମୀ ପ୍ରଭାବରେ କାଟ୍ରାକ୍ଟ ଜନିତ ଦୃଷ୍ଟି ଶକ୍ତି ରୋଗ ବୃଦ୍ଧି ପାଉଛି । ଏହା ବ୍ୟତୀତ ମ୍ୟାଲେରିଆ ଡେ଼ଙ୍ଗୁ, ଫୁସ୍‌ଫୁସ ଜନିତରୋଗ, ଚର୍ମକର୍କଟ, ନିଦ୍ରାହୀନତା, ଅନ୍ୟମନସ୍କତା, ମାନସିକ ବିକାର, ସ୍ନାୟବିକ ଦୌବଲ୍ୟ, ବ୍ରୋଙ୍କାଇଟସ୍ ଓ ଟ୍ୟୁମର ରୋଗ ବଢୁଛି ବୋଲି ଅଷ୍ଟ୍ରେଲିଆର ଡାକ୍ତରମାନେ ଘୋଷଣା କରିଛନ୍ତି ।

ଆମ ରାଜ୍ୟରେ ଜଳବାୟୁ ପରିବ□ନର ପ୍ରଭାବ ସ୍ୱରୂପ ମ୍ୟାଲେରିଆ ଏକ ପ୍ରମୁଖ ସମସ୍ୟା ରୂପେ ଛିଡ଼ା ହେଲାଣି । ଉଷ୍ମ ଜଳବାୟୁର ଅଭିବୃଦ୍ଧ ଯୋଗୁଁ ମଶାବଂଶ ବୃଦ୍ଧି ପାଉଛି । ଏପରିକି ୟୁରୋପ ମହାଦେଶର ଅଧିକାଂଶ ଦେଶରେ ମଶା ଦେଖାଦେଲେଣି ।

ଏବେ ବୈଜ୍ଞାନିକମାନେ ଚେତାବନୀ ଦେଲେଣି ଜଳବାୟୁର ପରିବ□ନ ଯୋଗୁଁ ଜୀବାଣୁମାନଙ୍କର ଗଠନଗତ ଓ ଚରିତ୍ରଗତ ପରିବ□ନ ଘଟୁଛି । ପ୍ଲାଗ ମୋଡିୟମ୍ ଭାଇଭାକ୍ସ ଏକ ସାଧାରଣ ମ୍ୟାଲେରିଆ ବୀଜାଣୁ ଥିଲା; ଏବେ ଏହି ବୀଜାଣୁ ଜଟିଳ ମ୍ୟାଲେରିଆ ସୃଷ୍ଟି କରି ମୃତ୍ୟୁର କାରଣ ହେଉଛି । ଯାହାର ପ୍ରଭାବ ସ୍ୱରୂପ ମ୍ୟାଲେରିଆ ପ୍ରତିଶେଧକ ଔଷଧ ସେବନ କଲେ ମଧ ଏହି ବୀଜାଣୁମାନେ ମରୁନାହାନ୍ତି । ଏପରିକି ଉନ୍ନତମାନର ଔଷଧ ତଥା ପ୍ରତିଶେଧକ ବ୍ୟବସ୍ଥାସ□େ ବଂଶବିସ୍ତାର କରି ଚାଲିଛନ୍ତି । ଯାହାର ପ୍ରଭାବ ସ୍ୱରୂପ ୨୦୦୧ ମସିହାରେ ଏହା ୮୩ ପ୍ରତିଶତ ଥିବା ସ□େ ବ□ମାନ ଏହା ୮୭ ପ୍ରତିଶତରେ ପହ□ଲାଣି ।

## ସାମାଜିକ, ଆର୍ଥିକ ଓ ମାନବାଧିକାର ଉପରେ ପ୍ରଭାବ

ଜଳବାୟୁ ପରିବ□ନର ପ୍ରଭାବ ଯୋଗୁଁ ୨୦୫୦ ମସିହା ସୁଦ୍ଧା କୋଡ଼ିଏ କୋଟିରୁ ଅଧିକ ଲୋକ ଜଳବାୟୁ ଶରଣାର୍ଥୀ ବା କ୍ଲାଇମେଟ୍ ରିଫ୍ୟୁଜିରେ ପରିଣତ ହେବେ । ଆମ ରାଜ୍ୟରେ ମଧ ଏହାର ମାତ୍ରା ମଧ କିଛି କମ୍ ହେବନାହିଁ । ୪୭୬.୭୦ କିଲୋମିଟର ବ୍ୟାପୀ ଥିବା ସାମୁଦ୍ରିକ ଉପକୂଳ ଓ ବଡ଼ ବଡ଼ ନଦୀ କୂଳର ଗାଁ, ସହର, ଜନପଦ ଗୁଡ଼ିକ ବାରମ୍ବାର ସାମୁଦ୍ରିକ ଢେ଼ଉ ଦ୍ୱାରା କ୍ଷତିଗ୍ରସ୍ତ ହୋଇପଡ଼ିବ । ସୁତରାଂ ଜୀବନଜୀବିକା, ବାସଗୃହ ଓ ପରିବେଶ ହରାଇ ଏମାନେ ଉଚ୍ଚଭୂମୀ ଆଡ଼କୁ ମାଡ଼ି ଆସିବେ । ଏଣୁ ଜଳବାୟୁ ପରିବ□ନର ପ୍ରଭାବ ସାମାଜିକ, ଆର୍ଥିକ ଏବଂ ମାନାଧିକାର ଉପରେ ମଧ ଚାପ ପକାଉଛି ।

ଜଳବାୟୁ ପରିବର୍ତ୍ତନର ପ୍ରଭାବଦ୍ୱାରା ମିଲେନିୟମ୍ ଡେ଼ଭଲେପ୍‌ମେଣ୍ଟ ଗୋଲ ବା ସହସ୍ରାବ୍ଦର ଲକ୍ଷ ମଧ ସଫଳ ହୋଇପାରିବ ନାହିଁ । ୧୮୯ଟି ଦେଶର ରାଷ୍ଟ୍ର ମୁଖ୍ୟମାନେ ନେଇଥିବା ସଂକଳ୍ପ ଫେଲ ମାରିବ । ୨୦୧୭ ମସିହା ସୁଦ୍ଧା କ୍ଷୁଧା, ଦାରିଦ୍ର ଓ ରୋଗବିଷମତା ମୁକ୍ତ ପୃଥିବୀ ଗଢ଼ିବାର ସ୍ୱପ୍ନ ଅଧୁରା ହୋଇଯିବ । ବିଶ୍ୱ କ୍ଷୁଧାକୁ ଅଧା କମେଇବା ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ମଧ ପୂରଣ ହେବ ନାହିଁ । ବିଶ୍ୱ ବ୍ୟାପୀ ଅସମାନତା, ବିଶ୍ୱ ସମ୍ପଦର ଲୁଣ୍ଠନ, କୁପରିଚାଳନା, କୁବ୍ୟବହାର, ଅସମାନ ବାଣିଜ୍ୟ ବେପାର ଯୋଗୁଁ ପ୍ରଧାନ ଖାଦ୍ୟ ଦ୍ରବ୍ୟଗୁଡ଼ିକର ଦର ଏତେ ବଢ଼ିଯିବ ଯେ, ସାଧାରଣ ଲୋକ ତାହା କିଣି ପାରିବେନାହିଁ । ଜଳବାୟୁ ପରିବ□ନର ସିଧାସଳଖ ପ୍ରଭାବିତ ହେଉଥିବା ଜନ ସଂଖ୍ୟା ଭିତରେ ଅଛନ୍ତି କୃଷକ, ମତ୍ସ୍ୟଜୀବି, ଶ୍ରମଜୀବିଓ ଜଙ୍ଗଲଜୀବି ମାନେ । ଜଳବାୟୁର ପରିବ□ନ ଯୋଗୁଁ ଏମାନଙ୍କର ମାନବାଧିକାର ଉଲ୍ଲଙ୍ଘନ ହେବ । ବ□ିବାର ଅଧିକାର, ଖାଦ୍ୟ

ଅଧିକାର, ଜଳ ଉପରେ ଅଧିକାର, ସ୍ୱାସ୍ଥ୍ୟ ଅଧିକାର, ଜୀବନଜୀବିକା ଅଧିକାର ଓ ନିରାପଦ ଜୀବନଜାପନର ଅଧିକାର ପ୍ରଭାବିତ ହେବ ।

ଏବେ ଜଳବାୟୁ ପ୍ରଭାବକୁ ହ୍ରାସ କରିବା ପାଇଁ ଯେଉଁ ପ୍ରକାର ତର୍ଜମା ଓ ଯୋଜନା ଚାଲିଛି ତାହା ଖୁବ୍ ବିବାଦୀୟ । ଏଥିପାଇଁ କିଛି ଗବେଷକ ଓ ବୈଜ୍ଞାନିକମାନେ ମତ ଦେଇଛନ୍ତି ଯେ, କୃଷି ପ୍ରଣାଳୀର ପରିବ□ନ ଆବଶ୍ୟକ । ଯେଉଁଠି ମରୁଡ଼ି ହେଉଛି, ସେଠାରେ ମରୁଡ଼ି ସହି ପାରୁଥିବା କୃଷି ପ୍ରଚଳନ କରାଯାଉ । ଯେଉଁଠି ବନ୍ୟା ହେଉଛି, ସେଠାରେ ଲବଣ ପ୍ରତିଶେଧକ ପରି ଆବଶ୍ୟକ କୃଷି କରାଯାଉ । ଏଥିପାଇଁ ମଧ୍ୟ ଆବଶ୍ୟକ ବିହନ ସୃଷ୍ଟି ପାଇଁ ଯୋଜନା ଚାଲିଛି । ରୋଗପୋକ ନିୟନ୍ତ୍ରଣ କରିପାରୁଥିବା ଏହି ବିହନ ଦ୍ୱାରା କୃଷିର ଉନ୍ନତି ହୋଇପାରିବ । କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଜେନେଟିକ୍ ଇଞ୍ଜିନିୟରିଂର ସହାୟତାରେ ଯେଉଁ ବିହନ ସୃଷ୍ଟି କରାଯିବ ତାହା କୃଷି ବିଜ୍ଞାନ, ଜଳବାୟୁ ବିଜ୍ଞାନ ଏବଂ ସ୍ଥାନୀୟ ଚାଷୀ ସହିତ କିପରି ସଂଯୋଗ ରକ୍ଷା କରିବ ।

### ଲକ୍ଷ୍ୟହୀନ ଜାତୀୟ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମ

ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ଅଧକ୍ଷତାରେ ୩୦ ଜୁନ୍ ୨୦୦୮ରେ 'ଜାତୀୟ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମ' ଘୋଷଣା କରାଯାଇଛି । ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନ ଓ ତା'ର ପ୍ରତିକୁଳ ପରିବେଶର ପ୍ରଭାବ ଦ୍ୱାରା ଆର୍ଥିକ ଓ ସାମାଜିକ ଅଭିବୃଦ୍ଧି କିପରି ଅପରିବର୍ତ୍ତିତ ରହିବା ତାହା ଏହି କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯାଇଛି । ଚିରନ୍ତନ ବିକାଶ ସହିତ ପରିବେଶ ଓ ଆର୍ଥିକ ପ୍ରଗତି କିପରି ସମୀକରଣ ହୋଇ ପାରିବ ଏବଂ ସବୁଜଗୃହ ବାଷ୍ପ କମାଯାଇପାରିବ ସେଥିପାଇଁ ଆଠଟି ମିଶନ୍ ର ପରିକଳ୍ପନା କରାଯାଇଛି ।

ଏହି ମିଶନ ଗୁଡ଼ିକ ସରକାରଙ୍କର ବିଭିନ୍ନ ମନ୍ତ୍ରଣାଳୟ ଜରିଆରେ ପରିଚାଳନା କରାଯିବ । ଯୋଜନା କମିଶନ ଓ ଅର୍ଥ ମନ୍ତ୍ରଣାଳୟ ସହାୟତାରେ ମିଶନ୍ ଗୁଡ଼ିକ କାର୍ଯ୍ୟକାରୀ ହେବ । କିନ୍ତୁ ପରିବେଶ୍ ବିତ୍‌ମାନଙ୍କ ମତରେ ଏହି ଯୋଜନା କ୍ଷେତ୍ରରେ ଜନସାଧାରଣଙ୍କ ସହଭାଗିତା ନାହିଁ । ଅମଲାତନ୍ତ୍ରିକ କଳ ଏହି ଯୋଜନା ପ୍ରଣୟନ କରିଥିବାରୁ ସାମାଜିକ ଅନୁଷ୍ଠାନ ଓ ପରିବେଶବିତ୍‌ଙ୍କ ସ୍ଥାନ ଏଥିରେ ନାହିଁ । ଗୋଟିଏ ପାଖରେ ରାଷ୍ଟ୍ରର ଦ୍ରୁତ ଶିଳ୍ପାୟନ, ବିକାଶ ମୂଳକ ଯୋଜନା ଏବଂ ଅନ୍ୟ ପକ୍ଷରେ ସାଧାରଣ ଜନତାଙ୍କ ସ୍ୱାର୍ଥ ସୁରକ୍ଷା କିଭଳି ହୋଇପାରିବ ତା'ର ସୂଚନା ନାହିଁ । ଖାଦ୍ୟ ଉତ୍ପାଦନ ହ୍ରାସ, ଖାଦ୍ୟର ମୂଲ୍ୟ ବୃଦ୍ଧି, ଜଳାଭାବ, ପ୍ରାକୃତିକ ବିସ୍ଥାପନ ଓ ପ୍ରାକୃତିକ ସମ୍ବଳ କ୍ଷୟ ଭଳି ବିପଦର ମୁକାବିଲା କିପରି କରାଯାଇପାରିବ ତା'ର ବିଶ୍ଳେଷଣ କରାଯାଇନାହିଁ ।

### ଶେଷକଥା

ସୁତରାଂ ଜଳବାୟୁ ପରିବ□ନର କୁପ୍ରଭାବକୁ ହ୍ରାସ କରିବା ସହିତ ଜଳବାୟୁର ସ୍ଥିରତା ଆଣିବା ପାଇଁ



ଇତିହାସର ପୁନରାବୃତ୍ତି:
କୋଣାର୍କ ରହିବ ସମୁଦ୍ର ଗର୍ଭରେ

ଆ□ଳିକ ଭି□ିରେ ଓ ବ୍ୟକ୍ତି ବିଶେଷ ସମସ୍ତେ ସରଳ, ସହଜ ଓ ଦୀର୍ଘମିଆଦି କାର୍ଯ୍ୟକ୍ରମ ହାତକୁ ନିଅନ୍ତୁ । ବୈଜ୍ଞାନିକମାନେ ମଧ୍ୟ ଗବେଷଣା କରନ୍ତୁ । କିନ୍ତୁ ସ୍ଥାନୀୟ ଅଧିବାସୀଙ୍କ ଉପରେ କୌଣସି ଦାୟିତ୍ୱ ଲଦି ନଦିଅନ୍ତୁ । ସବୁଜବାଷ୍ପ ଗୃହ ପ୍ରଭାବ ନିର୍ଗମନକୁ କମେଇବା ପାଇଁ ବ୍ୟକ୍ତିଠାରୁ ଆରମ୍ଭ କରି ଧନୀ ଦେଶ ପର୍ଯ୍ୟନ୍ତ ପ୍ରଥମେ ପଦକ୍ଷେପ ନିଅନ୍ତୁ ।

ଶକ୍ତି ଉତ୍ପାଦନ କ୍ଷେତ୍ର ହେଉଛି ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନର ଏକ ପ୍ରମୁଖ କ୍ଷେତ୍ର । ପ୍ରାୟ ୮୫ ପ୍ରତିଶତ ବିଦ୍ୟୁତ୍‌ଶକ୍ତି ଉତ୍ପାଦନର ଉତ୍ସ ହେଉଛି କୋଇଲା ଓ ପେଟ୍ରୋଲ । ତେଣୁ କୋଇଲାଭି□ିକ ତାପଜ ବିଦ୍ୟୁତପ୍ଲା□ଗୁଡ଼ିକୁ ଅଧିକ ବୈଷୟିକ ଏବଂ କମ୍ ପ୍ରଦୂଷଣ କରୁଥିବା ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କରିବାର ଆବଶ୍ୟକତା ରହିଛି । ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଲାଗି ବାଧ୍ୟତାମୂଳକ ବ୍ୟବସ୍ଥା କରାଯିବା ଦରକାର । ପବନ, ଜଳ ଓ ସୌରଶକ୍ତି ଭଳି ଅକ୍ଷୟଶକ୍ତିର ଉପଯୋଗ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଜରୁରୀ । ଭାରତର ୪୫୦୦୦ ମେଗାୱାଟ ପବନଶକ୍ତି ଉତ୍ପାଦନ କ୍ଷମତା ରହିଛି ଏହାକୁ ବ୍ୟବହାର କରାଯିବା ଦରକାର । କମ୍ପାକ୍ଟ ଫ୍ଲୋରୋସେ□ ଲ୍ୟାମ୍ପ (ସି.ଏଫ.ଏଲ୍)ର ଅଧିକ ପ୍ରଚାର ପ୍ରସାର ଓ ପ୍ରଚଳନ କଲେ ସବୁଜବାଷ୍ପ ଗୃହ ନିର୍ଗମନ କମ୍ କରାଯାଇପାରିବ ।

ବିଭିନ୍ନ ଯାନବାହନ ଲାଗି ପ୍ରଦୂଷଣ ନିର୍ଗମନ ନିୟମ କଡ଼ାକଡ଼ି ପାଳନ କରାଯିବା ଦରକାର । ଶିସାଯୁକ୍ତ ପେଟ୍ରୋଲର ବ୍ୟବହାର ନିଷେଧ କରିବା, ଡିଜେଲ ଯାନବାହନରେ ସଲଫର କମ୍ କରିବା, କଂକ୍ରିଟ ସହରକୁ ବାଦ୍ ଦେଇ ସବୁଜ ସହରର ସୃଷ୍ଟି କରିବା ଉଚିତ । ଏଥିପାଇଁ ଜଙ୍ଗଲ ସୁରକ୍ଷା, ଜଙ୍ଗଲ ନିଆଁକୁ ରୋକିବା ସହିତ ବାଧ୍ୟତାମୂଳକ ବୃକ୍ଷରୋପଣକୁ ଏକ ଆନ୍ଦୋଳନର ରୂପରେଖ ଦେବା ବିଧେୟ । ଏହା ବ୍ୟତୀତ ଜଳସମ୍ପଦର ସଦୁପଯୋଗ, ଜଳନିଷ୍କାସନ, ବର୍ଷାଜଳର ପରିଚାଳନା, ରାସୟନିକ ସାର ବଦଳରେ ଜୈବିକ ସାର ପ୍ରୟୋଗ କରାଯିବା ଆବଶ୍ୟକ । ପଶୁସମ୍ପଦର ଏପରି ବିକାଶ ହେବା ଦରକାର ଯେଉଁମାନେ ଖାଦ୍ୟକୁ ମାଂସ ଓ କ୍ଷୀରରେ ପରିଣତ କରିପାରୁଥିବେ; ଯାହାଦ୍ୱାରା ଅଳ୍ପ ପରିମାଣର ମିଥେନ ଗ୍ୟାସ ନର୍ଗତ ହେବ ଓ ଆମ ପରିବେଶ ସୁରକ୍ଷିତ ରହିବ ।

ଏଥିପାଇଁ ଦେଶର ନୀତିନିୟମ ମଧ୍ୟ ସଠିକ୍ ଭାବେ କାର୍ଯ୍ୟକାରୀ କରାଯିବା ଦରକାର । ପ୍ରାକୃତିକ ସମ୍ପଦଭରା ଅ□ଳଗୁଡ଼ିକର ସଂରକ୍ଷଣ, ସାମୁଦ୍ରିକ ଅ□ଳରେ କଳକାରଖାନା ପରି ବିକାଶ ମୂଳକ କାର୍ଯ୍ୟଯୋଜନା ପାଇଁ ନିଷେଧା□ଳର ଘୋଷଣା, ହେନ୍ତାଳ ବନ ଓ ଆର୍ଦ୍ରଭୂମିର ସୁରକ୍ଷା କରିବା ନିହାତି ଆବଶ୍ୟକ । ସର୍ବୋପରି ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ସୂଚନା ମିଳିବା ବ୍ୟବସ୍ଥା, ସଂସ୍କୃତି ଓ ଲୋକବଚନଗୁଡ଼ିକର ଯଥାର୍ଥତାର ପ୍ରୟୋଗ ସହିତ ଗ୍ରାମ ସ୍ତରୀୟ ଯୋଜନା ପ୍ରସ୍ତୁତି କରାଗଲେ ବେଳ ଥାଉ ଥାଉ ଜଳବାୟୁର ବିପରୀତ ଗତିକୁ ରୋକିପାରିବା ।

□

# କାର୍ବନ ଟ୍ରେଡ଼ିଂ

**ଶ୍ରୀ ପ୍ରଭାତ ଚନ୍ଦ୍ର ସୂତାର**

ବିଗତ ଦୁଇ ଶତାବ୍ଦୀ ମଧ୍ୟରେ ଶିଳ୍ପାନୁଷ୍ଠାନ ଗୁଡ଼ିକର ବୈପ୍ଳବିକ ପ୍ରସାରଣଯୋଗୁଁ ପୃଥିବୀ ଗର୍ଭରେ ଥିବା ଶକ୍ତି ଉତ୍ସ ଯଥା, କୋଇଲା ଓ ପେଟ୍ରୋଲିୟମ ଆଦିକୁ ଉତ୍ତୋଳନ କରି ପ୍ରକୃତିକୁ ଏକ ଅସନ୍ତୁଳିତ ଅବସ୍ଥାକୁ ଘେନି ଆସିଲାଯେ, ତତ୍ ପରବର୍ତ୍ତୀ ସମୟରେ ଏହାକୁ ପୂର୍ବାବସ୍ଥାକୁ ଫେରାଇ ଆଣିବା ଅସମ୍ଭବ ହୋଇପଡ଼ିଲା । ତେବେ ଏହି ସବୁ ଜୀବାଶ୍ମ ଶକ୍ତି ଉତ୍ସଗୁଡ଼ିକର ବହୁଳ ବ୍ୟବହାର କରାଯିବା ଯୋଗୁଁ ପୃଥିବୀର ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ୍ ସହ ଅନ୍ୟାନ୍ୟ ବାୟୁ ପ୍ରଦୁଷଣକାରୀ ଗ୍ୟାସ୍ ମାନଙ୍କ ମଧ୍ୟରୁ ମିଥେନ୍, ନାଇଟ୍ରସ ଅକ୍ସାଇଡ୍, କ୍ଲୋରୋଫ୍ଲୋରୋକାର୍ବନ, ସଲଫର ଅକ୍ସାଇଡ଼ରେ ଅହେତୁକ ବୃଦ୍ଧି ଘଟିବା ଦ୍ୱାରା ପୃଥିବୀର ହାରାହାରି ତାପମାତ୍ରା ଆଶାନୁତୀତ ରୂପେ ବୃଦ୍ଧି ପାଇବାରେ ଲାଗିଲା । ପୃଥିବୀର ବାୟୁମଣ୍ଡଳର ଏହି ପ୍ରକ୍ରିୟାକୁ ''ଜାଗତିକ ଉତ୍ତପ୍ତୀକରଣ'' ବା ''ଗ୍ଲୋବାଲ ୱାର୍ମିଂ'' କୁହାଗଲା । ଜଣାଯାଇଛି ଯେ ବିଂଶ ଶତାବ୍ଦୀ ବିଗତ ୧୨୦୦ ବର୍ଷ ମଧ୍ୟରେ ସବୁଠାରୁ ଉତ୍ତପ୍ତମୟ ଥିଲା । ଏହି ଉତ୍ତପ୍ତୀକରଣର ଫଳ ଉଭୟ ଦୃଶ୍ୟମାନ ତଥା ଅଦୃଶ୍ୟମାନ ଭାବେ ଅନୁଭୂତି ହେଉଛି । ଏହାକୁ ଆଖି ଆଗରେ ରଖି ବିଶ୍ୱରେ ଯେଉଁ କେତୋଟି ବହୁପାକ୍ଷିକ ରାଜିନାମା କରାଯାଇଥିଲା ସେଥିମଧ୍ୟରୁ କ୍ୱୋଟୋ ପ୍ରୋଟୋକଲ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସୁଦୂର ପ୍ରସାରୀ ।

## ବିଶ୍ୱ ଜଳବାୟୁ ପରିବର୍ତ୍ତନ ଉପରେ ବହୁପାକ୍ଷିକ ଚୁକ୍ତି ଓ କାର୍ବନ୍‌ଟ୍ରେଡ଼ିଂ

ପ୍ରକାରାନ୍ତରେ କହିବାକୁ ଗଲେ ବିକଶିତ ଦେଶଗୁଡ଼ିକଦ୍ୱାରା ଅତ୍ୟଧିକ ପେଟ୍ରୋଲିୟମ ଏବଂ କୋଇଲା ସ୍ରୋତରୁ ନିସୃତ ଶକ୍ତିର ବ୍ୟବହାର ହିଁ ବିଶ୍ୱଜଳବାୟୁ ପରିବର୍ତ୍ତନ ପାଇଁ ମୁଖ୍ୟ ଭାବରେ ଦାୟୀ । ସୁତରାଂ ଏହି ଉତ୍ତପ୍ତ ସୃଷ୍ଟିକାରୀ ଗ୍ୟାସ୍ ଗୁଡ଼ିକ ପ୍ରଭାବରୁ ବାୟୁମଣ୍ଡଳକୁ ରୋକିବା ପାଇଁ ସର୍ବପ୍ରଥମେ ୧୯୯୭ ମସିହା ଡ଼ିସେମ୍ବର ମାସରେ ଜାପାନ୍‌ର ପୁରାତନ ରାଜଧାନୀ ''କ୍ୱୋଟୋ'' ଠାରେ ଏକ ଆନ୍ତର୍ଜାତୀୟ ସମ୍ମିଳନୀ ହୋଇଥିଲା ଏବଂ ଏକ ଚୁକ୍ତିନାମା ପ୍ରସ୍ତୁତ କରାଯାଇଥିଲା । ଏହି ଚୁକ୍ତିନାମାନୁଯାୟୀ ପ୍ରତ୍ୟେକ ଦେଶ ନିର୍ଗତ ହେଉଥିବା ଉତ୍ତାପ ଧାରଣକାରୀ ଗ୍ୟାସଗୁଡ଼ିକୁ ୨୦୦୮ରୁ ୨୦୧୨ ମସିହା ସୁଦ୍ଧା ୫.୨ ପ୍ରତିଶତ କମାଇବାକୁ ନିଷ୍ପତ୍ତି ନେଇଥିଲେ । ଏହି କ୍ୱୋଟୋ ଚୁକ୍ତିନାମା ସର୍ବସମ୍ମତିକ୍ରମେ ଫେବୃୟାରୀ ୧୬, ୨୦୦୫ ମସିହାରେ ସ୍ୱାକ୍ଷାରିତ ହୋଇଥିଲା । ଏହି ଚୁକ୍ତିନାମା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ କାରଣ ତୁଳନାତ୍ମକ ଭାବରେ ଦେଖିବାକୁ ଗଲେ ବିକାଶଶୀଳ ଦେଶ ଏବଂ ବିକଶିତ ଦେଶଗୁଡ଼ିକ ଦ୍ୱାରା ବାୟୁମଣ୍ଡଳକୁ ନିର୍ଗତ ହେଉଥିବା ''ଉତ୍ତାପ ଧାରଣକାରୀ'' ଗ୍ୟାସ୍ ଗୁଡ଼ିକର ମାତ୍ରା ମଧ୍ୟରେ ଯଥେଷ୍ଟ ପ୍ରଭେଦ ରହିଛି । ବିକଶିତ ଦେଶଗୁଡ଼ିକ ବିକାଶଶୀଳ ଦେଶଗୁଡ଼ିକର ତୁଳନାରେ ହାରାହାରି ୨୦ ଗୁଣ ଏହି ଗ୍ୟାସ ଗୁଡ଼ିକୁ ବାୟୁମଣ୍ଡଳକୁ ନିର୍ଗତ କରୁଛନ୍ତି । ଉଦାହରଣ ସ୍ୱରୂପ, ଯୁକ୍ତରାଷ୍ଟ୍ର ଆମେରିକା ପୃଥିବୀର ମୋଟ ଜନସଂଖ୍ୟାର ମାତ୍ର ୫ଭାଗ ହୋଇଥିଲେ ହେଁ ପୃଥିବୀର ସମୁଦାୟ ''ଉତ୍ତାପ ଧାରଣକାରୀ'' ଗ୍ୟାସ୍ ଗୁଡ଼ିକମଧ୍ୟରୁ ୨୫ଭାଗ ନିର୍ଗତ କରୁଛି ଏବଂ ଭାରତ ଦ୍ୱାରା ନିର୍ଗତ ଗ୍ରୀନ୍ ହାଉସ୍ ଗ୍ୟାସ୍‌ର ପରିମାଣ ଠାରୁ ୨୦ ଗୁଣ ଅଧିକ ।

ଅପରପକ୍ଷରେ ଭାରତ ଓ ଚୀନ୍ ଭଳି ଦେଶମାନଙ୍କରେ ଅଧୁନା ଶିଳ୍ପାନୁଷ୍ଠାନମାନଙ୍କର ଉନ୍ନତି ଘଟୁଅଛି । ଏହି ଶିଳ୍ପାନୁଷ୍ଠାନ ମାନଙ୍କର ଅଭିବୃଦ୍ଧି ନିମନ୍ତେ ଜୀବାଶ୍ମ ଜାଳେଣୀ ବ୍ୟତିରେକ ବହୁତ କମ୍ ବିକଳ୍ପ ଶକ୍ତି ଉତ୍ସ ଉପଲବ୍ଧ ଅଛି, ଯାହାକି ଏହି ଶିଳ୍ପାୟନର ବିକାଶଧାରାକୁ ବଜାୟ ରଖିପାରିବ । ସୁତରାଂ ଜୀବାସ୍ମ ଶକ୍ତି ଉତ୍ସହିଁ ଏକ ମୁଖ୍ୟ ଶକ୍ତିର ଉତ୍ସ ହୋଇ ରହିଛି । କିନ୍ତୁ ବିକଶିତ ଦେଶଗୁଡ଼ିକ ଏହି ଜୀବାଶ୍ମ ବା କାର୍ବନ୍ ଶକ୍ତିର ଉତ୍ସକୁ ବହୁଳ ଭାବରେ ବ୍ୟବହାର କରି ଆଜି ସେମାନଙ୍କ ବିକଶିତ ସ୍ତରରେ ପହଞ୍ଚିଛନ୍ତି । କ୍ୱୋଟୋ ଚୁକ୍ତିନାମା ଦୁଇପ୍ରକାର ଦେଶମାନଙ୍କ ମଧ୍ୟରେ ଥିବା ଅସନ୍ତୁଳିତ ଜୀବାଶ୍ମ ବ୍ୟବହାର ପଦାର୍ଥକୁ ସୁଧାରିବା ପାଇଁ ଏକ ଅଭିନବ ଏବଂ ଉଚିତ ପ୍ରଚେଷ୍ଟା । ଯେହେତୁ ବିକଶିତ ଦେଶଗୁଡ଼ିକ ପାରିବେଶିକ ଦୃଷ୍ଟି କୋଣରୁ ମୁଖ୍ୟତଃ ଦାୟୀ, ଏହି ଚୁକ୍ତିନାମାନୁଯାୟୀ ଅଧିକ ପ୍ରଦୂଷଣକାରୀ ଦେଶଗୁଡ଼ିକୁ ସେମାନଙ୍କର ଏହି ପ୍ରଦୂଷଣ ଯୋଗୁଁ ଆର୍ଥିକ ଦଣ୍ଡ ବିଧାନ କରାଯାଇଛି ତଥା କମ୍ ପ୍ରଦୁଷଣକାରୀ ବିକାଶଶୀଳ ଦେଶଗୁଡ଼ିକୁ ସେମାନଙ୍କ କମ୍ ପ୍ରଦୁଷଣ ବା ସବୁଜଘର ଗ୍ୟାସ ନିର୍ଗତ ଯୋଗୁଁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ସୁଯୋଗ ରହିଛି ।

ଯେଉଁ ଦେଶ ପୃଥିବୀର ହାରାହାରି ନିର୍ଗତ ଗ୍ୟାସ ପରିମାଣଠାରୁ କମ୍ ନିର୍ଗତ କରୁଅଛି; ସେମାନେ ସେହି ହାରାହାରି ପରିମାଣ ପର୍ଯ୍ୟନ୍ତ ନିର୍ଗତ କରିପାରିବେ ଏବଂ ଯେଉଁ ବିକଶିତ ଦେଶଗୁଡ଼ିକ ହାରାହାରି ପରିମାଣଠାରୁ ଅଧିକ ନିର୍ଗତ କରୁଛନ୍ତି; ସେମାନେ ସେହି ହାରାହାରି ପରିମାଣ ପର୍ଯ୍ୟନ୍ତ ନିଜର ''ଉତ୍ତାପ ଧାରଣକାରୀ'' ଗ୍ୟାସ୍‌ର ପରିମାଣକୁ କମାଇବାକୁ ବାଧ୍ୟ ହେବେ । ଅନ୍ୟ ପକ୍ଷରେ ଯଦି ଉଭୟ ପ୍ରକାର ଦେଶ ନିଜ ନିଜ ମଧ୍ୟରେ ଚୁକ୍ତିନାମା କରି ନିଜ ନିଜ ମଧ୍ୟରେ ନିର୍ଗତ କରୁଥିବା ଗ୍ୟାସ୍‌ର ପରିମାଣକୁ ହାରାହାରି ହିସାବ କରନ୍ତି, ତେବେ ସେହି ଦୁଇ ଦେଶଗୁଡ଼ିକରୁ ନିର୍ଗତ ଗ୍ୟାସ୍ ହୁଏତ ପୃଥିବୀର ହାରାହାରି ପରିମାଣ ଆଡ଼କୁ ପାଖେଇବ । ବିକାଶଶୀଳ ଦେଶମାନଙ୍କର ଏହି ''ପରିଶ୍ରୁତ'' ପରିମାଣକୁ ବିକଶିତ ଦେଶଗୁଡ଼ିକ କିଣିପାରିବେ, ଯଦ୍ୱାରା ସେମାନେ ଚୁକ୍ତିବଦ୍ଧ ହୋଇଥିବା ପୃଥିବୀର ହାରାହାରି ପରିମାଣ ସହ ନିଜକୁ ସାମିଲ କରିପାରିବ ଏବଂ କ୍ୱୋଟୋ ଚୁକ୍ତିନାମାକୁ ସାକାର କରିପାରିବେ ।

ଭାରତ ଏବଂ ଚୀନ୍ ଭଳି ବିକାଶଶୀଳ ଦେଶଗୁଡ଼ିକ ଏହାର ସଦୁପଯୋଗ ନେବା ଉଚିତ୍ । ସେମାନଙ୍କ କମ୍ ''ଉତ୍ତାପ ଧାରଣକାରୀ'' ଗ୍ୟାସ୍ ନିର୍ଗତ ଯୋଗୁଁ କ୍ୱୋଟୋ ଚୁକ୍ତିନାମାନୁଯାୟୀ ନିଜର କମ୍ ନିର୍ଗମନକୁ

ବ୍ୟବସାୟ କରିପାରିବେ । ଏହି ବ୍ୟବସାୟକୁ ''କାର୍ବନ ଟ୍ରେଡ଼ିଂ'' କୁହାଯାଏ । ଏହି କାର୍ବନ୍ ଟ୍ରେଡ଼ିଂ କ୍ୱୋଟୋ ଚୁକ୍ତିନାମାର ''କ୍ଲିନ୍ ଡ଼େଭେଲପ୍‌ମେଣ୍ଟ ମେକାନିଜ୍‌ମ'' ବିଭାଗରେ ଅନ୍ତର୍ଭୁକ୍ତ । ''କ୍ଲିନ୍ ଡ଼େଭେଲପ୍‌ମେଣ୍ଟ ମେକାନିଜ୍‌ମ୍''ରେ ଅନ୍ତର୍ଭୁକ୍ତ ସୁଯୋଗ ଅନୁଯାୟୀ ଅଧିକ ପ୍ରଦୂଷଣକାରୀ ଦେଶ କମ୍ ପ୍ରଦୂଷଣକାରୀ ଦେଶକୁ ଅତି ବିକଶିତ ବୈଷୟିକ ଯନ୍ତ୍ରପାତି ଏବଂ ଆର୍ଥିକ ସହଯୋଗ ଯୋଗାଇପାରିବେ । ତେଣୁ ଭାରତ ପାଇଁ ଏହା ନିହାତି ଭାବରେ ଏକ ସୁଯୋଗ । ଅପରପକ୍ଷରେ ଯଦି ଭାରତ ପ୍ରଚେଷ୍ଟା କରେ ତେବେ ନିଜର ବିକାଶଶୀଳ ସମସ୍ତ ପ୍ରକଳ୍ପ ଗୁଡ଼ିକରେ ଅତି ବିକଶିତ ଯନ୍ତ୍ରପାତି ବ୍ୟବହାର କରି ପୃଥିବୀର ବାୟୁମଣ୍ଡଳକୁ ଆହୁରି କମ୍ ଗ୍ୟାସ୍ ନିର୍ଗତ କରିପାରିବ ତଥା ''କାର୍ବନ ଟ୍ରେଡ଼ିଂ''ରେ ଭାଗ ନେଇ ପାରିବ ।

ଏଥିପାଇଁ ଭାରତ ମଧ୍ୟରେ ଥିବା ଇଚ୍ଛୁକ ଅନୁଷ୍ଠାନ ଏକ କ୍ଲିନ୍ ଡ଼େଭେଲପ୍‌ମେଣ୍ଟ ମେକାନିଜ୍‌ମ୍ ପ୍ରକଳ୍ପ ପ୍ରସ୍ତୁତ କରି ଆନ୍ତର୍ଜାତୀୟ ସ୍ତରରେ ଆବେଦନ କରିପାରିବେ । ''କ୍ଲିନ୍ ଡ଼େଭେଲପ୍‌ମେଣ୍ଟ ମେକାନିଜମ୍''ରେ ଯେଉଁ ଅନୁଷ୍ଠାନ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଯେତେ ପରିମାଣରେ (ଟନ୍‌ରେ) ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଉତ୍ତାପ ଧାରଣକାରୀ ଗ୍ୟାସ୍‌କୁ ବାୟୁମଣ୍ଡଳକୁ ଛାଡ଼ିବାକୁ ରୋକିପାରିବ ସେତେପରିମାଣରେ ଏହି ''ବାୟୁମଣ୍ଡଳୀୟ ସଫେଇ''କୁ ଏକକ ହିସାବରେ ବ୍ୟବସାୟ କରିହେବ । ଏକ ଟନ୍ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗମନ କମ୍ ହେଲେ ଓ ତାହାକୁ ଏକ ଆନ୍ତର୍ଜାତୀୟ ଅନୁଷ୍ଠାନ ଦ୍ୱାରା ଚିହ୍ନଟ କରାଗଲା ପରେ ଏହାକୁ ''ସାର୍ଟିଫାଏଡ଼୍ ଏମ୍ମିସନ୍ ରିଡ଼କସ୍‌ନ'' ବା CERମିଳିବ । ଏହି CER କୁ ଆନ୍ତର୍ଜାତୀୟ ସ୍ତରରେ ଆମେରିକୀୟ ଡ଼ଲାର ମାଧ୍ୟମରେ ବ୍ୟବସାୟ କରାଯାଏ । ଏହି CER ର ବ୍ୟବସାୟର ଆୟକୁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ବ୍ୟବହାର କରିହେବ । ଏହି CER କୁ ''କାର୍ବନ କ୍ରେଡ଼ିଟ୍'' ମଧ୍ୟ କୁହାଯାଏ । କାର୍ବନ କ୍ରେଡ଼ିଟ୍‌କୁ ବିକଶିତ ଦେଶମାନଙ୍କର ସରକାର, ବହୁମୁଖୀ ଏଜେନ୍ସି ତଥା ବେସରକାରୀ ଅନୁଷ୍ଠାନଗୁଡ଼ିକ କିଣିବା ନିମନ୍ତେ ସୁଯୋଗ ଅଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ନିର୍ଗମନ ହ୍ରାସ ପ୍ରମାଣପତ୍ର ହେଉଛି ସେୟାର ମାର୍କେଟରେ ମିଳୁଥିବା ସାର୍ଟିଫକେଟ ଭଳି ପ୍ରମାଣପତ୍ର । ଏହି ପ୍ରମାଣପତ୍ର ୟୁ.ଏନ୍.ଏଫ୍.ସି.ସି.ର ସି.ଡ଼ି.ଏମ୍ (ସ୍ୱଚ୍ଛଉନ୍ନୟନ କୌଶଳ) ର ନିର୍ବାହୀ ବୋର୍ଡ଼ ଦେଇଥାନ୍ତି । ବିକାଶଶୀଳ ରାଷ୍ଟ୍ରର ଯେଉଁ ପ୍ରକଳ୍ପ ବାର୍ଷିକ ଏକଟନ୍ ପରିମାଣର କାର୍ବନ ଡ଼ାଇଅକ୍ସାଇଡ଼୍ ଭଳି ଗ୍ରୀନ୍‌ହାଉସ୍ ଗ୍ୟାସ ନିର୍ଗମନ ରୋକିଥାଏ ତାକୁ ସି.ଡ଼ି.ଏମ୍ ବୋର୍ଡ଼ ଗୋଟିଏ ସି.ଇ.ଆର୍. ଦେଇଥାଏ । ଅର୍ଥାତ୍ ଯେଉଁ ପ୍ରକଳ୍ପ ଯେତେ ସଂଖ୍ୟକ ସି.ଇ.ଆର କିଣିଥିବ ସେ ସେତିକି ଟନ୍ ପରିମାଣର ନିର୍ଗମନ ହ୍ରାସ କରିଛି ବୋଲି ଦାବି କରିପାରିବ । କିନ୍ତୁ ସି.ଇ.ଆର. ବିକ୍ରି କରିଥିବା ପ୍ରକଳ୍ପ ଅଧିକ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ କଲେ; ନିଷ୍କାସନ ହ୍ରାସ କରିଛି ବୋଲି ଦାବି କରିପାରିବ ନାହିଁ । କେବଳ ଯେ ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ଅଙ୍ଗାରକାମ୍ଳ ଗ୍ୟାସ୍‌ର ନିର୍ଗମନ କମ୍ କରିହେବ ତାହା ନୁହେଁ, ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ ଯୋଗୁଁ ମଧ୍ୟ କ୍ଷତିକାରକ ଅଙ୍ଗାରକାମ୍ଳ ଗ୍ୟାସର ନିର୍ଗମନକୁ ବାୟୁମଣ୍ଡଳରୁ କମାଇହେବ, ଏହାକୁ ମଧ୍ୟ ''କ୍ଲିନ୍ ଡ଼େଭେଲେପ୍‌ମେଣ୍ଟ ମେକାନିଜମ୍'' ଅନ୍ତର୍ଭୁକ୍ତ କରାଯାଇପାରିବ ।

## କାର୍ବନ ବେପାର ପାଇଁ କ୍ୱୋଟୋ କୌଶଳ

୧୯୯୭ ମସିହାର କ୍ୟୋଟୋ ପ୍ରୋଟୋକଲ ଚୁକ୍ତିନାମାପରେ ପୃଥିବୀର ଦେଶ ସମୂହ ଶିଳ୍ପୋନ୍ନତ ଓ ବିକାଶ ଶୀଳ ରାଷ୍ଟ୍ର ଏହିଭଳି ଦୁଇଟି ଭାଗରେ ବିଭକ୍ତ ହୋଇପଡ଼ିଲେ । ଏଥିରେ ମୁଖ୍ୟତଃ ନିଷ୍ପତ୍ତି ନିଆଯାଇଥିଲା ଯେ, ଶିଳ୍ପ ଓ ବାଣିଜ୍ୟ ଦୃଷ୍ଟିରୁ ହେଉଥିବା ପ୍ରଦୂଷଣ କେବଳ ସେହି ବାଣିଜ୍ୟ ମଧ୍ୟରେ ଭରଣା କରାଯାଇପାରିବ । ଅର୍ଥାତ୍ ଯଦି ଶିଳ୍ପାୟନ ଅଧିକ ପରିମାଣରେ ସବୁଜଗୃହ ଗ୍ୟାସ ନିର୍ଗତ କରୁଛି ତେବେ ତା'ର ପ୍ରତିକାର ସ୍ୱରୂପ ତିନୋଟି ବ୍ୟବସ୍ଥା ଗ୍ରହଣ କରାଯାଇ ଏହି ନିର୍ଗମନ ହ୍ରାସ କରାଯାଇପାରିବ । ସେଗୁଡ଼ିକ ହେଲା– କାର୍ବନ ବଜାର ବା କାର୍ବନ ବେପାର, ସ୍ୱଚ୍ଛ ଉନ୍ନୟନ କୌଶଳ ବା କ୍ଲିନ୍ ଡ଼େଭେଲପମେଣ୍ଟ ମେକାନିଜିମ୍ ଓ ମିଳିତକାର୍ଯ୍ୟାନ୍ୱୟନ ବା ଜଏଣ୍ଟ ଇମ୍ପ୍ଲିମେଣ୍ଟେସନ୍ ।

## କାର୍ବନ ମାର୍କେଟ

କୌଣସି ଏକ ଦେଶ ଅନୁମୋଦିତ ହୋଇଥିବା ନିର୍ଗମନଠାରୁ କମ୍ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ କରୁଥିଲେ ଏକ ଅଧିକ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ କରୁଥିବା ରାଷ୍ଟ୍ର କମ୍ ନିର୍ଗମନ କରୁଥିବା ରାଷ୍ଟ୍ରକୁ କିଛି ଅଂଶ ହସ୍ତାନ୍ତର କରି କମ୍ ଗ୍ରୀନ୍‌ହାଉସ ଗ୍ୟାସ ନିର୍ଗମନ କଲାବୋଲି ଦାବି କରିପାରିବ । କିନ୍ତୁ ଏହା ଯେ କୌଣସି ପରିସ୍ଥିତିରେ ଧାର୍ଯ୍ୟ କରାଯାଇଥିବା ନିର୍ଗମନଠାରୁ ଅଧିକ ହୋଇନଥିବା ବିଧେୟ ।

## କ୍ଲିନ୍ ଡ଼େଭେଲେପ୍‌ମେଣ୍ଟ ମେକାନିଜିମ୍

ଗୋଟିଏ ଶିଳ୍ପୋନ୍ନତ ରାଷ୍ଟ୍ର ଅନ୍ୟ ଏକ ବିକାଶଶୀଳ ରାଷ୍ଟ୍ରର ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସପାଇଁ ଅର୍ଥ ନିବେଶ କରି ସେଠାରେ ଗ୍ରୀନ୍‌ହାଉସ ଗ୍ୟାସ କମାଇପାରିଲେ ନିଜ (ମୁଳ ପ୍ରକଳ୍ପ ଥିବା ରାଷ୍ଟ୍ରରେ) ଦେଶର ନିର୍ଗମନ ହ୍ରାସ କରିଛି ବୋଲି ଦାବି କରିପାରିବ ।

## ଭାରତ ଓ ଓଡ଼ିଶାରେ ସ୍ୱଚ୍ଛ କାର୍ବନ ବେପାର

ଏବେ ଭାରତରେ ଏହି ଉନ୍ନୟନ କୌଶଳ (CDM) ଜୋରସୋର୍‌ରେ ଚାଲିଛି । ୨୭ ଅକ୍ଟୋବର ୨୦୦୮ ସୁଦ୍ଧା ୟୁ.ଏନ୍.ଏଫ୍.ସି.ସି. ପାଖରେ ୧୧୫୧ ଟି ପ୍ରକଳ୍ପ ପଞ୍ଜିକରଣ ହୋଇଥିଲା, ଯାହା ମଧ୍ୟରେ କେବଳ ଭାରତର ୩୦ ପ୍ରତିଶତ ପ୍ରକଳ୍ପ ଥିଲା । ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ ଭାରତର ୩୫୯ଟି ପ୍ରକଳ୍ପକୁ ୪୯,୭୮୮,୮୯୭ ଟି ନିର୍ଗମନ ହ୍ରାସ ପ୍ରମାଣ ପତ୍ର (CER) ମିଳିଥିଲା । ଅର୍ଥାତ୍ ସମଗ୍ର ହୋଷ୍ଟ, ପାର୍ଟିକୁ ମିଳିଥିବା ୨୦୪,୩୧୧,୯୩୩ଟି ମଧ୍ୟରୁ କେବଳ ଭାରତକୁ ୨୪.୩୭ ପ୍ରତିଶତ CER ମିଳିଥିଲା । ଚାଇନା ସର୍ବୋଚ୍ଚ ୩୭.୫୭ ପ୍ରତିଶତ CER ମିଳିଥିବାବେଳେ କୋରିଆକୁ ୧୫.୪୮ ପ୍ରତିଶତ ଏବଂ ବ୍ରାଜିଲ୍, ମକ୍ସିକୋ, ଭିଏତ୍‌ନାମ ଓ ଅନ୍ୟାନ୍ୟ ରାଷ୍ଟ୍ରଗୁଡ଼ିକୁ ମାତ୍ର ୨୩ ପ୍ରତିଶତ CER ମିଳିଛି ।

ଆମ ରାଜ୍ୟରେ ମଧ୍ୟ CDM ବେପାରରୁ ଲାଭ ନେବାର ପ୍ରକ୍ରିୟା ଆରମ୍ଭ ହୋଇଗଲାଣି । ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୨୯ଟି ପ୍ରକଳ୍ପକୁ ମଧ୍ୟରୁ ଶିଳ୍ପାୟନ ପ୍ରକ୍ରିୟା ପାଇଁ ୬ଟି, ଶକ୍ତି ଦକ୍ଷତା (energy efficiency) ପାଇଁ ୧୫ ଟି ଓ ଅକ୍ଷୟ ଶକ୍ତି ପାଇଁ ୮ଟି ପ୍ରକଳ୍ପକୁ ଜାତୀୟ ସ୍ୱଚ୍ଛ ଉନ୍ନୟନ କୌଶଳ କର୍ତ୍ତୃପକ୍ଷଙ୍କ ପାଖରୁ ଅନୁମୋଦନ ମିଳିଛି ।

## କାର୍ବନ ରାଜନୀତି

କ୍ୱୋଟୋ ପ୍ରୋଟୋକଲର ଚୁକ୍ତିକୁ ଯଦି ଅକ୍ଷରେ ଅକ୍ଷରେ ପାଳନ କରାଯାଏ, ତେବେ ଶିଳ୍ପୋନ୍ନତ

ରାଷ୍ଟ୍ରଗୁଡ଼ିକ ପାଇଁ ଅଧିକ ମହଙ୍ଗା ପଡ଼ିବ । ଏପରିକି କଳ କାରଖାନା, କୃଷି, ପ୍ୟାକେଜିଂ, ପରିତ୍ୟକ୍ତ ସାମଗ୍ରୀ ପ୍ରକ୍ରିୟାକରଣ, ଯାନବାହାନ ଓ ଖଣିଖନନ ପରି ଅଧିକ ଗ୍ରୀନ୍ ହାଉସ୍ ନିର୍ଗମନ ଶିଳ୍ପ ବନ୍ଦ କରିବାକୁ ପଡ଼ିବ । ଯଦି ଅଧିକ ବୈଷୟିକ କାରିଗରୀ କୌଶଳ ଅବଲମ୍ବନ କରାଯାଏ ତେବେ ଅର୍ଥନୀତି ଭୁଷୁଡ଼ି ପଡ଼ିବ । ତେଣୁ ଆମେରିକା ଓ ଅଷ୍ଟ୍ରେଲିଆ ପରି ଦେଶମାନେ ଏଥିରେ ପ୍ରଥମେ ସ୍ୱାକ୍ଷର କଲେନାହିଁ । ବରଂ ସେମାନେ ଯୁକ୍ତି ବାଢ଼ିଛନ୍ତି ଯେ, ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଅଧିକ ଜୀବାଶ୍ମ ଜାଳେଣୀ, ରାସାୟନିକ ସାର ପ୍ରୟୋଗ, ଅଧିକ ଜଳାଶୟ ଓ ଜଳଠୁଳ ସମସ୍ୟା ହିଁ ମିଥେନ୍ ଗ୍ୟାସ୍ ସୃଷ୍ଟି କରେ । ତେଣୁ ବିକାଶଶୀଳ ରାଷ୍ଟ୍ରମାନଙ୍କରେ ଶିଳ୍ପୋନ୍ନତ ରାଷ୍ଟ୍ରମାନେ ଉନ୍ନତମାନର ଶିଳ୍ପସମ୍ବନ୍ଧୀୟ ଜ୍ଞାନ କୌଶଳ, ଯନ୍ତ୍ରପାତି ନିବେଶ ମାଧ୍ୟରେ ନିଜର ଗ୍ରୀନ୍ ହାଉସ୍ ନିର୍ଗମନ ରୋକି ପାରିବେ ବୋଲି ଧରାଯିବ ।

ଏହି ଚିନ୍ତାଧାରାକୁ ନେଇ ଶିଳ୍ପ ଓ ଅର୍ଥ ନୈତିକ ପ୍ରଗତିକୁ ରୋକାଯାଇ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ହ୍ରାସ କରିବା ନିମନ୍ତେ ଏହି ବ୍ୟବସାୟିକ ବାଟ ଗୁଡ଼ିକ ବାହାର କରାଯାଇଛି । କାରଣ ଶିଳ୍ପୋନ୍ନତ ରାଷ୍ଟ୍ରଗୁଡ଼ିକରେ ଯେତିକି ନିର୍ଗମନ ହୁଏ ତା'ଠାରୁ ବହୁତ କମ୍ ନିର୍ଗମନ ବିକାଶଶୀଳ ଦେଶଗୁଡ଼ିକରେ ବାହାରୁଥିବାରୁ ଏଠାରେ କମ୍ ପୁଞ୍ଜି ବା ଯନ୍ତ୍ରପାତି ବିନିଯୋଗ କରି ସି.ଇ.ଆର୍. ହାତେଇବା ପାଇଁ ମସୁଧା ଚାଲିଛି । ଏହା ବ୍ୟତୀତ ସି.ଇ.ଆର ପାଇବା ପାଇଁ ପ୍ରାୟ ୪୫,୦୦୦ ଡ଼ଲାର ବା ଭାରତୀୟ ମୁଦ୍ରାରେ ୧୮ଲକ୍ଷରୁ ଅଧିକ ଟଙ୍କା ଲାଗିଥାଏ । ସମୁଦାୟ ଅର୍ଥ ମଧ୍ୟରୁ ପ୍ରକଳ୍ପ ଡ଼ିଜାଇନ୍ ନଥିପତ୍ର ପ୍ରସ୍ତୁତ ଓ ବୈଧିକରଣ ଅର୍ଥ ଜମା କରିବାରେ ପାଖାପାଖି ୧୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଯାଇଥାଏ । ତଥାପି ପ୍ରକଳ୍ପ ସି.ଇ.ଆର୍ ପାଇବ କି ନାହିଁ ସନ୍ଦେହ ଥିବାରୁ ସି.ଡ଼ି.ଏମ୍ ଦୌଡ଼ରେ ଛୋଟ ଛୋଟ ପ୍ରକଳ୍ପମାନେ ସାମିଲ୍ ହେଉନାହାନ୍ତି ।

## କ୍ୟୋଟୋ ଚୁକ୍ତିନାମା ପରିପ୍ରେକ୍ଷୀରେ ଗୋଷ୍ଠୀ ବନ ପରିଚାଳନା

ଯେହେତୁ ବୃକ୍ଷଲତା ବାୟୁମଣ୍ଡଳର ଅଙ୍ଗାରକାମ୍ଳ ଗ୍ୟାସକୁ ଗ୍ରହଣ କରି ସେମାନଙ୍କ ନିଜର ବୃଦ୍ଧିର ସହାୟକ ହୋଇଥାନ୍ତି, ତେଣୁ ବାୟୁମଣ୍ଡଳୀୟ ଅଙ୍ଗାରକାମ୍ଳ ପ୍ରଦୂଷଣର ଆୟତ୍ତ ନିମନ୍ତେ ଓଡ଼ିଶାର ଗୋଷ୍ଠି ବନ ପରିଚାଳନା ଏକାନ୍ତ ଉପଯୋଗୀ । ହିସାବରୁ ଜଣାପଡ଼ିଛି ଯେ, ଏକ ବୃକ୍ଷର ଶୁଷ୍କ ଜୈବ ବସ୍ତୁତ୍ୱ (ଅଥବା ଶୁଷ୍କ ଓଜନ) ଯେତେ, ତାହାର ୫୦ଭାଗ କାର୍ବନ ବା ଅଙ୍ଗାରକାମ୍ଳ ହିଁ ଥାଏ । ସୁତରାଂ ଆମର ଜଙ୍ଗଲ ଯେତେ ବୃଦ୍ଧି ହେବ, ସେତେ ପରିମାଣର ବାୟୁମଣ୍ଡଳୀୟ ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ଉତ୍ତାପ ଧାରଣକାରୀ ଗ୍ୟାସମାନଙ୍କ ମଧ୍ୟରୁ ଅଧିକାଂଶ ବୃକ୍ଷଲତାଦି ଗ୍ରହଣ କରି ନିଜର ଅଭିବୃଦ୍ଧି ସହ ବାୟୁମଣ୍ଡଳୀୟ ସଫେଇ ମଧ୍ୟ କରିପାରିବେ ଏବଂ ଏହାକୁ ବିଶ୍ୱସ୍ତରୀୟ ''କ୍ଲିନ୍ ଡ଼େଭେଲେପ୍‌ମେଣ୍ଟ ମେକାନିଜ୍‌ମ'' ରେ ଅନ୍ତର୍ଭୁକ୍ତ କରିହେବ । ଇତି ମଧ୍ୟରେ ବିଶ୍ୱବ୍ୟାଙ୍କ ୧୦୦ ନିୟୁତ ଡ଼ଲାରର ବାୟୋ-କାର୍ବନ ରାଶି ପ୍ରଚଳନ କରିଛନ୍ତି, ଯାହାଦ୍ୱାରା ଗଛ ଲଗାଇବା ପାଇଁ ଏହି ଅନୁଦାନ ଖର୍ଚ୍ଚ କରାଯିବ ଏବଂ ଏହାଦ୍ୱାରା ସେହି କମ୍ପାନୀମାନଙ୍କ ଦ୍ୱାରା ନିସୃତ ଅଙ୍ଗାରକାମ୍ଳ ଗ୍ୟାସ୍‌କୁ ଗଛ ଦ୍ୱାରା ଶୋଷି ହେବ । ବାୟୁମଣ୍ଡଳକୁ ଏହି ଗ୍ୟାସ୍‌ମାନଙ୍କ ଦାଉରୁ ରକ୍ଷା କରିହେବ । ଏହି କମ୍ପାନୀମାନେ ''କାର୍ବନ ଟ୍ରେଡ଼ିଂ ବା କାର୍ବନ ବ୍ୟବସାୟ'' ନିମନ୍ତେ ଯୋଗ୍ୟ । ଏହାର କାରଣ ଯେତେ ଅଧିକ ଜଙ୍ଗଲ ସୃଷ୍ଟି କରାଯିବ, ସେତେପରିମାଣରେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷି ହେବ ତଥା ବାୟୁମଣ୍ଡଳକୁ ଉତ୍ତାପ ଧାରଣକାରୀ ଗ୍ୟାସ୍ ମାନଙ୍କଠାରୁ ମୁକ୍ତ କରିହେବ । ସୁତରାଂ ଏହି ପରିପ୍ରେକ୍ଷିରେ ଓଡ଼ିଶାର ଗୋଷ୍ଠି ବନ ପରିଚାଳନା ଯଥେଷ୍ଟ ମହତ୍ତ୍ୱ ଗ୍ରହଣ କରିଥାଏ । ସ୍ଥାନୀୟ ଅଞ୍ଚଳରେ ଜୀବନଜୀବିକାର ସୁରକ୍ଷା, ସାଂସ୍କୃତିକ ମହତ୍ତ୍ୱ, ଘରକରଣା ଓ କୃଷି ଉପକରଣର ଆବଶ୍ୟକତା ସାଙ୍ଗକୁ ଜଳସେଚନ ନିମନ୍ତେ ଯଦିଓ ଓଡ଼ିଶାର ଗ୍ରାମବାସୀମାନେ ଜଙ୍ଗଲ ସୁରକ୍ଷା କରିଥିଲେ ଏହାର ଫଳସ୍ୱରୂପ ପାରିପାର୍ଶ୍ୱିକ ଗୁଣବତ୍ତାର ଉନ୍ନତି ଘଟିଛି ଏଥିରେ ସନ୍ଦେହ ନାହିଁ । ଜଙ୍ଗଲ ସୁରକ୍ଷା ଯୋଗୁଁ ଗ୍ରାମଗୋଷ୍ଠୀ ନିଜର ଜଙ୍ଗଲଜାତ ଜୀବିକାର ପୁନରୁଦ୍ଧାର କରିବା ସହ ପାରିପାର୍ଶ୍ୱିକ ଅବସ୍ଥା ଯଥା ନିଜ ଜମି ପାଇଁ ଜୈବିକ ସାର ତଥା ପାଣି ପାଇବାକୁ ସକ୍ଷମ ହୋଇପାରିଛନ୍ତି ।

ନୟାଗଡ଼, କେଉଁଝର, ସୁନ୍ଦରଗଡ଼, ସମ୍ବଲପୁର ଏବଂ ମୟୁରଭଞ୍ଜ ଜିଲ୍ଲାଗୁଡ଼ିକରେ ଗୋଷ୍ଠୀବନ ପରିଚାଳିତ ଜଙ୍ଗଲ ଗୁଡ଼ିକୁ ସର୍ଭେ କରାଯାଇଥିଲା ଏବଂ ଏହି ସର୍ଭେରୁ ଜଣାପଡ଼ିଛି ଯେ ହାରାହାରି ବାର୍ଷିକ ହେକ୍ଟର ପିଛା ୫.୧୦ ଟନ୍ ଜଙ୍ଗଲର ଶୁଷ୍କ ଜୈବ ବସ୍ତୁତ୍ୱ ବୃଦ୍ଧି ହେଉଅଛି ଏବଂ ହାରାହାରି ବାର୍ଷିକ ୨.୫୫ ଟନ୍ ଅଙ୍ଗାରକାମ୍ଳ (ହେକ୍ଟର ପିଛା) ଏହି ଜଙ୍ଗଲ ଗୁଡ଼ିକ ବାୟୁମଣ୍ଡଳରୁ ଶୋଷି ନେଇ ବାୟୁମଣ୍ଡଳକୁ ପରିଷ୍କାର କରୁଅଛନ୍ତି । ଯଦି ହାରାହାରି ଭାବରେ ହିସାବ କରାଯାଏ ଏବଂ ଏହି ଅଙ୍ଗାରକାମ୍ଳକୁ ''କାର୍ବନ୍ ଟ୍ରେଡ଼ିଂ'' କରାଯାଏ ତେବେ ବାର୍ଷିକ ହେକ୍ଟର ପିଛା ୧୭୨୧.୬୧ କାର୍ବନ୍ କ୍ରେଡ଼ିଟ୍ (CER) ମିଳିପାରିବ । ଏହାକୁ ୧୫ ଡ଼ଲାର ହିସାବରେ ବିକ୍ରି କରିଲେ ବାର୍ଷିକ ସମୁଦାୟ ଓଡ଼ିଶାକୁ ଟ୪୩୦, ୪୦, ୨୫, ୦୦୦.୦୦ ମିଳିପାରିବ । ଏହାକୁ ଯଦି ହାରାହାରି ପ୍ରତ୍ୟେକ ଜଙ୍ଗଲ ସୁରକ୍ଷାକାରୀ ଗ୍ରାମଗୋଷ୍ଠୀମାନଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟିଦିଆଯାଏ, ତେବେ ପ୍ରତ୍ୟେକ ଗ୍ରାମଗୋଷ୍ଠୀ ବାର୍ଷିକ ଟ୪,୩୦,୪୦୧.୫୦ ପାଇ ପାରିବେ ।

ବିକଶିତ ଦେଶଗୁଡ଼ିକ ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ନିଯୁକ୍ତ ଥିବା ଗୋଷ୍ଠୀମାନଙ୍କର ଅବଦାନକୁ ଉପେକ୍ଷା କରିବା ଉଚିତ ନୁହେଁ । ଆନ୍ତର୍ଜାତୀୟ ସ୍ତରରେ ଏହି ସୁଯୋଗକୁ ପାଇବା ପାଇଁ ଦୃଢ଼ ପ୍ରଚେଷ୍ଟା କରାଯିବା ଆବଶ୍ୟକ । ଏଥି ସହିତ ଗୋଷ୍ଠୀ ଭିତ୍ତିକ କାର୍ବନ ଶୋଷଣକାରୀ ପ୍ରକ୍ରିୟା (ଯେପରି ଗୋଷ୍ଠୀ ବନ ପରିଚାଳନା)କୁ ପ୍ରୋତ୍ସାହନ ଦେବା ଆବଶ୍ୟକ । ଆମ ରାଜ୍ୟ ସରକାର ଗ୍ରାମଗୋଷ୍ଠୀମାନଙ୍କ ଦ୍ୱାରା ସୁରକ୍ଷିତ ଏହି ଜଙ୍ଗଲ ଉପରେ ମାଲିକାନା ସତ୍ତ୍ୱ ପ୍ରଦାନ କରନ୍ତୁ ଯାହାଦ୍ୱାରା ସେମାନେ ରାଜ୍ୟ, ଦେଶ ତଥା ବୈଦେଶିକ କମ୍ପାନୀମାନଙ୍କ ସହ ଚୁକ୍ତିନାମା କରି କାର୍ବନ ଟ୍ରେଡ଼ିଂ କରିପାରିବେ । ଏହା ବ୍ୟତୀତ ଏକ ବିଶଦ ଆଇନ୍ ଗତ ଢ଼ାଞ୍ଚା ଭାରତୀୟ ଜଙ୍ଗଲ ଓ ପରିବେଶ ମନ୍ତ୍ରାଣାଳୟ ସୃଷ୍ଟି କରିବା ଆବଶ୍ୟକ, ଯଦ୍ଦ୍ୱାରା ଓଡ଼ିଶା ପରି ଅନ୍ୟ ରାଜ୍ୟରେ ମଧ୍ୟ ଏହି ଗୋଷ୍ଠି ଭିତ୍ତିକ କାର୍ବନ୍ ଟ୍ରେଡ଼ିଂକୁ ସ୍ୱକୃତି ମିଳିବା ପାଇଁ ସୁଯୋଗ ସୃଷ୍ଟି କରାଯାଇପାରିବ ।

□

*କାନନ ବିହାର, ଭୁବନେଶ୍ୱର*

# ମୂଲୁ ମାଇଲେ ଯିବ ସରି

(ମୂଲୁ ମାଇଲେ ଯିବ ସରି ଦେବଙ୍କ ସଙ୍ଗେ କିମ୍ବା କଳି । ଏହି ରଢ଼ିଟିକୁ ଏବେ ଖୋଦ୍ ବନ ବିଭାଗ ଆପଣେଇ ନେଇଛି । ଜଙ୍ଗଲ ଅଧିକାର ଆଇନ-୨୦୦୬ର ସମସ୍ତ ପ୍ରାବଧାନଗୁଡ଼ିକୁ ଖୋଲାଖୋଲି ଉଲ୍ଲଘଂନ କରି ଜଙ୍ଗଲ ଜମିରେ ଚାଷବାସ କରୁଥିବା ବନବାସୀଙ୍କ ଜମିରେ ବଳପୂର୍ବକ ଚାରା ରୋପଣ କରିବା ସହିତ; ଯେଉଁ ହିତାଧିକାରୀ ପ୍ରତିବାଦ କରୁଛନ୍ତି ତାଙ୍କୁ ନାଲି ଆଖି ଦେଖାଉଛନ୍ତି ଏବଂ ମରଣାନ୍ତକ ଆକ୍ରମଣ କରିଛନ୍ତି । ଏହିଭଳି ସମ୍ବେଦନଶୀଳ ଘଟଣା ଘଟିଛି କୋରାପୁଟ ଜିଲ୍ଲାର ବେନିମାଳିଗୁଡ଼ା ଗାଁରେ । 'ମର୍ଯ୍ୟାଦାର ସହ ବ□ିବା' ଅଭିଯାନର 'ସତ୍ୟା ସତ୍ୟ ଅନୁସନ୍ଧାନକାରୀ ଦଳ' (fact finding team)ଏନେଇ ଆମକୁ ଦେଇଥିବା ସତ୍ୟାସତ୍ୟ ଘଟଣାର ସାରାଂଶ ଏଠାରେ ଉପସ୍ଥାପନା କରିଛୁ....।)

ଗାଁଟିର ନାମ ବେନିମାଳିଗୁଡ଼ା । ଘର କହିଲେ ମାତ୍ର ୧୨ଟି, ଛଅଟି କନ୍ଧ ପରିବାର ଓ ଛଅଟି ମାଳି ପରିବାର । କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ରାମଗିରି ଗ୍ରାମପ□ାୟତର ଏହି ଗାଁଟି ରାମଗିରି ରେଞ୍ଜ ଅଧୀନସ୍ଥ ସଂରକ୍ଷିତ ଜଙ୍ଗଲରେ ଅଛି । ଗାଁ ଲୋକଙ୍କ ଜୀବନଜୀବିକା ହେଲା ଡଙ୍ଗର ଜମିରେ ଚାଷ ଓ ବନଜାତ ଦ୍ରବ୍ୟ ସଂଗ୍ରହ । ସେଥିରୁ ସେମାନେ ଯାହା ପାଆନ୍ତି ଦୁଃଖ କଷ୍ଟେ ଚଳି ଯାଆନ୍ତି । ଗାଁର ବୟସ୍କ ଲୋକେ କହିଥାନ୍ତି ''ଶହେବର୍ଷ ତଳେ ଦୁଇଟି ଗୁଡ଼ା (ସାହି) ଅଲଗା ଅଲଗା ଥିଲା । କିଏ ଆସି ପ୍ରଥମେ ଏଠି ପଲା ମାରିଲା, କିଏ ଡଙ୍ଗର କୋଡ଼୍କିଲା ତା'ର ହିସାବ ନାହିଁ । ହେଲେ ବାଘ ଭୟରେ ଦୁଇଟି ପଡ଼ା ଏକାଠି ହେବାର ନଜିର ପ୍ରାୟ ୮୦ ବର୍ଷ ହେବ । ସେବେଠାରୁ ପିଢୀ ପିଢୀ ଧରି ବଂଶାନୁକ୍ରମିକ ଭାବେ ଡଙ୍ଗର ଜମିରେ ଚାଷ କରୁଛୁ । କିନ୍ତୁ ଏବେ ବନ ବିଭାଗ ଦାଉ ସାଧୁଛି । ବଳ ପୂର୍ବକ ଆମ ଜମିରେ ଗଛ ଲଗାଉଛି । ବାରମ୍ବାର ଅନୁରୋଧ କଲାପରେ ବିଫଳ ହୋଇ ଆମେ ବିରୋଧ କଲୁ । ହେଲେ ମାଲିମକୋଦମାର ଭୟ ସାଙ୍ଗକୁ ମାଡ଼ ଭୟରେ ଆମେ ନୀରବ ଅଛୁ । ଏହା କ'ଣ ଆଇନ ?'' ଏମିତି ଅନେକ ବ୍ୟଥା ବେଦନାକୁ ଖାଲି ବେନିମାଳିଗୁଡ଼ାର ଗାଁର ଲୋକ ନୁହେଁ ଛୋଟାଗୁଡ଼ା, ଛମିଲିକୁଣ୍ଡ, କୁରୁପଦର, ବାଗ୍‌ତୁଲା, ଘଟମ୍‌ପାନି, ମାଳିଗୁଡ଼ା, ଡୁମୁରିଗୁଡ଼ା ପ୍ରଭୃତି ଗାଁର ଲୋକେ ମଧ କହିଥାନ୍ତି । ସବୁଠି ଏକା ପ୍ରତିବାଦ; ଜଙ୍ଗଲ ବିଭାଗ ଜଙ୍ଗଲିରାଜ ଚଳେଇଛି । ଆଇନକୁ ଖୋଲା ଖୋଲି ଉଲଂଘନ କରୁଛି ।

**ଆଇନର ଉଲଂଘନ**

ଏହି ପରିପ୍ରେକ୍ଷୀରେ ଆଇନ କଥା ବିଚାରକୁ ନିଆଯାଉ । ପିଢୀ ପିଢୀ ଧରି ଜଙ୍ଗଲରେ ରହି ଆସିଥିବା ଯେଉଁ ଅନୁସୂଚୀତ ଜନଜାତି ଓ ବନବାସୀମାନଙ୍କର ଅଧିକାରକୁ ନଥିଭୁକ୍ତ କରାଯାଇପାରିନାହିଁ, ସେମାନଙ୍କର ଅଧିକୃତ ଜମି ଓ ଜଙ୍ଗଲ ଅଧିକାରକୁ ସ୍ୱୀକୃତି ଦିଆଯାଇନାହିଁ ସେଗୁଡ଼ିକର ଆଇନ ଗତ ବୈଧତା ଆଣିବା ତଥା ସେମାନଙ୍କର ଜଙ୍ଗଲ ଜମି ଉପରେ ଥିବା ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାରକୁ ସ୍ୱୀକୃତି ପ୍ରଦାନ କରିବା ନିମନ୍ତେ ୨୦୦୬ ମସିହାରେ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ, ୨୦୦୬ କୁ କେନ୍ଦ୍ର ସରକାର ପ୍ରଣୟନ କଲେ । ସବୁଠାରୁ ବଡ଼ କଥା ହେଲା, ଖୋଦ୍ ସରକାର ସ୍ୱୀକାର କରିଛନ୍ତି ଯେ, ସ୍ୱାଧିନତାର ପୂର୍ବ ଏବଂ ସ୍ୱାଧିନୋ□ର ଭାରତବର୍ଷରେ ବିଭିନ୍ନ ସମୟରେ ଯଥା, ଜଙ୍ଗଲଗୁଡ଼ିକର ମିଶ୍ରଣ ଓ ରାଜ୍ୟଗୁଡ଼ିକର ମିଶ୍ରଣ ବେଳେ ବନବାସୀମାନଙ୍କର ପୈତୃକ ସମ୍ପ□ି ଓ ବାସସ୍ଥଳୀ ଉପରେ ନ୍ୟାୟ ସଙ୍ଗତ ଅଧିକାର ପ୍ରଦାନ କରାଯାଇନଥିଲା । ସେମାନଙ୍କ ପ୍ରତି ଐତିହାସିକ ଅନ୍ୟାୟ କରାଯାଇଥିଲା ।

ତେଣୁ ଏହି ଆଇନର ତୃତୀୟ ପରିଚ୍ଛେଦର ଧାରା ୪ର ଉପଧାରା-୫ରେ ଉଲ୍ଲେଖ କରାଯାଇଛି ଯେ, ଜଙ୍ଗଲ ଅଧିକାରର ସ୍ୱୀକୃତି ଓ ଯା□ ପ୍ରକ୍ରିୟା ଶେଷ ନହେବା ଯାଏଁ ବନବାସୀ ଓ ପାରମ୍ପରିକ ଅଧିବାସୀଙ୍କୁ ସେମାନଙ୍କ ଭୋଗ ଦଖଲରେ ଥିବା ଜମିରୁ ଉଚ୍ଛେଦ କିମ୍ବା ବିତାଡ଼ିତ କରାଯାଇପାରିବ ନାହିଁ । ପ୍ରକାଶଥାଉ କି, ଆଇନର ଏହି ପ୍ରାବଧନତାକୁ ଖୋଲାଖୋଲି ଉଲ୍ଲଘଂନ କରି ବେନିମାଳିଗୁଡ଼ା ଗାଁର ଅଧିବାସୀଙ୍କ ଚାଷ ଜମିରେ ବୃକ୍ଷରୋପଣ କରାଯାଉଛି । ଉଦ୍ଦେଶ୍ୟ ହେଉଛି ଚାଷଜମିରେ ଚାରାରୋପଣ କରିଦେଲେ ଆଦିବାସୀମାନେ ହଟିଯିବେ; କିମ୍ବା ଦାବି ଉପସ୍ଥାପନ କରିବାର ବାଟ ପାଇବେ ନାହିଁ । ଅର୍ଥାତ୍ ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ଅଧିକାର ପାଇଁ ଦାବି ଉପସ୍ଥାପନ କଲେ ଜଙ୍ଗଲ ଅଧିକାର କମିଟି କିମ୍ବା ଉପଖଣ୍ଡୀୟ କମିଟିର ସରଜମିନ ତଦନ୍ତ ବେଳେ ମିଥ୍ୟା ବୋଲି ପ୍ରମାଣିତ ହେବ । ଫ୍ୟାକ୍ଟ ଫାଇଡିଙ୍ଗ ଟିମ୍ ଦ୍ୱାରା ପ୍ରଦ□ ତଥ୍ୟ ଅନୁସାରେ ଗୁପ୍ତେଶ୍ୱର ଫରେଷ୍ଟ ରେଞ୍ଜ ଦ୍ୱାରା ବନବାସୀଙ୍କ ଜମିରେ ଚାରାରୋପଣ କରାଯାଉଛି ।

ଇଏତ ଗଲା ବେନିମାଳିଗୁଡ଼ା ଗାଁର କଥା । ଆଦିବାସୀମାନଙ୍କ ଦ୍ୱାରା ଅଧିକୃତ ୨୫.୫ ଏକର ଜଙ୍ଗଲ ଜମି ମଧ୍ୟରୁ ୧୭.୫ ଏକର ଜମିରେ ଚାରାରୋପଣ ଚାଲିଛି । ଗୋଷ୍ଠୀ ଜଙ୍ଗଲ ପରିଚାଳନା ଓ ସଂରକ୍ଷଣ ବ୍ୟବସ୍ଥାକୁ ଅନୁଭବ ନକରି ଜଙ୍ଗଲ କ୍ଷେତ୍ର ଉନ୍ନୟନ ନିମନ୍ତେ ବିଦେଶୀ ଟଙ୍କା ଋଣ ଆଣି ଜଙ୍ଗଲ ବଢାଇବାର କାର୍ଯ୍ୟକ୍ରମ ଚାଲିଛି । ଅପର ପକ୍ଷରେ ଜଙ୍ଗଲ ଅଧିକାର ଆଇନକୁ ମଧ ଫାଙ୍କି ଚାଲିଛନ୍ତି, ଯାହା ବିବାଦକୁ ପ୍ରୋତ୍ସାହିତ କରୁଛି ।

**ସଂଘର୍ଷର ରୂପରେଖ**

୨୦୦୮ ମସିହାର ଏପ୍ରିଲ୍ ମାସର ଆରମ୍ଭରେ ବନ ବିଭାଗ କର୍ମଚାରୀ ଆସି ସଦା ଗୋଲରୀଙ୍କ

ଜମିରେ ନର୍ସରୀ କରିବା ଆରମ୍ଭ କଲେ । ସଦା ଗୋଲରୀ ବିରୋଧ କରିବାରୁ ଧମକ ଚମକ ଦେଇ ବଳ ପୂର୍ବକ କାମ ଆରମ୍ଭ କରାଗଲା । ବାରମ୍ବାର ବାକ୍ ବିତଣ୍ଡା ମଧ୍ୟରେ କାମ ଚାଲୁ ରହିଥିଲା । ହେଲେ ଜୁଲାଇ ମାସରେ କେହି ଜଣେ ଦୁବୃ□ ତାଙ୍କର ଘର ପୋଡ଼ି ଦେଲା । ଏହାର ପ୍ରତିବାଦ ଜଣାଇ ଜୁଲାଇ ୩ ତାରିଖରେ ଗ୍ରାମବାସୀମାନେ ବନଖଣ୍ଡ ଅଧିକାରୀ ଓ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ । କିନ୍ତୁ କୌଣସି ପ୍ରକାର ପଦକ୍ଷେପ ନିଆଗଲା ନାହିଁ । ଏହାପରେ ଅଗଷ୍ଟ ୭ ତାରିଖରେ ମାଣ୍ଡିଆରାଣୀ ପରବ ପାଳନ ବେଳେ ଗ୍ରାମବାସୀମାନେ ବ୍ୟସ୍ତ ଥିବାର ଜାଣି ସୁଦ୍ଧା ୧୨ ତାରିଖ ସୁଦ୍ଧା କାହାରିକୁ ଗିରଫ କରାଗଲାନାହିଁ କିମ୍ବା ଏଫ୍.ଆଇ.ଆର୍.ର ନକଲ ଗ୍ରାମବସୀଙ୍କୁ ଦିଆଗଲାନାହିଁ ।

ଅଗଷ୍ଟ ମାସ ୧୨ ତାରିଖ ଦିନ ରାମଗିରି, ଦଣ୍ଡାବାଡ଼ି ଓ ଚିପାକୁର ଗ୍ରାମ ପ□ାୟତର ପ୍ରାୟ ୩୦୦ରୁ ଅଧିକ ଲୋକ ଏକ ଗ୍ରାମସଭା କରିଥିଲେ । ୨୫ ତାରିଖ ଦିନ ରାମଗିରି ରେଞ୍ଜ ଆଗରେ ଧାରଣା ଦେବା ପାଇଁ ନିଷ୍ପ□ ନେଲେ । ସେହି ମାସର ୧୩ ତାରିଖ ଦିନ ଗ୍ରାମବାସୀମାନେ ଜୟପୁର ବନଖଣ୍ଡ ଅଧିକାରୀ, ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଏସ୍.ପି.ଙ୍କ ପାଖରେ ଦାବିପତ୍ର ପ୍ରଦାନ କରିଥିଲେ । ହେଲେ କୌଣସି ସୂତ୍ରରୁ ମଧ୍ୟ ସେମାନଙ୍କ ପ୍ରତି କରାଯାଇଥିବା ଅନ୍ୟାୟର ସମାଧାନ ମିଳିପାରିନାହିଁ ।

**ଆଦିବାସୀ ଓ ବନବାସୀଙ୍କ ଚାଷ ଜମିରେ ବନବିଭାଗର ବୃକ୍ଷରୋପଣ**

| ବନବାସୀଙ୍କ ନାମ | ଜଙ୍ଗଲ ଜମିର ପରିମାଣ(ଏକରରେ) | | |
|---|---|---|---|
| | ନିଜର ଜମି | ବନବିଭାଗ ଦ୍ୱାରା ବୃକ୍ଷରୋପଣ | ବଳକା ଜମି |
| ସଦାଗୋଲରୀ | ୧୦ | ୬ | ୪ |
| ସଦାଗୋଲରୀ | ୭.୫ | ୫ | ୨୫ |
| ସାଧୁ ଗୋଲରୀ | ୨ | ୨ | ଭୂମିହୀନ ହୋଇଗଲେ |
| ଲା□ଙ୍ଗ ଗୋଲରୀ | ୧.୫ | ୧.୫ | ଭୂମିହୀନ ହୋଇଗଲେ |
| ସାଣ୍ଡ ଗୋଲରୀ | ୨ | ୧.୫ | ୦.୫ |
| (ବିଧବା) | | | |
| କୃଷ୍ଣ ଗୋଲରୀ | ୨.୫ | ୧.୫ | ୧ |
| ମୋଟ | ୨୫.୫ | ୧୭.୫ | ୮ |

ସୁଯୋଗ ନେଇ କିଛି ଭଡ଼ାଟିଆ ଗୁଣ୍ଡା ସଦା ଗୋଲରୀ ଓ କୃଷ୍ଣ ଗୋଲରୀଙ୍କୁ କୋଦାଳ ଓ ଠେଙ୍ଗାରେ ମାରଣାନ୍ତକ ଆକ୍ରମଣ କରିଥିଲେ । କୃଷ୍ଣ ଗୋଲରୀ ମାଡ଼ ଖାଇ ଅଚତ ହୋଇ ଯିବାରୁ ଲୋକଟା ମରିଗଲା ବୋଲି ଭାବି ଗୁଣ୍ଡାମାନେ ଚାଲି ଯାଇଥିଲେ । ପରେ ଗ୍ରାମବାସୀମାନେ ଆହତ କୃଷ୍ଣ ଗୋଲରୀଙ୍କୁ ଭୂମି ଅଧିକାର ସଂଗଠନ କର୍ମକ□ାଙ୍କ ଦ୍ୱାରା ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲେ । ଏବେ ସେ ଚାଲିବାକୁ ଅକ୍ଷମ ।

ଭଡ଼ାଟିଆ ଗୁଣ୍ଡାଙ୍କ ଏହି 'ଜୋର ଯାର ମୁଲକ ତାର' ନୀତିକୁ ବରଦାସ୍ତ ନକରି ଭୂମି ଅଧିକାର ସଂଗଠନ ରାମଗିରି ଫାଣ୍ଡିରେ ଏଫ୍.ଆଇ.ଆର. ଦାଖଲ କଲେ । ଫାଣ୍ଡି ଅଧିକାରୀ ୯ ତାରିଖ ଦିନ ଡାକ୍ତରଖାନାକୁ ଏବଂ ଅଗଷ୍ଟ ୧୧ ତାରିଖରେ ବେନିମାଳିଗୁଡ଼ା ଗାଁକୁ ଯା□ କରିବାକୁ ଯାଇଥିଲେ । ସତ୍ୟତା

ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଜଙ୍ଗଲ ଅଧିକାର ଆଇନର ପ୍ରାବଧାନତା ଅନୁସାରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର ପାଇଁ ଜଙ୍ଗଲ ଅଧିକାର କମିଟି ପାଖରେ ଦାବିପତ୍ର ଉପସ୍ଥାପନ କଲେ କେଉଁଭଳି ବିଚାର କରାଯିବ । ଉପଖଣ୍ଡ ସ୍ତରୀୟ କମିଟି କେଉଁଭଳି ପଦକ୍ଷେପ ନେବ ? ଆଇନର ପ□ମ ପରିଚ୍ଛେଦର ଧାରା ୭ ଅନୁସାରେ କୌଣସି ଅଧିକାରୀ କିମ୍ବା କମିଟି ଦ୍ୱାରା କ□ୃପକ୍ଷ କିମ୍ବା ସେହି କ□ୃପକ୍ଷଙ୍କ ସଦସ୍ୟ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନର କୌଣସି ସ□ କିମ୍ବା ନିୟମର ଉଲଂଘନ କରିବେ, ତେବେ ଏହି ଆଇନ ଅଧୀନରେ ସେମାନେ ଦୋଷୀ ସାବ୍ୟସ୍ତ ହେବେ ଏବଂ ସେମାନଙ୍କ ବିରୁଦ୍ଧରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଦଣ୍ଡ ବିଧାନ କରାଯିବ । ଯେଉଁଥିରେ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ ହେବ । କିନ୍ତୁ ଆଇନ୍ର ଏହି ଦିଗଗୁଡ଼ିକୁ କାହାରି ନଜର ନାହିଁ । ଗାଁ ଜଙ୍ଗଲ ଅଧିକାର କମିଟି ଏହି ବର୍ବରୋଚିତ ଆକ୍ରମଣର ଶିକାର ହୋଇ ଆବେଦନ କଲାପରେ ମଧ୍ୟ ସରକାର କର୍ମଚାରୀଙ୍କ ଆଖି ଖୋଲୁନଥିବାରୁ ସ୍ପଷ୍ଟ ରୂପେ ଜଣାପଡୁଛି ; ସରକାରୀ କଳ ଚାହୁଁ ନାହାନ୍ତି ଯେ, ଆଇନଟି କାର୍ଯ୍ୟକାରୀ ହେଉ ।

ବେନିମାଳିଗୁଡ଼ା ଗାଁରେ ଜଙ୍ଗଲ ଜମିରେ ଜବର ଦସ୍ତ ଚାରାରୋପଣ, ଉଚ୍ଛେଦନ ପାଇଁ ଧମକ ଓ ଗୁଣ୍ଡାଙ୍କ ଆକ୍ରମଣ ସର୍ବୋପରି ଜଙ୍ଗଲ ଅଧିକାର କମିଟି ବାରଦୁଆର ବୁଲିବୁଲି ନ୍ୟାୟ ମାଗିଲା ପରେ ମଧ୍ୟ ବିଫଳତାହିଁ ସୂଚେଇ ଦେଇଛି ଯେ ସରକାର ପୁଣିଥରେ ଏକ ଐତିହାସିକ ଅନ୍ୟାୟ କରିବାକୁ ଯାଉଛନ୍ତି । ନ୍ୟାୟ ଦେବା ପାଇଁ ସାମ୍ବିଧାନିକ ଭାବେ ମାନି ନେଇଥିଲେ ମଧ୍ୟ ତା'ର କାର୍ଯ୍ୟକାରୀତା ପାଇଁ କୌଣସି ଗୁରୁତ୍ୱ ଦେଉନାହାନ୍ତି ।

ଉପରୋକ୍ତ କାର୍ଯ୍ୟପଦ୍ଧତିକୁ ଲକ୍ଷ୍ୟକଲେ ଜଣାଯାଏ ଯେ ବନବିଭାଗ ଓ ଆଦିବାସୀ ତଥା ବନବାସୀମାନଙ୍କ ଲଢ଼େଇ ମଧ୍ୟରେ ଜଙ୍ଗଲ ଉନ୍ନୟନ କାର୍ଯ୍ୟକ୍ରମ ପେଶି ହୋଇଯାଉଛି । ଉଭୟଙ୍କର ସମନ୍ୱୟ ଓ ସହଯୋଗ ଯେ ଜଙ୍ଗଲ ବୃଦ୍ଧି ପାଇଁ ସହାୟକ, ଏକଥା ବୁର୍ଜୁଆ ଜଙ୍ଗଲ ବିଭାଗ ବୁଝିପାରୁନାହାଁନ୍ତି । ଲୋକ ସହଯୋଗ ବିନା ଚାରାରୋପଣ, ଜଙ୍ଗଲର ଅଭିବୃଦ୍ଧି, ସୁରକ୍ଷା ଓ ପରିଚାଳନା ଯେ ଅସମ୍ଭବ ଏକଥା କାହରିକୁ ଅଛପା ନାହିଁ । ତେଣୁ ବନବିଭାଗ ଯୌଥ ଜଙ୍ଗଲ ପରିଚାଳନାର କଳ୍ପନା କରିଛନ୍ତି ଓ ବନସୁରକ୍ଷା ସମିତିର ସହାୟତାରେ ସମସ୍ତ ଜଙ୍ଗଲ ଉନ୍ନୟନ କାର୍ଯ୍ୟକ୍ରମ ଚାଲାଇଛନ୍ତି । ତେବେ ବେନିମାଳିଗୁଡ଼ା ଭଳି ଗ୍ରାମମାନଙ୍କରେ ଲୋକଙ୍କ ସହଭାଗୀତାକୁ ଉପେକ୍ଷା କରି ବଳପୂର୍ବକ ଲୋକଙ୍କ ପାରମ୍ପରିକ ଅଧିକାରରୁ ସେମାନଙ୍କୁ ବଞ୍ଚିତ କଲେ ଜଙ୍ଗଲର ଭବିଷ୍ୟତ ଯେ ବିପଦପୂର୍ଣ୍ଣ ଏଥିରେ ସନ୍ଦେହ ନାହିଁର ବନ ବିଭାଗର ଏହି ଚିନ୍ତାଧାରାରେ ପରିବର୍ତ୍ତନ ହେବା ଜରୁରୀ ନୁହେଁ କି ?

□

# ସ୍ୱୟଂ ସହାୟକ ଦଳ ଜଗିଲେ ଜଙ୍ଗଲ




ଆମର ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ଜୀବନର ମୂକ ସାକ୍ଷୀ ହେଉଛି ଜଙ୍ଗଲ । ଗାଁର ନିର୍ଦ୍ଧନୀ ମଳିମୁଣ୍ଡିଆଠାରୁ ଆରମ୍ଭକରି ଜମି ମାଲିକ ଯାଏଁ ପ୍ରତ୍ୟେକ ଜୀବନଜୀବିକା ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳ । କି ଧନୀ କି ଗରିବ ସମସ୍ତେ ଜଙ୍ଗଲ ବିନା ବ□ିପାରିବେ ନାହିଁ ; ଆଉ ଖାସ୍ ସେଇଥି ପାଇଁ କେଉଁ ବାପ ଜେଜେ ଅମଳରୁ ଲୁହଲହୁ ଢାଳି ମାଡ଼ ଗାଳି ସହି ଲୋକେ ଜଙ୍ଗଲ ସୁରକ୍ଷା କରି ଆସିଛନ୍ତି । ପୁରୁଷମାନେ ଠେଙ୍ଗାପାଳି କଲେ ମହିଳାମାନେ ଖାଦ୍ୟ ନେଇ ଜଙ୍ଗଲକୁ ଯାଇଥାନ୍ତି । ବଣରେ ନିଆଁ ଲାଗି ଯିବ ବୋଲି ଝାଟିକାଠି ସଂଗ୍ରହବେଳେ ମହିଳାମାନେ ଶୁଖିଲାପତ୍ରଗୁଡ଼ିକୁ ନେଇ ଆସିବା ସହ ନିଆଁ ନିରୋଧୀ ଡିଆଁ ତିଆରି କରନ୍ତି । ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନଙ୍କର ସହଯୋଗୀ ମନୋବୃ□ି ହିଁ ଆଜି ଗୋଷ୍ଠୀ ଜଙ୍ଗଲ ସୁରକ୍ଷା ଆନ୍ଦୋଳନକୁ ଆଗେଇ ନେଇଛି । ମହିଳାମାନଙ୍କର ଉଦ୍ୟମ, ନିଷ୍ଠା ଓ ତ୍ୟାଗ ଯୋଗୁଁ ମାଂଗ୍ରେଲ ଓ କଳାଶୁଳିଆ ଭଳି ଅନେକ ଗାଁ ଏବେ ମହିଳା ଜଙ୍ଗଲ ସୁରକ୍ଷା କମିଟି ନାମରେ ଅତି ପରିଚିତ । ଯେଉଁଠି ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଅଧିକ ସକ୍ରିୟ ।

ଏମିତି ଆଉ ଏକ ଗାଁ ହେଲା ଗୁଣ୍ଡଳବା । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅର୍ନ୍ତଗତ ଛୁରିଅନା ଗ୍ରାମ ପ□ାୟତରେ ଏହା ଅବସ୍ଥିତ । ଗାଁ ରାଜନୀତି, ସାହି କନ୍ଦଳ, କାଠମାଫିଆର ଭୟ ଓ ଆର୍ଥିକ ଅଭାବ ସାଙ୍ଗକୁ ନୂଆଁ ନୂଆଁ ସାମାଜିକ ସମସ୍ୟାମାନ ଦେଖାଯାଉଥିବାରୁ ପୁରୁଷମାନେ ଜଙ୍ଗଲ ସୁରକ୍ଷା କରିବା ପାଇଁ ଆଗକୁ ଆସୁନଥିଲେ । ତେଣୁ ସମୁଦ୍ର ଉପକୂଳବ□ୀ ଝାଉଁ ଜଙ୍ଗଲକୁ ସୁରକ୍ଷା ଦେବାକୁ ମହିଳାମାନେ ଆଗେଇ ଆସିଲେ । ପଛକୁ ପଛ କେବଳ ଜଙ୍ଗଲ ସମସ୍ୟା ନୁହେଁ ମଦ ନିବାରଣ, ସୁଧ ନିଷେଧ ଓ କାଠପଟା ନିଷେଧ ପରି ଅନେକ ସାମାଜିକ ଓ ଆର୍ଥିକ ସମସ୍ୟାକୁ ଦୂରେଇବା ପାଇଁ ଅ□ା ଭିଡ଼ିଲେ । ସେହି ସଫଳତାଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।



## ଜଙ୍ଗଲ କ୍ଷୟର ଇତିବୃତ୍ତ

ସ୍ୱାଧୀନତା ପୂର୍ବରୁ ଅର୍ଥାତ୍ ୧୯୧୬ ମସିହା ବେଳକୁ ଗୁଣ୍ଡଳବା ଗାଁ ପାଖରେ ଥିବା ସମୁଦ୍ର ଉପକୂଳରେ ବ୍ରିଟିଶମାନେ ଝାଉଁଗଛ ଲଗେଇଥିଲେ । ଜଙ୍ଗଲ ଘ□ ଥିଲା । ହେଲେ ଆଖପାଖରେ ସହରର ଜନବସତି ବଢି ଯିବାରୁ ଝାଉଁକାଠକୁ ଜାଳେଣୀକାଠ ବିଡ଼ା କରି ବିକ୍ରି କରିବାରେ କିଛି ଲୋକଙ୍କ ବ୍ୟବସାୟ ପାଲଟି ଗଲା । ପେଣ୍ଠକଟା ଓ ପୁରୀ ପ୍ରଭୃତି ସହରର କାଠଗୋଲା ବେପାରୀମାନେ ତ ସବୁବେଳେ ସୁଯୋଗ ଉଣ୍ଡୁଥାନ୍ତି । ଆଖପାଖ ଗାଁର ନୋଳିଆ ଓ ବେକାରୀ ଯୁବକମାନଙ୍କୁ ଅର୍ଥଲୋଭ ଦେଖାଇ ଏପରିକି ଅଗ୍ରୀମ ଟଙ୍କା ସହିତ କରତ, କୁରାଢୀ, ରସି ଓ ହଳ ଯୋଗେଇ କାଠ କାଟିବାକୁ ପ୍ରୋତ୍ସାହନ ଦେଲେ । 'ବିରାଡ଼ି କପାଳକୁ ଶିକା ଛିଣ୍ଡିଲା' ପରି ମାଟିତାଡ଼ି ଫସଲ ଫଳେଇ ବ□ିବାକୁ ଆଗ୍ରହ ନଥିବା କିଛି ଅର୍ଦ୍ଧ ଶିକ୍ଷିତ ଯୁବକ ଓ ଅଭାବୀ ଲୋକେ ଘ□ ଝାଉଁ ବଣରେ କାଠ କାଟିବା ଆସ୍ଥାନ ଜମେଇ ଦେଲେ । ଦିନରେ କାଠ କାଟିବା ସହିତ କାଠଖୁ□ରେ ଫାସ ବସେଇ ହରିଣ ମାରି ମାଂସ ବିକ୍ରି କରିବା କାମ ମଧ୍ୟ ଚାଲିଲା । କ୍ରମଶଃ ଜଙ୍ଗଲ ପତଳା ହେଲା ଦୁର୍ଭାଗ୍ୟକୁ ୧୯୯୯ ମସିହାର ବାତ୍ୟା ପତଳା ଜଙ୍ଗଲକୁ ଏକ ପ୍ରକାର ପଦା କରିଦେଲା ।

ଜଙ୍ଗଲ ପତଳା ହୋଇଗଲା ପରେ ବେପାରୀମାନେ ଏଥର ନୂଆଁ ଢଙ୍ଗରେ କାଠ ସଂଗ୍ରହ ପାଇଁ ସ୍ଥାନୀୟ ଲୋକଙ୍କୁ ପ୍ରବ□ାଇଲେ ମଦ, ଗଂଜେଇ ଓ ଅଫିମ ଯୋଗାଇଦେଇ ବଦଳରେ କାଠ ଦେବା ପାଇଁ ପ୍ରୋତ୍ସାହନ ଦେଲେ । ଏହା ବ୍ୟତୀତ ୧୯୯୯ ମସିହା ପରେ ସ୍ଥାନୀୟ ଅ□ଳରେ କୋଠା ଘର ସବୁ ଦ୍ରୁତ ମାତ୍ରାରେ ଗଢି ଉଠିଲା । ଉପକୂଳବ□ୀ ଏହି ଗାଁଗୁଡ଼ିକରେ ତ ବାଉଁଶ ମିଳେନାହିଁ; ଝାଉଁଗଛସବୁ କଟାଯାଇ ପଟା ଓ ବହ୍ଲା କରାଗଲା । କେବଳ ଗୁଣ୍ଡଳବା ଝାଉଁ ଜଙ୍ଗଲ ନୁହେଁ ଆଖପାଖର ଗାଁଗୁଡ଼ିକରୁ ଝାଉଁଗଛ ସଂଗ୍ରହ ଲାଗି ଏହି କାଠ ଚୋରମାନେ ନୂଆଁ ପଦ୍ଧତି ଆପଣେଇ ନେଲେ । ରାତିରେ ଟର୍ଚ୍ଚ ଆଲୁଅରେ ଝାଉଁ ଗଛରୁ ଚୋପା ଛଡାଇ ଦିଅନ୍ତି ଯାହାଦ୍ୱାରା ଗଛଟି ଅଳ୍ପ ଦିନରେ ମରିଯାଏ । ଏହି ମଲା ଗଛ ସଂଗ୍ରହ କରିବା ପାଇଁ ଜଙ୍ଗଲ ବିଭାଗର କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ଝାଉଁଗଛ କଟାଯାଇଥାଏ । ପ୍ରକାଶଥାଉକି, କାଠ ମାଫିଆମାନେ ମଧ୍ୟ ଏଥିପାଇଁ ବନ ବିଭାଗ କର୍ମଚାରୀଙ୍କ ଉପରେ ରାଜନୈତିକ ଚାପ ପ୍ରୟୋଗ କରିଥାନ୍ତି । ତେଣୁ ୧୯୯୯ ମସିହାରେ ଝାଉଁ ଜଙ୍ଗଲ ଦ୍ରୁତ ଗତିରେ ହ୍ରାସ ପାଇବା ସହିତ ଗାଁ ଗଣ୍ଡାଗୁଡ଼ିକରେ ନିଶା ଦ୍ରବ୍ୟ କାରବାର ବୃଦ୍ଧି ପାଇଲା । ସାମାଜିକ ସଦ୍ଭାବନା ଓ ଗାଁ ଏକତା ଉଜୁଡ଼ିଗଲା ।

## ଜଙ୍ଗଲ କ୍ଷୟର ପ୍ରଭାବ

ଝାଉଁ ଜଙ୍ଗଲ କ୍ଷୟଜନିତ ପ୍ରଭାବ ଗାଁରେ ଆସ୍ତେ ଆସ୍ତେ ଅନୁଭବ ହେଉଥିଲା । ୧୯୯୫ ମସିହା ବେଳେ ଗାଁର ଦକ୍ଷିଣ ପାଖକୁ ଥିବା ୨୨ରୁ ୩୦ ଏକର ଜମିରେ ସଂଧ୍ୟାକାଳୀନ ପବନରେ ବାଲିଚଢ଼ା ଠିଆ ହୋଇଯାଇଥିଲା । ସେହିବର୍ଷର ଡ଼ିସେମ୍ବର ମାସ ବେଳକୁ ବାଲିଝଡ଼ ଯୋଗୁଁ ଗାଁର ଶେଷ ସୀମାନ୍ତରେଥିବା ଅବଶିଷ୍ଟ ଚାଷଜମିଗୁଡ଼ିକ ବାଲିଚରି ଯାଇଥିଲା ବୋଲି ଗାଁ ଲୋକେ କହିଥାନ୍ତି ।

''ଝାଉଁଗଛର ଉପକାର ଅନେକ । ଗାଁକୁ ସାମୁଦ୍ରିକ ଝଡ ବାତ୍ୟାରୁ ରୋକିଥାଏ । ଏକଥା ବ୍ରିଟିଶମାନେ ଜାଣିଥିଲେ ବୋଲି ଝାଉଁଗଛ ଲଗାଇଥିଲେ । ଝାଉଁଗଛ ଥିବାରୁ ଆମେ ଚାଳଘରର ଶେଣି, ଘର କାନ୍ଥର ବହ୍ଲା, ଚଉକାଠ ଓ ରଞ୍ଜା ପ୍ରଭୃତି ପାଉଥିଲୁ । ହେଲେ ୧୯୯୯ର ବାତ୍ୟା ପରେ ଝାଉଁଗଛ ନବେ ପ୍ରତିଶତ କମିଗଲା, ଏବେ ଘର

ଛପର ପାଇଁ ଟେ□ ହାଉସ୍‌ଗୁଡ଼ିକରୁ ବାଉଁଶ କିଣିବାକୁ ପଡୁଛି ବୋଲି ବିଷର୍ଣ୍ଣ ହୋଇ କହିଥାନ୍ତି ରମେୟା ରଥ ।'' ଏହାବ୍ୟତୀତ ଝାଉଁଗଛ ଜଳ ସଂରକ୍ଷଣ ପାଇଁ ମଧ୍ୟ ସାହାଯ୍ୟ କହିଥାଏ । ଝାଉଁପତ୍ର ବର୍ଷାପାଣିକୁ ଧରି ରଖି ଭୂଇଁ ତଳକୁ ଛାଡିଥାଏ । ଝାଉଁ ଗଛ ଚେର ସାମୁଦ୍ରିକ ଲୁଣିପାଣିକୁ ଅବଶୋଷଣ କରିଥାଏ ଓ ପାର୍ଶ୍ୱବର୍ତ୍ତୀ ଭୁତଳ ମଧୁର ଜଳ ଅଞ୍ଚଳକୁ ଲୁଣିପାଣି ଦାଉରୁ ରକ୍ଷା କରିଥାଏ । କାଠଗୁଡ଼ିକୁ ପୋକ ଲାଗୁନଥିବାରୁ ଘରୋଇ ସଂରଞ୍ଜାମ ତିଆରି ହୁଏ । ଏହା ବ୍ୟତୀତ ଗାଁର ୭୦ ଭାଗ ଲୋକ ଏହାକୁ ଜାଳେଣୀ କରି ବ□ିଥାନ୍ତି । ହେଲେ ଏସବୁ ଏବେ ଆଉ ହାତ ପାଖରେ ମିଳୁନି । ଜାଳେଣୀକାଠ ପାଇଁ ଭାରି ହନ୍ତସନ୍ତ ହେବାକୁ ପଡୁଛି । ଏହି ଦୁଃଖଦ ଅଭିବ୍ୟକ୍ତି ସହିତ କଥା ପ୍ରସଙ୍ଗରେ ଗ୍ରାମବାସୀମାନେ ଘ□ ଜଙ୍ଗଲ ପୂର୍ବବ□ୀ ଓ ପରବ□ୀ ଅବସ୍ଥାର ତଥ୍ୟାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ ।

କିଛି ବର୍ଷ ତଳେ ଓଡ଼ିଶା ପ୍ରାକୃତିକ ଦୂର୍ବିପାକ ପ୍ରଶମନ ବିଭାଗ ଦ୍ୱାରା କରାଯାଇଥିବା ଆକଳନ ଅନୁସାରେ ସାମୁଦ୍ରିକ ବାତ୍ୟା ପ୍ରବଣ ଅ□ଳ ଭାବେ ମଧ୍ୟ ଏହି ଗାଁ ସ୍ଥାନ ପାଇଛି । ଖାସ୍ ଏହିସବୁ ସମସ୍ୟା ପାଇଁ ଗାଁରେ ପୁରୁଷମାନେ ୧୯୯୫ ମସିହାର କ୍ଷୟକ୍ଷତି ପରି ପୁନର୍ବାର ପ୍ରାକୃତିକ ବିପର୍ଯ୍ୟୟ ନ ଘଟିବା ନିମନ୍ତେ ୧୯୯୬ ମସିହାଠାରୁ ଜଙ୍ଗଲ ଜଗିଲେ । ହେଲେ ଗାଁ ରାଜନୀତି, ଠିକାଦାରଙ୍କ ଭୟ ଓ ଗୋଷ୍ଠୀ କନ୍ଦଳ ଯୋଗୁଁ ପୁରୁଷମାନେ ପଛେଇ ଗଲେ ।

କଥାରେ ଅଛି ଗାଁ କନ୍ଦଳ 'ମାଛରେ ନହେଲେ ଗଛରେ ତୁଟେ' । ଏହି ଗାଁ କନ୍ଦଳ ଯୋଗୁଁ କାଠ ଚୋରମାନେ ଅଧିକ ସକ୍ରିୟ ହୋଇପଡ଼ିଲେ । ଚାରି ବର୍ଷର ନୀରବତା ହିଁ ବାତ୍ୟାର ପ୍ରକୋପରୁ ବଳିଥିବା ବଳକାଗଛକୁ ବଳି ପକେଇଲା । ଅବଶ୍ୟ ଏ ସମସ୍ୟା ନେଇ ଅନେକ ଥର ଗ୍ରାମବାସୀଙ୍କ ଦ୍ୱାରା ଅସ୍ତରଙ୍ଗ ରେଞ୍ଜରେ ଅଭିଯୋଗ କରାଯାଇଛି । ହେଲେ ରାଜନୈତିକ ଚାପ, ସର୍ବୋପରି ଠିକାଦାରଙ୍କ ନାଲି ଆଖିରେ କୌଣସି ଧରପଗଡ଼ କାର୍ଯ୍ୟ କରାଯାଇନାହିଁ । ମହିଳାମାନେ ଜଙ୍ଗଲ ଜଗିବାପରେ ବନ ସଂରକ୍ଷଣ ସମିତି ଗଠନ ପାଇଁ ବନ ବିଭାଗର କର୍ମକର୍ତ୍ତାମାନେ ବାରମ୍ବାର ଆସିଛନ୍ତି ବୋଲି କର୍ମଚାରୀମାନେ କହିଥାନ୍ତି । 'ସମୁଦ୍ର କୂଳିଆ ଗାଁ, ପଥର ନାଇଁ କି ପତର ନାହିଁ ଗଛ ଆସିବ କୁଆଡୁଯେ, ଜାଳେଣୀକାଠ ଅଣିବୁ । ଝାଉଁଗଛ, କାଜୁଗଛ ଓ



ମହିଳାମାନଙ୍କ ଦ୍ୱାରା ଜଙ୍ଗଲ ସୁରକ୍ଷା : ପୁରୀର ଗୁଣ୍ଡଲବା ଗ୍ରାମ୍ୟ ଜଙ୍ଗଲ ସୁରକ୍ଷାର ଏକ ଦୃଶ୍ୟ

| ଜଙ୍ଗଲ ଥିଲା ବେଳର ସୁବିଧା | ଜଙ୍ଗଲ କ୍ଷୟ ପରର ସମସ୍ୟା |
|---|---|
| ୧. ସାମୁଦ୍ରିକ ବାଲିଝଡ ଗାଁକୁ ଆସୁନଥିଲା<br>୨. ଚାଷ ଜମିରେ ବାଲି ଚରୁନଥିଲା<br>୩. ଝାଉଁ ବଣ ସେପାଖରେ ବାଲିଚଡା ରହୁଥିଲା, ତେଣୁ ସାମୁଦ୍ରିକ ଢେଉର ଭୟ ନଥିଲା<br>୪. ଜାଳେଣୀକାଠ ଓ ଘର କରଣା ସାମଗ୍ରୀର ଅଭାବ ନଥିଲା<br>୫. ପିଇବାପାଣିର ଅଭାବ ନଥିଲା ଓ ଜଳପ□ନ କମୁନଥିଲା ।<br>୬. ବାଲିପଦାଥିବା ଯୋଗୁଁ କଇଁଛ ଅଣ୍ଡା ଦେବାକୁ ଆସୁଥିଲେ<br>୭. ଜୈବବିବଧତା ଓ ପରିସଂସ୍ଥା ଉ□ମ ଥିଲା | ୧. ସାମୁଦ୍ରିକ ବାତ୍ୟା ଯୋଗୁଁ ପ୍ରତିବର୍ଷ ଚାଷଜମି କ୍ଷତିଗ୍ରସ୍ତ ହେବା ସହିତ ଚାଳ ଛପର ଘର ଭାଙ୍ଗିଯାଉଛି ।<br>୨. ଜଳପ□ନ ହ୍ରାସ ପାଉଛି ।<br>୩. କାଠମାଫିଆଙ୍କ ପ୍ରୋତ୍ସାହନରେ ନିଶା କାରବାର ଚାଲୁଛି ।<br>୪. ଗ୍ରାମ ଏକତା ଭାଙ୍ଗିଯାଉଛି ।<br>୫. ଜୈବବିବିଧତା ଉଜୁଡ଼ି ଯାଇଛି ।<br>୬. ଶିକାରୀଙ୍କ ପ୍ରାଦୁର୍ଭାବ ବଢ଼ିଛି ।<br>୭. ଉପକୂଳକୁ ଅଣ୍ଡା ଦେବାକୁ ଆସୁଥିବା କଇଁଛ ମାନଙ୍କ ସଂଖ୍ୟା କମିଛି । |

ବାଡ଼ିବଗିଚାର ଗଛ ଆମର ଚୁଲିକୁ ଆଧାର । ଜଙ୍ଗଲ ଅଭାବରୁ ଜାଳେଣୀକାଠ ଖୋଜିବାକୁ ପଡ଼ିଲା, ଆଉ ଏହି ଅଭାବ ହିଁ ଆମକୁ ଏକାଠିକଲା । ଆମେ ଜଙ୍ଗଲ ଜଗିଲୁ ।' କହନ୍ତି ଜାହାନିଆ ପୀର ବନ ସୁରକ୍ଷା ସମିତିର ସଭାନେତ୍ରୀ । ୨୦୦୦ ମସିହାରେ ଜଙ୍ଗଲ ସୁରକ୍ଷା ପାଇଁ ମହିଳାମାନେ ନିଷ୍ପ□ ନେଲେ । ପ୍ରଥମ କେତୋଟି ସଭାରେ ମହିଳାମାନେ ଗାଁର ପୁରୁଖା ଲୋକମାନଙ୍କୁ ନେଇ ପୂର୍ବର ଜଙ୍ଗଲ ସମସ୍ୟା, କାଠଚୋରଙ୍କ ଗତିବିଧି, କାଠଚୋରୀର ଶୈଳୀ ଓ କାଠମାଫିଆଙ୍କ କାର୍ଯ୍ୟକଳାପ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ । ମଝିରେ ମଝିରେ ବନ ବିଭାଗର ଲୋକଙ୍କୁ ଡାକି ବନ ବିଭାଗ କାହିଁକି ନିଷ୍କ୍ରିୟ ରହିଥିଲା ତା'ର ମଧ୍ୟ ଖବର ରଖୁଥିଲେ । ଶେଷରେ ୨୦୦୧ ମସିହାରେ ପ୍ରଥମେ ମହିଳାମାନେ ନିଜସ୍ୱ ଜଙ୍ଗଲ ସୁରକ୍ଷା ନୀତିନିୟମ ପ୍ରଣୟନ କଲେ ।

**ଜଙ୍ଗଲ ସୁରକ୍ଷା**

ଜଙ୍ଗଲ ସୁରକ୍ଷା ନିମନ୍ତେ କମିଟି ଦ୍ୱାରା ପ୍ରଣୟନ କରାଯାଇଥିବା କେତେକ ନୀତିନିୟମଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଗଲା ;

୧. ପୀର ଜାହାନିଆଁ ରାସ୍ତାଠାରୁ ଗୁଣ୍ଡଲବା ଗ୍ରାମର ସୀମାରେ ଥିବା ଜଙ୍ଗଲକୁ ସୁରକ୍ଷା ଦେବାପାଇଁ ନିଷ୍ପତ୍ତି ନିଆଯାଇଥିଲା ।
୨. ଜଙ୍ଗଲ ସୁରକ୍ଷା ପାଇଁ ଗ୍ରାମର ପ୍ରତ୍ୟେକ ଘରୁ



ଜଣେ ମହିଳା ଅର୍ଥାତ୍ ୬୬ ଜଣ ମହିଳା ଦୈନିକ ପାଳି କରି ଜଙ୍ଗଲ ଜଗିବେ । ପ୍ରତିଦିନ ତିନିଜଣ ମହିଳା ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଜଙ୍ଗଲରେ ପହରା ଦେବେ ।

୩. ପ୍ରତ୍ୟେକ ମାସ ଶେଷ ରବିବାର ଦିନ ସ୍ଥାନୀୟ ଲୋକମାନଙ୍କୁ ଜଙ୍ଗଲରୁ କେବଳ ଶୁଖିଲା ପତ୍ର ନେବା ପାଇଁ ଅନୁମତି ଦିଆଯାଇଛି ।

୪. କମିଟି ର ବିନା ଅନୁମତିରେ ଗାଁର କୌଣସି ବ୍ୟକ୍ତି ଜଙ୍ଗଲରୁ ଶୁଖିଲା କାଠ, ପତ୍ର ଇତ୍ୟାଦି ସଂଗ୍ରହ କରିବା ନିଷେଧ ଅଟେ ।

୫. ବାତ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜଙ୍ଗଲ ନଷ୍ଟ ହେଲେ ତାହାକୁ କେହି ହଡ଼ପ ନକରି ଗ୍ରାମ କମିଟି କିମ୍ବା ଫରେଷ୍ଟ ସେକସନ୍ ଅଫିସରେ ଜମା ଦିଆଯିବ ।

୬. କମିଟି ଏବଂ ବନ ବିଭାଗ ମଧ୍ୟରେ ଉ□ମ ଯୋଗସୂତ୍ର ଏବଂ ପରସ୍ପର ମଧ୍ୟରେ କାର୍ଯ୍ୟର ତଦାରଖ ପାଇଁ ପ୍ରତ୍ୟେକ ମାସରେ ବୈଠକ ହେବ ।

୭. ପ୍ରତି ମାସର ବୈଠକରେ କମିଟିର ଆୟ ବ୍ୟୟ ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା ହେବ ।

୮. ଜଙ୍ଗଲ ଜଗିବାର ପାଳିରେ କେହି ଖରାପ କଲେ, କ□ବ୍ୟ ପାଳନର ଅବହେଳା ପାଇଁ ତାଙ୍କଠାରୁ ୫୦ ଟଙ୍କା ଜୋରିମାନା ଆଦାୟ କରାଯିବ ।

୯. ଯେକୌଣସି ବ୍ୟକ୍ତି ଗାଁ ପାଖ ଜମିରେ କାମ କଲାବେଳେ ଜଙ୍ଗଲ ପ୍ରତି ନଜର ରଖିବେ ଓ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ବନ ସୁରକ୍ଷା ସମିତିକୁ ଖବର ଦେବେ ।

ଜଙ୍ଗଲ ସୁପରିଚାଳନା ଏବଂ ଗ୍ରାମରେ ଉତ୍ତମ ପରିବେଶ ସୃଷ୍ଟି କରବା ପାଇଁ ଅନ୍ୟାନ୍ୟ କେତେକ ଦିଗ ପ୍ରତି ମଧ୍ୟ ଧ୍ୟାନ ଦିଆଯାଇଛି । ଯେପରିକି ପ୍ରତ୍ୟେକ ଦିନ କେଉଁମାନେ ଜଙ୍ଗଲ ଜଗିବାକୁ ଯିବେ ତାହାର ଏକ ତାଲିକା ପ୍ରସ୍ତୁତ ହୋଇ ଗ୍ରାମର ଏକ ସର୍ବସାଧାରଣ ସ୍ଥାନରେ ଲଗାଯାଇଛି ଏବଂ ଉକ୍ତ ତାଲିକା ଅନୁଯାୟୀ ପ୍ରତ୍ୟେକ ସଦସ୍ୟ ନିଜ ନିଜର ପାଳି ମୁତାବକ ଜଙ୍ଗଲକୁ ଜଗିଥାନ୍ତି । ଜଙ୍ଗଲ ଜଗିବା ପାଇଁ ସକାଳ ୭ ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ମଧ୍ୟାହ୍ନ ସମୟରେ ଏକ ଘ□ା ବିରତି ଦିଆଯାଇଥାଏ । ଏହିସବୁ କାର୍ଯ୍ୟକୁ ସୁରୁରୁ ରୂପେ ସଂପାଦନ କରିବା ପାଇଁ ପ୍ରତ୍ୟେକ ମାସରେ ସମିତିର ବୈଠକ ବସିଥାଏ ଏବଂ ବୈଠକରେ ଜଙ୍ଗଲ ସୁରକ୍ଷାକୁ ନେଇ ଉପୁଜୁଥିବା ସମସ୍ୟା ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥାଏ । ଏହି ପ୍ରକ୍ରିୟାରେ ଗ୍ରାମର ପୁରୁଷମାନଙ୍କର ମଧ୍ୟ ସମ୍ପୂର୍ଣ୍ଣ ରୂପେ ସହଯୋଗ ରହିଛି । ଜଙ୍ଗଲରୁ ଗଛସବୁ ବଡ଼ ହୋଇ ଯିବା ପରେ ପୁନଶ୍ଚ କାଠ ମାଫିଆଙ୍କ ଦ୍ୱାରା କାଳେ ଜଙ୍ଗଲ କ୍ଷୟ ହେବ, ସେଥିପାଇଁ ଚଳିତ ବର୍ଷ ଏହି ମହିଳା ଜଙ୍ଗଲ ସୁରକ୍ଷା କମିଟି ଏକ ବନ ସୁରକ୍ଷା ସମିତି ଦଳ ଗଠନ କରିଛନ୍ତି । ପୁରୁଣା କମିଟିର ସମସ୍ତ ସଦସ୍ୟ ଏଥିରେ ସଭ୍ୟ ଅଛନ୍ତି । ଗାଁ ଲୋକେ କହନ୍ତି ବ□ମାନ ଜଙ୍ଗଲରେ ହରିଣ ଦେଖିବାକୁ ମିଳିଲେଣି । ଗାଁ ପାଖର ବାଲିଚଡାକୁ କଇଁଛମାନେ ଅଣ୍ଡା ଦେବାକୁ ଆସୁଛନ୍ତି । ଏହାକୁ ଆଖିଆଗରେ ରଖି ମହିଳା ''ଜଙ୍ଗଲ ସୁରକ୍ଷା ସମିତି'' ପ୍ରାଣୀ ସୁରକ୍ଷା ପାଇଁ ମଧ୍ୟ ନୀତି ନିୟମ ପ୍ରଣୟନ କରିଛନ୍ତି । ହରିଣ ଶିକାର, କଇଁଛ ଧରିବା କିମ୍ବା ତା'ର ଅଣ୍ଡା ସଂଗ୍ରହ କଲେ ସାମାଜିକ ବାସନ୍ଦ କରାଯିବାର ନିୟମ ରହିଛି । ଶିକାରୀମାନେ ବସେଇଥିବା ଫାସ ଖୋଲିବା ଓ ଶାବକ କଇଁଛମାନଙ୍କୁ ପାଣିରେ ଛାଡିବା ପାଇଁ ଯେତେବେଳେ ପୁରୁଷମାନଙ୍କର ଆବଶ୍ୟକତା ପଡିଛି ସେମାନେ ମଧ୍ୟ ସହଯୋଗ ଦେଉଛନ୍ତି । ଏହିପରି ପରସ୍ପର ମଧ୍ୟରେ ସମ୍ପର୍କ ରକ୍ଷା କରି ଏକ ପ୍ରଗତିପଥେ ଆଗେଇ ଚାଲିଛି 'ଗୁଣ୍ଡଳବା ଜଙ୍ଗଲ ସୁରକ୍ଷା ସମିତି' । ଯେଉଁ କାମକୁ ବନ ବିଭାଗ କରିପାରିନଥିଲା, ସେହିଠାରେ ମହିଳାମାନଙ୍କ ଏକତା ପୁଣିଥରେ ଜଙ୍ଗଲର ସ୍ୱାସ୍ଥ୍ୟ ତଥା ଜୈବବିବିଧତାକୁ ଫେରାଇ ଆଣିଛି ।

**ଜଙ୍ଗଲ ସୁରକ୍ଷା ଗ୍ରାମର ରକ୍ଷା**

ମହିଳାମାନଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଯେ ଗ୍ରାମକୁ ବିଭିନ୍ନ ପ୍ରକାର ସମସ୍ୟାରୁ ମୁକୁଳେଇ ପାରିବ, ତାହା କେବେ କେହି କଳ୍ପନା କରିପାରିନଥିଲେ । ପ୍ରଥମେ କିଛି ଲୋକ ତାଚ୍ଛଲ୍ୟ କରିକହୁଥିଲେ; ''ବଡ଼ ବଡ଼ ଗଲେ ଫସର ଫାଟି ସାନ ଆଇଲେ ବେସର ବାଟି'' । କାଠ ମାଫିଆଙ୍କ ପାଟି ଶୁଣିଲେ ଘର କୋଣେ ଲୁଚିବେ । କିନ୍ତୁ ସେସବୁ ଭୁଲ ପ୍ରମାଣିତ ହୋଇଛି । ମହିଳାମାନେ ନିଜର ଦୃଢ ଆତ୍ମବିଶ୍ୱାସ ଏବଂ ନିଜର ଇଚ୍ଛାଶକ୍ତିରେ ଆଜି ସଫଳ ହେବା ସହ ଗ୍ରାମକୁ ଏକ ସୁନ୍ଦର ପରିବେଶରେ ପରିଣତ କରିପାରିଛନ୍ତି । ଜଙ୍ଗଲ ସୁରକ୍ଷା ହେବା ଫଳରେ ଜଙ୍ଗଲରେ ଗଛଗୁଡ଼ିକ ବିନା ବାଧା ବିଘ୍ନରେ ବଢି ଚାଲିଛନ୍ତି । ଯାହାଦ୍ୱାରା ସମୁଦ୍ରରୁ ପ୍ରବାହିତ ଲୁଣାପଟୁ ଗ୍ରାମର ଚାଷ ଜମିରେ କିମ୍ବା ଘର ଦ୍ୱାରରେ ଆଉ ପଡୁନାହିଁ । ଜାଳେଣୀକାଠର ଅଭାବ ଦୂର ହୋଇଛି । ସମୁଦ୍ର ଦ୍ୱାରା କୂଳ ଖାଇଯିବା କମିଛି । ଗୁଣ୍ଡଳବା ଗ୍ରାମର ମହିଳାମାନଙ୍କର ଏହି କାମ ପାଇଁ ଗାଁରେ ମହିଳାମାନେ ଉଚ୍ଚ ପ୍ରଶଂସିତ ହେବା ସହ ଆଖପାଖରେ ପ୍ରେରଣାର ଉତ୍ସ ପାଲଟିଯାଇଛନ୍ତି ।



କେବେ ନ ଯିବ ଭୁଲି,
ଘର ଆଗରେ ଠେଙ୍ଗାପାଳି

□

# କ୍ଷତିପୂରକ ପୁନଃବନୀକରଣ ପାଣ୍ଠି ବିଧେୟକ-୨୦୦୮

ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବିନିଯୋଗ କରାଯାଉଥିବାରୁ ବ୍ୟାପକ ମୂଲ୍ୟବାନ ଜଙ୍ଗଲ କ୍ଷୟ ହେବାରେ ଲାଗିଛି । ଏହି ଧାରାକୁ ପ୍ରତିହତ କରିବା ପାଇଁ ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦ କେନ୍ଦ୍ର ସରକାର ପ୍ରଣୟନ କରିଛନ୍ତି । ଏହି ଆଇନର ବୈଶିଷ୍ଟ୍ୟ ଏହି କି ଯେ ଏହା ଜଙ୍ଗଲ ସୁରକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ଦେଶର ପ୍ରଗତି ଓ ବିକାଶ ମଧ୍ୟରେ ଉପଯୁକ୍ତ ଭାରସାମ୍ୟ ରକ୍ଷା କରିଥାଏ । ସଂକ୍ଷେପରେ କହିବାକୁ ଗଲେ, ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦, ଜଙ୍ଗଲ ସୁରକ୍ଷା ନିମନ୍ତେ ସମସ୍ତ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିବା ସଙ୍ଗେସଙ୍ଗେ ରାଜ୍ୟର ତଥା ଦେଶର ବିକାଶ ନିମିତ୍ତ ଜଙ୍ଗଲର ବ୍ୟବହାର ଓ ଜଙ୍ଗଲ ଜମିକୁ ମନଇଛା ଅଣଜଙ୍ଗଲ କାର୍ଯ୍ୟରେ ବିନିଯୋଗ ପ୍ରକ୍ରୀୟାକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ଦିଷ୍ଟ । ଜଙ୍ଗଲର ପରିବେଶ ଓ ପରିସଂସ୍ଥା ଜୈବବିବିଧତାକୁ ଅକ୍ଷୁର୍ଣ୍ଣ ରଖିବା ସଙ୍ଗେ ସଙ୍ଗେ ବିକାଶ ପ୍ରକ୍ରୀୟାକୁ ପରିବେଶ ସହ ଖାପଖୁଆଇ ଚଳାଇନେବା ଏହି ଆଇନ୍‌ର ଲକ୍ଷ୍ୟ । ଏହି ମର୍ମରେ ବ୍ୟବହାରକାରୀ ସଂସ୍ଥା ଦ୍ୱାରା ପ୍ରଦତ୍ତ ଅର୍ଥ ସଦୁପଯୋଗ କରି କ୍ଷତିପୂରକ ପୁନଃ ବନୀକରଣ କରିବା ହିଁ ଏହି ନୂତନ ବିଧେୟକର ଆବଶ୍ୟକତାକୁ ଜନ୍ମ ଦେଇଛି ।

୨୯ ଅକ୍ଟୋବର ୨୦୦୨ ରେ ମାନ୍ୟବର ସୁପ୍ରିମକୋର୍ଟ ତାମିଲନାଡୁର ଗୋଦାବର୍ମନ ଥିରୁମାଲାପଦ ଓ ଭାରତ ସରକାରଙ୍କ ବିବାଦର ଶୁଣାଣି କରି ମତାମତ ପ୍ରଦାନ କରିଥିଲେ ଯେ, ସମ୍ବିଧାନର ୭ମ ସୂଚୀରେ ଥିବା ଯୁଗ୍ମ ତାଲିକାର ୧୭(କ) ଅଧିନରେ କ୍ଷତିପୂରକ ପୁନଃବନୀକରଣ ପାଣ୍ଠି ଗଠନ କରାଯାଉ ଓ ଏଥିରେ ଜଙ୍ଗଲ ଜମି ବ୍ୟବହାରକାରୀଙ୍କଠାରୁ ଆଦାୟ ଅର୍ଥକୁ ଜମା ରଖାଯାଉ । ନ୍ୟାୟାଳୟ ନିର୍ଦ୍ଦେଶ ପ୍ରଦାନକରିଥିଲେ ଯେ, ଏହି ଲବ୍ଧରାଶିକୁ ଚାରା ସୃଷ୍ଟି ଓ ରୋପଣ, ଜଙ୍ଗଲ ସୁରକ୍ଷା, ଜୀବଜନ୍ତୁଙ୍କ ସୁରକ୍ଷା ଏବଂ ଜୈବବିବିଧତା ସୁରକ୍ଷାଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବିନିଯୋଗ କରାଯାଉ । ପୁନରାୟ ୫ ମେ ୨୦୦୬ରେ ମାନ୍ୟବର ନ୍ୟାୟାଳୟ ନିର୍ଦ୍ଦେଶ ଦେଲେ ଯେ ଯେହେତୁ କେନ୍ଦ୍ର ସରକାର ''କାମ୍ପା'' ଗଠନ କରିନାହାନ୍ତି, ତେଣୁ ଏକ ସ୍ଥାୟୀ ''କାମ୍ପା'' ଗଠନ ପର୍ଯ୍ୟନ୍ତ ଏକ ଅସ୍ଥାୟୀ ''କାମ୍ପା'' କାର୍ଯ୍ୟକାରୀ କରାଯାଉ ଓ ସମସ୍ତ ଅର୍ଥକୁ ଏଥିରେ ଜମା ରଖାଯାଉ । ସେହି ଆଦେଶକୁ କାର୍ଯ୍ୟକାରୀ କରିବାକୁ ଯାଇ ବର୍ତ୍ତମାନ ଏହି ଯୋଜନାରେ ମିଳୁଥିବା ସମସ୍ତ ଅର୍ଥକୁ ଏକ ଅସ୍ଥାୟୀ ''କ୍ଷତିପୂରକ ପୁନଃବିନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା କର୍ତ୍ତୃପକ୍ଷ'' ଗଠନ କରାଯାଇ ଏହାଙ୍କ ନାମରେ ଜାତୀୟକରଣ ବ୍ୟାଙ୍କରେ ଜମା କରାଯାଉଛି ।

୨୦୦୨ ରୁ ୨୦୦୮ ବର୍ଷ ମଧ୍ୟରେ କ୍ଷତିପୂରକ ବନୀକରଣ, ଅତିରିକ୍ତ କ୍ଷତିପୂରକ ପୁନଃବନୀକରଣ ଦଣ୍ଡନୀୟ କ୍ଷତିପୂରକ ପୁନଃବନୀକରଣ, ପରିବର୍ତ୍ତନୀୟ ଜଙ୍ଗଲ ଜମିର ନିର୍ଦ୍ଧାରିତ ବର୍ତ୍ତମାନର ବଜାର ମୂଲ୍ୟ କିମ୍ବା ଉକ୍ତ ଅଞ୍ଚଳର ବନୀକରଣ ନିମନ୍ତେ ଖର୍ଚ୍ଚ ସମ୍ବନ୍ଧୀୟ ଅର୍ଥ କୁ ମିଶାଇ ୫/୫/୨୦୦୬ ସୁଧା ୫୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ଜମା ହୋଇସାରିଲାଣି । ସରକାର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଓ ବ୍ୟାପକ ବନୀକରଣ ନିମନ୍ତେ ''ଗ୍ରୀନ୍‌ଇଣ୍ଡିଆ'' (ସବୁଜ ଭାରତ) ନାମକ ଏକ ବଡ଼ କାର୍ଯ୍ୟକ୍ରମ ହାତକୁ ନେବାର ଲକ୍ଷ୍ୟ ରଖିଛନ୍ତି । ଏଥିନିମନ୍ତେ ଆବଶ୍ୟକୀୟ ଅର୍ଥ ବଜାରରୁ, ଉନ୍ନୟନ ସହାୟକ ସଂସ୍ଥାମାନଙ୍କଠାରୁ କାର୍ବନ କ୍ରେଡ଼ିଟ୍‌ରୁ ମଧ୍ୟ ସଂଗୃହୀତ ହେବ । ତେଣୁ କେନ୍ଦ୍ର ସରକାର ଏହି କାର୍ଯ୍ୟକ୍ରମ ଚଳୁ କରିବାପାଇଁ କ୍ଷତିପୂରକ ପୁନଃବନୀକରଣ ପାଣ୍ଠି ବିଧେୟକ ୨୦୦୮ ମାଧ୍ୟମରେ ଏକ ଆଇନ୍ ସମ୍ମତ ପାଣ୍ଠି ଓ ପରିଚାଳନା କର୍ତ୍ତୃପକ୍ଷ ପ୍ରତିଷ୍ଠା ଲକ୍ଷ୍ୟ ରଖିଛନ୍ତି । ଏହି ପାଣ୍ଠି ମାଧ୍ୟମରେ କର୍ତ୍ତୃପକ୍ଷ ଏହି ପୁନଃବନୀକରଣ ଯୋଜନାକୁ କାର୍ଯ୍ୟକାରୀ କରିବେ ।

ଏହି ବିଧେୟକ ଅଧୀନରେ ଗଠିତ କର୍ତ୍ତୃପକ୍ଷ ଏକ ପରିଚାଳନା ମଣ୍ଡଳୀକୁ ନେଇ କାର୍ଯ୍ୟକରିବ । ଏହି ପରିଚାଳନା ମଣ୍ଡଳୀକୁ ଏକ ନିର୍ବାହୀ ମଣ୍ଡଳି ତଦାରଖ କମିଟି ଓ ପ୍ରଶାସନିକ ସହାୟତା ବ୍ୟବସ୍ଥା ଯୋଗାଇଦେବ । ଏହି କର୍ତ୍ତୃପକ୍ଷ ନିମ୍ନଲିଖିତ କାର୍ଯ୍ୟ ନିର୍ବାହ କରିବେ ।

କ) ''ସବୁଜ ଭାରତ'' କାର୍ଯ୍ୟକ୍ରମ ଅଧିନରେ ଉଜୁଡ଼ା ଜଙ୍ଗଲରେ ବ୍ୟାପକ ବନୀକରଣ କାର୍ଯ୍ୟର ତଦାରଖ କରିବେ ।




ଖ) ଜଳଛାୟା ବିକାଶ ଏବଂ ବନାଞ୍ଚଳରେ ଜଙ୍ଗଲ ସୁରକ୍ଷା କାର୍ଯ୍ୟର ତଦାରଖ କରିବେ ।

ଗ) ବିଭିନ୍ନ ରିପୋର୍ଟ ମାଧ୍ୟମରେ ''ସବୁଜ ଭାରତ'' କାର୍ଯ୍ୟକ୍ରମର ପ୍ରଗତି ସଂପର୍କରେ ସଂସଦକୁ ଅବଗତ କରାଇବେ ।

ଘ) ''ସବୁଜ ଭାରତ'' କାର୍ଯ୍ୟକ୍ରମକୁ ସ୍ୱଚ୍ଛ ଓ ପାରଦର୍ଶୀ କରାଇବେ ଓ ଲୋକମାନଙ୍କର ସହାୟତା ଏଥି ନିମନ୍ତେ ଲୋଡ଼ିବେ ।

ଙ) ମାନ୍ୟବର ନ୍ୟାୟାଳୟଙ୍କ ଆଦେଶ ମୁତାବକ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମ ବଣ୍ଟନ ପାଇଁ ଏକ ନୀତି ପ୍ରଣୟନ କରିବେ ।

ଚ) ଏହି ପାଣ୍ଠିର ଅର୍ଥକୁ କେନ୍ଦ୍ର ସରକାରଙ୍କର ବିଭିନ୍ନ ଆର୍ଥିକ ଅଂଶଧନରେ ନିବେଶ କରିବେ ।

ଛ) ବାର୍ଷିକ କାର୍ଯ୍ୟକ୍ରମ ଓ ଆର୍ଥିକ ବିବରଣୀ ସଂସଦରେ ପ୍ରଦାନ କରିବେ ।

ଜ) କର୍ତ୍ତୃପକ୍ଷ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟସୂଚୀ ଅଧୀନରେ ଆନ୍ତର୍ଜାତୀୟ ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହେବା ନିମିତ୍ତ କାର୍ଯ୍ୟକରିବେ ।

ଝ) ସାମାଜିକ ଅଂଶଗ୍ରହଣ, ତଦାରଖ ଓ ମୂଲ୍ୟାଙ୍କନ, ଯୋଗାଯୋଗ ପାଇଁ ସମୁଦାୟ ପାଣ୍ଠିର ୫ ଶତକଡ଼ା ଖର୍ଚ୍ଚ କରାଯିବା ପାଇଁ ସ୍ଥିର କରାଯାଇଛି ।

ଣ) ବନୀକରଣ ନିମନ୍ତେ ଆର୍ଥିକ ସଂସ୍ଥାମାନଙ୍କଠାରୁ ଆର୍ଥିକ ସହାୟତା ଅଣାଯିବ ।

**ବିଧେୟକଟିରେ ନିମ୍ନଲିଖିତ ଅସମଞ୍ଜସତା ଲକ୍ଷ୍ୟ କରାଯାଏ :**

ଯୌଥ ଜଙ୍ଗଲ ପରିଚାଳନା ଗୋଷ୍ଠୀମାନଙ୍କ ସହଭାଗୀତାରେ ''ସବୁଜ ଭାରତ'' କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବ । ଓଡ଼ିଶା ପରିପ୍ରେକ୍ଷୀରେ ଦେଖିଲେ ଓଡ଼ିଶା ଜଙ୍ଗଲ କ୍ଷେତ୍ର ସହାୟତା ପ୍ରକଳ୍ପ ଓ ଓଡ଼ିଶା ଜଙ୍ଗଲ କ୍ଷେତ୍ର

ଉନ୍ନୟନ ପ୍ରକଳ୍ପ ଦୁଇଟି ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିମାନଙ୍କୁ ନେଇ କାର୍ଯ୍ୟକାରୀ ହୋଇଛି ଓ ହେଉଛି । ଉଭୟ କ୍ଷେତ୍ରର ଅନୁଭୂତି କୁହେଯେ ଏହି ପ୍ରୟୋଗ ପ୍ରଣାଳୀ ଲୋକ ସହଭାଗୀ ନ ହୋଇପାରିବାରୁ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଓ ପାରଦର୍ଶିତା ହାସଲ ହୋଇପାରିଲା ନାହିଁ । ପ୍ରବେଶିକା କାର୍ଯ୍ୟକ୍ରମ, ତାଲିମ କାର୍ଯ୍ୟକ୍ରମ ମାନଙ୍କରେ ପଇସା ପାଣି ପରି ଖର୍ଚ୍ଚ ହେଲେ ମଧ୍ୟ ଏହା ଲୋକଙ୍କର ଉଦ୍ଦେଶ୍ୟକୁ ପୂରଣ କରିପାରିଲା ନାହିଁ । ଅତ୍ୟଧିକ ବୁର୍ଜୁଆ ମନୋଭାବ ଯୋଗୁଁ ଜଙ୍ଗଲ କର୍ମଚାରୀମାନେ ଲୋକମାନଙ୍କର ବିଶ୍ୱାସଭାଜନ ହୋଇପାରିଲେ ନାହିଁ । ‘‘ପଇସା ଦେଇ ଜଙ୍ଗଲ ଜଗିବା’’ ନୀତି ବା କାର୍ଯ୍ୟକୁ ଲୋକମାନେ ସନ୍ଦେହ ଚକ୍ଷୁରେ ଦେଖିଲେ । କାରଣ ଏହା ଚିରସ୍ଥାୟୀ ବ୍ୟବସ୍ଥା ନୁହେଁ । ପଇସା ବନ୍ଦ ହୋଇଗଲେ ଲୋକମାନେ କ’ଣ ଜଙ୍ଗଲ ସୁରକ୍ଷାରୁ ଓହରି ଯିବେ ? ତେଣୁ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀଜଙ୍ଗଲ ସୁରକ୍ଷାର ଉପାଦାନକୁ ସୁରକ୍ଷିତ ରଖାଯିବାର ପ୍ରୟାସ କରାଯାଇନାହିଁ । ଗ୍ରାମଗୋଷ୍ଠୀମାନେ ବିନା ପଇସାରେ ନିଜସ୍ୱ ଆବଶ୍ୟକତା ପୂରଣ ପାଇଁ ଜଙ୍ଗଲ ସୁରକ୍ଷା ବହୁଦିନରୁ କରିଆସୁଛନ୍ତି । ଏହି ବିଧେୟକ ସେମାନଙ୍କୁ ମାନ୍ୟତା ଦେବା ପରିବର୍ତ୍ତେ ବନୀକରଣ ଓ ଜଙ୍ଗଲ ତଥା ବନ୍ୟଜନ୍ତୁ ସୁରକ୍ଷା କାର୍ଯ୍ୟକ୍ରମରୁ ସେମାନଙ୍କୁ ବାଦ୍ ଦେଇଛି । ପୁନଶ୍ଚ ଅର୍ଥପ୍ରଦାନ କରି ଜଙ୍ଗଲ ସୁରକ୍ଷା ପ୍ରକ୍ରୀୟାରେ ସାମିଲ ହେବା ଯୋଗୁଁ ଲୋକମାନଙ୍କ ମଧ୍ୟରୁ ସ୍ୱେଚ୍ଛାସେବୀ ମନୋଭାବ ମରି ଯାଉଛି ଏବଂ ଏହା ବଦଳରେ ନିର୍ଭରଶୀଳ ମନୋଭାବ ବୃଦ୍ଧି ପାଉଛି । ଲୋକମାନଙ୍କ ମନରେ ଧାରଣା ସୃଷ୍ଟି ହେଉଛି ଯେ ଏହା ଜଙ୍ଗଲ ବିଭାଗର କାମ ମାତ୍ର ଆମେ ଏହା ସଂପାଦନ କରୁଛୁ । ବନ ସୁରକ୍ଷା ସମିତି ସହିତ ଗୋଷ୍ଠୀଜଙ୍ଗଲ ସୁରକ୍ଷା କମିଟି ମାନଙ୍କୁ ନେଇ କାର୍ଯ୍ୟକ୍ରମ କରାଗଲେ ଏଥିରେ ବିଶେଷ ସୁଫଳ ମିଳିବ ।

ଦ୍ୱିତୀୟତଃ, ଏଥିରେ ଚାରାସୃଷ୍ଟି ଓ ଚାରା ରୋପଣକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ମାତ୍ର ପୂର୍ବ ଅନୁଭୂତିରୁ ଜଣାଯାଇଛିଯେ ଚାରାରୋପଣ କାର୍ଯ୍ୟକ୍ରମରେ ବ୍ୟାପକ ଅର୍ଥ ବିନିଯୋଗ ହେଲେ ମଧ୍ୟ ସୁଫଳ ମିଳିନାହିଁ । ୩ୟତଃ ବିଧେୟକରେ ଲେଖାଯାଇଛି ଯେ ବ୍ୟବହାରକାରୀ ସଂସ୍ଥା ନେଉଥିବା ଜଙ୍ଗଲ ଜମିର ବର୍ତ୍ତମାନ ବଜାର ମୂଲ୍ୟ ବାବଦକୁ ଅର୍ଥ ଜମା କରିବେ । ଏହି ମୂଲ୍ୟ (ଏନ୍.ପି.ଭି.) ମଧ୍ୟରେ ପରିବେଶ ସେବା ଯଥା ଜଙ୍ଗଲ ଜମିରେ ଥିବା ବୃକ୍ଷ ରାଜିରୁ ମିଳୁଥିବା କାଠ, ଅଣକାଷ୍ଠ ବନଜାତ ଦ୍ରବ୍ୟ, ଚାରଣ, ଜଳ, ପର୍ଯ୍ୟଟନ ସୁବିଧା, ବନ୍ୟଜନ୍ତୁମାନଙ୍କର ସୁରକ୍ଷା ଓ ଜୀବନଦାୟୀ ଅମ୍ଳଜାନ ନିଃଶ୍ୱାସନ ଓ ଅଙ୍ଗାରକାମ୍ଳ ଅବଶୋଷଣ ଅନ୍ତର୍ଭୁକ୍ତ । ଜଳବାୟୁକୁ ଜଙ୍ଗଲର ଅବଦାନ, ରୋଗହାରକ ଗୁଳ୍ମ, ବନ୍ୟାନିୟନ୍ତ୍ରଣରେ ଏହାର ଭୂମିକା, ମୃତ୍ତିକା ସଂରକ୍ଷଣ ଜନିତ ଭୂମିକା ଆଦିରେ ଜଙ୍ଗଲର ଉପାଦେୟତା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । କେବଳ ସେତିକି ନୁହେଁ, ଜୈବବିଶ୍ଳେଷଣ ଦୃଷ୍ଟିରୁ ଜଙ୍ଗଲର ଉପଯୋଗୀତା, ଅଧ୍ୟାତ୍ମିକ ବିକାଶ କ୍ଷେତ୍ରରେ ଜଙ୍ଗଲର ଭୂମିକା, ଶିକ୍ଷା, ପ୍ରେରଣା, ସୌନ୍ଦର୍ଯ୍ୟାତ୍ମକ, ଚିତ୍ତବିନୋଦନ କ୍ଷେତ୍ରରେ ଏହାର ମହତ୍ୱ ମଧ୍ୟ ମୂଲ୍ୟାଙ୍କନର ଅନ୍ତର୍ଭୁକ୍ତ । ମାତ୍ର ଏଠାରେ ଜାଣିବା କଥାଯେ ଏହି ମୂଲ୍ୟାଙ୍କନ କରିବା ପାଇଁ କେନ୍ଦ୍ରସରକାର ଏକ ଏକ୍ସପର୍ଟ କମିଟି ନିଯୁକ୍ତ କରିବେ । ଏହି କମିଟି ପରିବର୍ତ୍ତନଶୀଳ । କମିଟି କେଉଁ ଭଳି ରୂପେ ଉପରୋକ୍ତ ବିଷୟବସ୍ତୁର ମୂଲ୍ୟାଙ୍କନ କରିବେ, ତାହା ବିଧେୟକରେ ଉଲ୍ଲେଖ କରାଯାଇନାହିଁ ।

ଚତୁର୍ଥରେ ୧୯୮୦ ରୁ ୨୦୦୨ ମସିହା ପର୍ଯ୍ୟନ୍ତ ଜଙ୍ଗଲ ସଂରକ୍ଷଣ ଆଇନ୍ ବଳବତ୍ତର ଥିବା ସମୟରେ ବିଭିନ୍ନ କଳ କାରଖାନା ଓ ବିକାଶମୂଳକ କାର୍ଯ୍ୟପାଇଁ ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବିନିଯୋଗ କରାଯାଇଛି । ସେ ସମୟରେ ପରିବେଶ ସ୍ୱକୃତିପାଇଁ ଏନ୍‌ଭିରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ କମିଟି ମଧ୍ୟ ଅନୁରୂପ କ୍ଷତିପୂରକ ପୁନଃବନୀକରଣ ନିମନ୍ତେ ଗୁରୁତ୍ୱ ପ୍ରଦାନ କରିଥାନ୍ତି । ସମପରିମାଣର ନୂତନ ଜଙ୍ଗଲ ସୃଷ୍ଟିର ପ୍ରତିଶ୍ରୁତି ଦେଇ କାମ ଆଗେଇଯାଏ । ସମପରିମାଣର ଜମିରେ ଥରେ ଗଛ ଲଗାଇ ଦେଇ କର୍ତ୍ତୃପକ୍ଷ ଚୁପ୍ ହୋଇ ରହିଯାଆନ୍ତି । ଜଙ୍ଗଲ ବିଭାଗ ମଧ୍ୟ ଏହାର ତଦାରଖ କରନ୍ତି ନାହିଁ । ଗାଈଗୋରୁ ଚରିବା ଓ ଧୋଇଯିବା କାରଣରୁ ହେଉ କିମ୍ବା ମାନବୀୟ ଅନୁପ୍ରବେଶ କାରଣରୁ ଏଗୁଡ଼ିକ ନଷ୍ଟ ହୋଇଯାଏ । ତେଣୁ ଏକ ପାର୍ଶ୍ୱରେ ବିକାଶ ନାମରେ ଘଞ୍ଚ ଜଙ୍ଗଲ ଲୋପ ପାଉଥିବାବେଳେ, ଅନୁଭୂତିରୁ ଜଣାପଡ଼େ ଯେ କ୍ଷତିପୂରକ ପୁନଃବନୀକରଣ କାର୍ଯ୍ୟକ୍ରମରେ ଆନ୍ତରିକତା ଅଭାବରୁ ଏଗୁଡ଼ିକ ନଷ୍ଟ ହୋଇଛି । ଧର୍ମକୁ ଆଖିଠାର ମାରି କାମ ହେଲା ଭଳି କ୍ଷତିରୂପକ ପୁନଃବନୀକରଣ କାର୍ଯ୍ୟ ଚାଲିଛି ।

ପଞ୍ଚମରେ ଜଙ୍ଗଲ ଅଧିକାର ଆଇନର ଉଲ୍ଲଙ୍ଘନ ଏହି ବିଧେୟକ କରୁଛି । ଜଙ୍ଗଲ ଅଧିକାର ଆଇନ୍‌ରେ ଗ୍ରାମଗୋଷ୍ଠୀ ଓ ବନବାସୀ ତଥା ଆଦିବାସୀ ମାନଙ୍କୁ ଜଙ୍ଗଲ ସୁରକ୍ଷା, ଜୈବବିବିଧତାର ସୁରକ୍ଷା ଓ ବନ୍ୟପ୍ରାଣୀ ସୁରକ୍ଷା କରିବା ନିମନ୍ତେ ଅଧିକାର ମିଳିଛି । ତେଣୁ ଏହି ବିଧେୟକରେ ସେହି ବ୍ୟବସ୍ଥା ରଖିବାକୁ ସରକାର କୁଣ୍ଠିତ କାହିଁକି ? ନୂତନ ବନୀକରଣ କାର୍ଯ୍ୟକ୍ରମରେ ପ୍ରାକୃତିକ ଜଙ୍ଗଲ ଭଳି ଜଙ୍ଗଲ ସୃଷ୍ଟି କରାଯିବାର ଦାବି ସରକାର କରୁଛନ୍ତି । ମାତ୍ର ଗ୍ରାମଗୋଷ୍ଠୀଙ୍କର ବିନା ସହଯୋଗ, ଅଂଶଗ୍ରହଣ, ସ୍ୱାର୍ଥର ସୁରକ୍ଷା ନକଲେ ସରକାର ଏଥିରେ ସଫଳ ହେବେ ନାହିଁ । ବନ ବିଭାଗ ମଧ୍ୟ ଏହି କଥା ଜାଣେ । ତେଣୁ ବିପୁଳ ଅର୍ଥବ୍ୟୟ କରି ଲୋକଙ୍କୁ ଅଧିକାରରୁ ବଞ୍ଚିତ କଲେ ଏହି କାର୍ଯ୍ୟକ୍ରମର ସଫଳ ହେବା ଆଶ କ୍ଷୀଣ । ଜଙ୍ଗଲ ଜମିରୁ ବିସ୍ଥାପିତ ହେଲେ ରହିବେ କେଉଁଠି ?

ସରକାର ପ୍ରଥମେ ଜମି କେତେ ଅଛି, ତାହା ସର୍ଭେ କରିବା ଦରକାର । କାରଣ ବନୀକରଣ ପାଇଁ ସରକାର ଜଙ୍ଗଲ ଜମି ଅତିରିକ୍ତ ଅନ୍ୟାନ୍ୟ ଜମିକୁ ମଧ୍ୟ ଏହାର ଅନ୍ତର୍ଭୁକ୍ତ କରିବେ । ତେଣୁ ଜମି କେଉଁଠାରୁ ମିଳିବ, ଜମିର କିସମ ଓ ଉପଯୁକ୍ତ ଜମି କି ନୁହେଁ ସେଗୁଡ଼ିକ ମଧ୍ୟ ବିଚାର କରାଯିବା ଆବଶ୍ୟକ । ଏପରି ହେଲେ ଜମିର ଦର ହୁ ହୁ ହୋଇ ବଢ଼ିବ । ଏହାର ପ୍ରଭାବ ମଧ୍ୟ ଗରୀବ ଲୋକଙ୍କ ଉପରେ ପଡ଼ିବ । ସେମାନଙ୍କ ନିକଟରୁ ଜମି ସବୁ ଧନୀ ଲୋକଙ୍କ ନିକଟକୁ ଚାଲି ଯିବ । ସାମାଜିକ ଓ ଅର୍ଥନୈତିକ ତାରତମ୍ୟ ବଢ଼ିବ ।

ପରିଶେଷରେ ବନ୍ୟଜନ୍ତୁ ସୁରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଯଥା: ବନ୍ୟଜନ୍ତୁ ସୁରକ୍ଷା ଆଇନ୍ ୧୯୭୨, ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ବ୍ୟାଘ୍ର ପ୍ରକଳ୍ପ ଓ ଲୋପପାଇ ଆସୁଥିବା ଜୀବ ଜନ୍ତୁଙ୍କ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ଇତ୍ୟାଦି । ମାତ୍ର ଏଠାରେ ବିକାଶ ପାଇଁ ସଂରକ୍ଷିତ ଅଞ୍ଚଳର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କାମରେ ବିନିଯୋଗ କରାଯାଉଥିଲେ ସେହି ଅର୍ଥକୁ ଅଲଗା ଏକ ନାମରେ ଜମା କରାଯିବାର ପ୍ରାବଧାନ ରହିଛି । ଏଥିରୁ ଜଣାପଡୁଛି ଯେ ସରକାର ଏହି ବିଲ୍ ମାଧମରେ ଟଙ୍କା ପାଇଁ ଜଙ୍ଗଲକୁ ଅଣଜଙ୍ଗଲ ଓ ଅଣଜଙ୍ଗଲକୁ ଜଙ୍ଗଲରେ ପରିଣତ କରିବାକୁ ଯାଉଛନ୍ତି ।

□

# ଜଳବାୟୁ ପରିବର୍ତ୍ତନ: କୃଷି, ଜଙ୍ଗଲ ଓ ଜୀବନ ଜୀବିକା ଉଜୁଡ଼ି ଯିବ

ଓଡ଼ିଶାର ଜଳବାୟୁ ବିଗିଡ଼ି ଯାଇଛି । ମୌସୁମୀ ବାୟୁ ବାଟ ହୁଡୁଛି, ଅନେକ ବିଳମ୍ବରେ ବର୍ଷା ହେଉଛି । ଯେତେବେଳେ ବର୍ଷା ହେଉଛି ତା'ର ପରିମାଣ ବଢ଼ିଯାଉଛି । ବର୍ଷାର ଅବଧି ଓ ପରିମାଣର ତାରତମ୍ୟ ଯୋଗୁଁ ବନ୍ୟା-ମରୁଡ଼ି ମାଡ଼ି ଆସୁଛି । ଏହି ଭଳି ପାରିବେଶିକ ପରିବର୍ତ୍ତନ କାହିଁକି ହେଉଛି ? ସେ ସଂପର୍କରେ ଜାଣିବା ପାଇଁ 'ଆମ ଜଙ୍ଗଲ ଆମର' ତରଫରୁ ଅମର କୁମାର ଗୌଡ଼ ସାକ୍ଷାତ୍ କରିଥିଲେ ବିଶିଷ୍ଟ ପାଣିପାଗ ବିତ୍ ତଥା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳଙ୍କ ସହିତ । ପ୍ରଫେସର ପଶୁପାଳକ ୧୯୯୫ ମସିହାଠାରୁ ଓଡ଼ିଶାର ଜଳବାୟୁ ଉପରେ ଗବେଷଣା କରୁଛନ୍ତି । ଜଳବାୟୁ ପରିବର୍ତ୍ତନର କାରଣ ଓ ତା'ର ପ୍ରତିକୂଳ ପ୍ରଭାବ ସଂପର୍କରେ ଆଲୋଚନା କରାଯାଇଥିବା କିଛି ତଥ୍ୟକୁ ଏଠାରେ ଉପସ୍ଥାପନା କରାଯାଇଛି ।

**ଆ.ଜ.ଆ:** ଜଳବାୟୁ କହିଲେ କ'ଣ ବୁଝାଯାଏ ଏବଂ ଏହା କିପରି ପରିବର୍ତ୍ତନ ହୁଏ ?

**ପ୍ରଫେସର:** ଜଳବାୟୁ କହିଲେ ଥଣ୍ଡା ରାତି, ମେଘୁଆପାଗ, ତାପମାତ୍ରା, ବାୟୁର ଆର୍ଦ୍ରତା, କାକର, ପବନର ଗତି ଓ ଋତୁଚକ୍ର ପ୍ରଭୃତିର ସମଷ୍ଟିକୁ କହିଥାଉ । ଯଦି ଏସବୁର ସ୍ଥିତାବସ୍ଥାରେ ପରିବର୍ତ୍ତନ ଆସିଲା ତାହାହେଲେ ଆମେ ଏହାର ପରିବର୍ତ୍ତନ ହେଲା ବୋଲି କହୁ । ହଜାର ହଜାର ବର୍ଷଧରି ଏହି ପାଣିପାଗ ପ୍ରାକୃତିକ ପ୍ରକ୍ରିୟାରେ ପରିବର୍ତ୍ତନ ହେଉଥିଲା । କିନ୍ତୁ ପାଶ୍ଚାତ୍ୟଦେଶରେ ଶିଳ୍ପାୟନର ଅଗ୍ରଗତି ସହିତ ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଭୂଉତପ୍ତିକରଣ ହେବା ଦ୍ୱାରା ପାଣି ପାଗର ପରିବର୍ତ୍ତନ ଦେଖାଯାଉଛି ।

**ଆ.ଜ.ଆ:** କେବେଠାରୁ ଏହାରି ଉପରେ ଅଧିକ ଚର୍ଚ୍ଚା ହେଉଛି ?

**ପ୍ରଫେସର:** ସତୁରୀ ଦଶନ୍ଧିରୁ ଏହାରି ଉପରେ ଅଧିକ ଚର୍ଚ୍ଚା ହେଉଛି । କିନ୍ତୁ ୧୯୯୦ ମସିହା ପରଠାରୁ ଏହା ବ୍ୟାପକ ହୋଇଛି ।

**ଆ.ଜ.ଆ:** ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ଗୁଡ଼ିକ କ'ଣ ?

**ପ୍ରଫେସର:** ବିଭିନ୍ନ ଗବେଷଣାତ୍ମକ ରିପୋର୍ଟରୁ ଜଣା ପଡ଼ିଛି, ୧୯୮୦ ମସିହା ଠାରୁ ପାଶ୍ଚାତ୍ୟ ରାଷ୍ଟ୍ରରେ ଶିଳ୍ପ ବିପ୍ଳବ କାର୍ଯ୍ୟକ୍ରମ ବୃଦ୍ଧି ପାଇଲାପରେ ଭୂପୃଷ୍ଠର ତାପମାତ୍ରା ବୃଦ୍ଧି ପାଇଲା । ବିଗତ ୧୦୦ ବର୍ଷ ଭିତରେ ଏହି ତାପମାତ୍ରା ୦.୭୪ ଡ଼ିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଛି । ତାହାଛଡ଼ା ଶକ୍ତି ଉତ୍ପାଦନ ପାଇଁ ଜୀବାଶ୍ମ ଜଳେଣୀର ଦହନ ଦ୍ୱାରା କାର୍ବନ ଡ଼ାଇଅକ୍ସାଇଡ୍ ଓ ମିଥେନ୍ ପରି ଗ୍ୟାସ୍ ବାୟୁମଣ୍ଡଳରେ ବୃଦ୍ଧି ପାଉଛି । ଏହା ଛଡ଼ା ସନ୍ତସନ୍ତିଆ ସ୍ଥାନ, ସହରୀକରଣ, ଜଙ୍ଗଲ କ୍ଷୟ ଓ ବିକାଶ ପୂର୍ଣ୍ଣ ଜୀବନ ଯାପନ ପ୍ରଣାଳୀ ମଧ୍ୟ ବାୟୁମଣ୍ଡଳ ପରିବର୍ତ୍ତନକୁ ବଢ଼ାଇବାରେ ସାହାଯ୍ୟ କରୁଛି ।

**ଆ.ଜ.ଆ:** ଓଡ଼ିଶାରେ ଜଳବାୟୁ ପରିବର୍ତ୍ତନ ହୋଇଛି; ଏହା କେମିତି ଜଣା ପଡୁଛି ?

**ପ୍ରଫେସର:** ଜଳବାୟୁର ସ୍ୱାଭାବିକ ଚକ୍ରରେ ପରିବର୍ତ୍ତନ ହିଁ ଜଳବାୟୁ ପରିବର୍ତ୍ତନର ନମୁନା । ଖରା, କାକର, ପାଣିପାଗ, ପବନର ଗତି, ଆର୍ଦ୍ରତା, ବର୍ଷାର ପରିମାଣ ଓ ବିଭିନ୍ନ ଋତୁଗତ ତାରତମ୍ୟରୁ ଏହା ଯାଣିପାରିବେ । ଏହାବାଦ୍ ଜୀବଜଗତ, ଉଦ୍ଭିଦ, ପ୍ରାଣୀ, କୀଟପତଙ୍ଗ ଓ ଅଣୁଜୀବମାନଙ୍କର ଜୀବନଶୈଳୀ ଓ ଅଭିବୃଦ୍ଧି ଉପରେ ପାଣିପାଗର ପ୍ରଭାବ ସଂପର୍କରେ ସମୀକ୍ଷ କଲା ବେଳେ ପାଣିପାଗର ଉପାଦାନ ଗୁଡ଼ିକର ହାରାହାରି ମାନକୁ ବିଚାର କରାଯାଇଥାଏ । ଦେଖନ୍ତୁ ଏବେ ଅତି ବୃଷ୍ଟି ଓ ଅନାବୃଷ୍ଟିର ଘନତ୍ୱ ବଢୁଛି । ବାତ୍ୟା, ଲଘୁଚାପ ଓ ପବନର ପ୍ରବାହରେ ପରିବର୍ତ୍ତନ ଦେଖାଯାଉଛି ।

ଠିକ୍ ସେହିପରି ଆମ ରାଜ୍ୟରେ ବାର୍ଷିକ ୫ଟି ଲଘୁଚାପ ହୋଇଥାଏ । କିନ୍ତୁ ଏଥିରେ ଏବେ ବ୍ୟତିକ୍ରମ ଦେଖାଗଲାଣି । ୨୦୦୫ରେ ୧୦ଟି, ୨୦୦୬ରେ ୧୨ଟି, ୨୦୦୭ରେ ୧୪ଟି ଓ ଚଳିତ ବର୍ଷ ୯ଟି ଲଘୁଚାପ ଅନୁଭୂତ ହେଲାଣି ।

ବର୍ତ୍ତମାନ ଅକ୍ଟୋବର ମାସରେ କିଛି ବର୍ଷା ନାହିଁ କହିଲେ ଚଳେ । ଅର୍ଥାତ୍ ମୌସୁମୀ ବାୟୁ ଶୀଘ୍ର ଚାଲିଯାଉଛି ତ କେବେ ପୁଣି ଠିକ୍ ସମୟରେ ଆସୁନାହିଁ ।

**ଆ.ଜ.ଆ:** ବହୁ ପୂର୍ବରୁ ଓଡ଼ିଶାରେ ବନ୍ୟା, ବାତ୍ୟା ଓ ମରୁଡ଼ି ସର୍ବଦା ଲାଗି ରହିଛି । ତେଣୁ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଗୁଡ଼ିକୁ କିଭଳି ଜଳବାୟୁ ପରିବର୍ତ୍ତନ ସହିତ ଯୋଡ଼ା ଯାଇ ପାରିବ ?

**ପ୍ରଫେସର:** ମୁଁ ପୂର୍ବରୁ ସୂଚନା ଦେଇଛି ଯେ, ଆମ ରାଜ୍ୟରେ ମୌସୁମୀ ଜଳବାୟୁର ଆଗମନ, ପ୍ରତ୍ୟାବର୍ତ୍ତନ, ବର୍ଷାପାତର ଘନତ୍ୱ, ତାପମାତ୍ରା ବୃଦ୍ଧି ପୁଣି ମୌସୁମୀ କାଳିନ ବର୍ଷାର ଅଭାବ, ଲଘୁଚାପର ସଂଖ୍ୟାଧିକତା ଏବେ ବଢ଼ିଛି । ଆଉ ଏସବୁ ପାଣିପାଗର ପରିବର୍ତ୍ତନ ଯୋଗୁଁ ହିଁ ଘଟୁଛି ।

**ଆ.ଜ.ଆ:** ଜଳବାୟୁ ପରିବର୍ତ୍ତନ ଯୋଗୁଁ କୃଷି କ୍ଷେତ୍ରରେ କେଉଁ ପ୍ରକାରର ପ୍ରଭାବ ପଡୁଛି ?

**ପ୍ରଫେସର:** ଦୀର୍ଘ ବର୍ଷର ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିଛି ଯେ, ଯେକୌଣସି ଦୁଇଟି ବର୍ଷର ଫସଲ ଅମଳର ପରିମାଣରେ ଯେଉଁ ତାରତମ୍ୟ ଦେଖାଯାଉଛି, ସେଥିପାଇଁ ସ୍ଥାନୀୟ ଜଳବାୟୁ ଶତକଡ଼ା ୫୦ ଭାଗ ପ୍ରଭାବ ପକାଇଥିବା ବେଳେ ଗ୍ରୀଷବାସ ପ୍ରଣାଳୀ ଅବଶିଷ୍ଟ ପ୍ରଭାବ ପକାଇଥାଏ । ଗତବର୍ଷ ତାପମାତ୍ରା କମିଯିବାରୁ ପନିପରିବା ଓ ଫଳଗ୍ରୁଷ ଉପରେ ପ୍ରଭାବ ପଡ଼ିଥିଲା । ଠିକ୍ ସେହିପରି ମୌସୁମୀ କାଳୀନ ବର୍ଷାପାତର ତାରତମ୍ୟ ଯୋଗୁଁ ପଶ୍ଚିମ ଓଡ଼ିଶାର ଖରଡ଼ିବୁଣା ଧାନଗ୍ରୁଷ ହୋଇପାରୁନାହିଁ । ଯେହେତୁ ମୌସୁମୀ ବର୍ଷା ବିଳମ୍ବ ହେଉଛି ତେଣୁ ବୁଣାକାର୍ଯ୍ୟ ହୋଇପାରୁନି । ଅକ୍ଟୋବର ମାସରେ ଅଧିକ ଉତ୍ତାପ ବଢ଼ିଯିବା ଯୋଗୁଁ ଧାନର ଫୁଲ ଉଡ଼େଇବା, ଫୁଲ ଖିରଡୁକିବା ଓ ଫସଲ ପାଚିବାରେ ପ୍ରଭାବ ପଡୁଛି । ଜଳବାୟୁର ପ୍ରଭାବ ଏବେ ବେଶୀ ମାତ୍ରାରେ ରବିଗ୍ରୁଷ ଉପରେ ପଡୁଛି । କାରଣ ଯେଉଁଠି

ଜଳସେଚନର ସୁବିଧା ନଥାଏ ସେଠାକାର ଚାଷୀମାନେ ଅକ୍ଟୋବର ମାସର ବର୍ଷାକୁ ଦେଖି ମାଟିର ବତୁରାକୁ ଲକ୍ଷ୍ୟ କରି ଫସଲ ବୁଣାବୁଣି କରିଥାନ୍ତି । ଯେହେତୁ ଅକ୍ଟୋବର ମାସରେ ବର୍ଷା ହେଉନି ତେଣୁ ମାଟି ଶୁଖିଯାଉଛି; ଯାହାଫଳରେ ରବିଫସଲ ବୁଣା ହୋଇପାରୁନାହିଁ ।

ଠିକ୍ ସେହିପରି ଶୀତଦିନର ଅବଧି ବହୁତ ବିଳମ୍ବରେ ଆରମ୍ଭ ହୋଇ ଶୀଘ୍ର ଛାଡ଼ିଯାଏ ଏବଂ ଫେବୃୟାରୀ ମାସ ଶେଷ ବେଳକୁ ଗରମ ହୁଏ, ତେଣୁ ପଶ୍ଚିମ ଓଡ଼ିଶାର ଗହମ ଓ ପନିପରିବା ଚାଷ ପ୍ରଭାବିତ ହେବ । ଅଧିକାଂଶ ସମୟରେ ଚରମ ଗରମ (୪୫ ଡ଼ିଗ୍ରୀ ସେଲସିୟସରୁ ଅଧିକ) ଗ୍ରୀଷ୍ମ ପ୍ରବାହ, ଅନାବୃଷ୍ଟି ଦିନ ସଂଖ୍ୟା (> ଦିନକୁ ୧୨୫ ମି.ମି.) ହେବା ଦ୍ୱାରା ତ୍ୱରାନ୍ୱିତ ଅଭିବୃଦ୍ଧି ଜନିତ ଫସଲ ଅବଧି କମ୍ ହେବ ଓ ଅଧିକା ଅଗାଡ଼ି ଯୋଗୁଁ ଧାନଦାନା ଅମଳ କମ ହେବ । ଧାନ ଫସଲରେ ଲେଡ଼ା ପୋକ, ବିରିହା ପୋକ, କାଣ୍ଡ ବିନ୍ଧା ପୋକ ଓ ପତ୍ରପୋଡ଼ା ରୋଗ ବଢ଼ିବ ।

**ଆ.ଜ.ଆ:** ସାର୍ ଏବେ ଲକ୍ଷ୍ୟ କରାଯାଉଛି ଭୁବନେଶ୍ୱର ଭଳି ସହରାଞ୍ଚଳରେ ଅଧିକ ମାତ୍ରାରେ ଘଡ଼ଘଡ଼ି ଓ ବିଜୁଳି ହେଉଛି ଏହାର କାରଣ କ'ଣ ହୋଇପାରେ ?

**ପ୍ରଫେସର:** ଏହାର ସଠିକ୍ କାରଣ ନିର୍ଣ୍ଣୟ ପାଇଁ ଦିଲ୍ଲୀ ଆଇ.ଆଇ.ଟି ଗବେଷଣା କରୁଛନ୍ତି । ତେଣୁ ମୋଟାମୋଟି ଏତିକି କୁହାଯାଇପାରିବ ଯେ ଅଦିନିଆ ବର୍ଷା, ବାୟୁଚାପ ଓ ଜଳୀୟ ବାଷ୍ପ ଘନିଭୂତ ଯୋଗୁଁ ଏଭଳି ବାତାବରଣ ସୃଷ୍ଟି ହେଉଛି ।

**ଆ.ଜ.ଆ:** ଧାନଚାଷ ଦ୍ୱାରା ଭୂଉତପ୍ତିକରଣ ବଢୁଛି ବୋଲି ବିକାଶଶୀଳ ଦେଶମାନେ ଦାବି କରୁଛନ୍ତି । ଏହା କେତେଦୂର ଯଥାର୍ଥ ?

**ପ୍ରଫେସର:** ସେମାନେ ସେମାନଙ୍କ ଅଞ୍ଚଳକୁ ଦେଖି ଆମ ଅଞ୍ଚଳର କଥାକହୁଛନ୍ତି । କିନ୍ତୁ ପ୍ରକୃତି କଥା ଅଲଗା । ଦେଖନ୍ତୁ ଯେଉଁ ଧାନ କ୍ଷେତ ଅତି କମ୍‌ରେ ୧୫ ଦିନ, ପର୍ଯ୍ୟନ୍ତ ପାଣିରେ ବୁଡ଼ିରହିବ ତେବେ ଯାଇ ମିଥେନ୍ ଗ୍ୟାସ ବାହାରିବ । ଆମ ରାଜ୍ୟର ୨୫ ଭାଗ ଜମି ଏହି ପରି ଜମି । ଏହି ଜମିରେ ଧାନ ଚାଷକୁ ଛାଡ଼ି ଅନ୍ୟାନ୍ୟ ଫସଲ ହେବ ନାହିଁ । ଯଦି ମିଥେନ୍ ଗ୍ୟାସ ଭୟରେ ଖାଲି ପକେଇବା ତେବେ ମଧ ସନ୍ତସନ୍ତିଆ ଯୋଗୁଁ ମିଥେନ୍ ଗ୍ୟାସ ବାହାରିବ । ତାଛଡ଼ା ପଶ୍ଚିମ ଦେଶର ବୈଜ୍ଞାନିକ ମାନେ ରାସାୟନିକ ସାର ପ୍ରୟୋଗ କୁ ନେଇ ଯେଉଁ ଯୁକ୍ତି କରିଥାନ୍ତି ତାହା ମଧ ଅମୂଳକ । ଓଡ଼ିଶାରେ ହେକ୍ଟର ପିଛା ୫୨ କିଗ୍ରା ଯବକ୍ଷାରଯାନ ପ୍ରୟୋଗ କରାଯାଏ । ଆମର ଅନୁମୋଦନ ସ୍ତର ହେଉଛି ୬୦କି.ଗ୍ରା, ତେଣୁ ଆମେ କମ୍‌ରେ ଅଛୁ । ପଶ୍ଚିମ ଦେଶର କୃଷକମାନେ ତ ହେକ୍ଟର ପିଛା ୨୦୦ ରୁ ୩୦୦ କିଗ୍ରା ସାର ପ୍ରୟୋଗ କରୁଛନ୍ତି । ତେଣୁ ଆମ ତଥ୍ୟ ଠାରୁ ସେମାନେ ୨୦ ଗୁଣ ବଢ଼େଇ ଚଢ଼େଇ କହିଛନ୍ତି ।

**ଆ.ଜ.ଆ:** ତାହେଲେ ଆମେ କ'ଣ ଚାଷପ୍ରଣାଳୀ ଓ ସାର ପ୍ରୟୋଗ ବଦଳାଇ ବାକୁ ପଡ଼ିବ ?

**ପ୍ରଫେସର:** ଏନେଇ ଗବେଷଣା ଦରକାର । ଏହାକୁ ଆଖି ଆଗରେ ରଖି କୃଷି ଓ ବିଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ୨୦୨୦, ୨୦୩୦ ଓ ୨୦୫୦ ମସିହା ମଧରେ ପାଣିପାଗ ପ୍ରଭାବଦ୍ୱାରା ଓଡ଼ିଶା, ବିହାର ଏବଂ ପଶ୍ଚିମ ବଙ୍ଗ ର କିଛି କୃଷି ଜଳବାୟୁ ମଣ୍ଡଳରେ ଗବେଷଣା କରାଯିବାର ପ୍ରସ୍ତାବ ରହିଛି । ଏଥିରୁ ସ୍ପଷ୍ଟ ରୂପେ ଜଣାପଡ଼ିବ, ଜଳବାୟୁର ପ୍ରଭାବ ଫସଲ ଉପରେ କେମିତି ପଡୁଛି ? ତଥାପି ଆମକୁ ଜୈବିକସାରର ପ୍ରୟୋଗ ସହିତ ଏହାର ବିଜ୍ଞାନ ସମ୍ମତ ପ୍ରୟୋଗ ପ୍ରଣାଳିକୁ ଗୁରୁତ୍ୱ ଦେବାକୁ ପଡ଼ିବ । ଯେତେଦୂର ସମ୍ଭବ ବଳକା ଜଳକୁ ନିଷ୍କାସନ କରିବା ପାଇଁ ପ୍ରାଧାନ୍ୟ ଦେବାକୁ ପଡ଼ିବ ।

**ଆ.ଜ.ଆ:** ଜଳବାୟୁ ପରିବର୍ତ୍ତନ ସହିତ ମାନବୀୟ କାର୍ଯ୍ୟକଳାପ ଓ ଜଙ୍ଗଲ କ୍ଷୟର ସଂପର୍କ କେମିତି ରହୁଛି ?

**ପ୍ରଫେସର:** ନିଶ୍ଚୟ ରହୁଛି । ଉଦାହରଣ ସ୍ୱରୂପ ଝାରସୁଗୁଡ଼ା, ତାଳଚେର ଓ ଭୁବନେଶ୍ୱର କଥା ବିଚାରକୁ ନିଆଯାଉ । ଏହି ତିନୋଟି ଅଞ୍ଚଳର ଜଙ୍ଗଲ କ୍ଷୟ ସହିତ ଶିଳ୍ପାୟନର ଅଭିବୃଦ୍ଧି ଯୋଗୁଁ ତାପମାତ୍ରାର ବ୍ୟତିକ୍ରମ ଘଟୁଛି । ସାଧାରଣତଃ ଆମ ଦେଶରେ ତାପମାତ୍ରା ଆରମ୍ଭ ହୁଏ ପଶ୍ଚିମ ଭାରତରୁ । ତା'ପରେ କେନ୍ଦ୍ରାଞ୍ଚଳର ନାଗପୁର ଦେଇ ଓଡ଼ିଶାକୁ ଆସିଥାଏ । କିନ୍ତୁ ଆମ ରାଜ୍ୟରେ ତାପମାତ୍ରା ପଶ୍ଚିମାଞ୍ଚଳରୁ ଆରମ୍ଭ ହୁଏ ଓ କେନ୍ଦ୍ର ଓଡ଼ିଶା ଦେଇ ଉପକୂଳକୁ ଆସିଥାଏ । ଏବେ କିନ୍ତୁ ଏଥିରେ ବ୍ୟତିକ୍ରମ ଘଟୁଛି । ତା'ଛଡ଼ା ପୂର୍ବେ ଜଙ୍ଗଲ ଅଧିକ ଥିଲା ତେଣୁ ପଶ୍ଚିମା ପବନ ଆସୁଥିଲା ବେଳେ ତାପମାତ୍ରା କମିଯାଉଥିଲା ଏବେ ଜଙ୍ଗଲ ନଥିବାରୁ ଉତ୍ତାପ ବଢ଼ିଯାଉଛି । ସଂପ୍ରତି ସମୟର ପ୍ରବାହ କ୍ରମେ ଆଧୁନିକ ସଭ୍ୟତା ସହ ତାଳ ଦେଇ ସବୁଜ ଜଙ୍ଗଲ ପରିବର୍ତ୍ତେ ଆମେ କଂକ୍ରିଟ୍ ଜଙ୍ଗଲକୁ ଗୁରୁତ୍ୱ ଦେଉଛେ । ତେଣୁ ମାଟି ବଦଳରେ କଂକ୍ରିଟ୍‌ର ପ୍ରଭାବ ତାପମାତ୍ରାକୁ ବଢ଼େଇ ଦେଉଛି । ଏହା ବ୍ୟତୀତ ପିଚୁରାସ୍ତା, ଶୀତତାପ ନିୟନ୍ତ୍ରିତ ଯନ୍ତ୍ର, ଜେନେରେଟର ଶୀତଳିକରଣ କେନ୍ଦ୍ର ଗାଡ଼ି ମୋଟର ଚଳାଚଳ ଏଥିପାଇଁ ଦାୟୀ ।

**ଆ.ଜ.ଆ:** ଜଳବାୟୁ ପରିବର୍ତ୍ତନ ଗରୀବି ହାର ବଢ଼େଇ ଦେବ ଏକଥା କେତେଦୂର ଯଥାର୍ଥ ?

**ପ୍ରଫେସର:** ଏକଥା ସତ । ଜଳବାୟୁ ର ପ୍ରତିକୂଳ ପ୍ରଭାବ ଗରିବ ଜନତା ଉପରେ ପଡ଼ିବ । କାରଣ ଗରିବ ଲୋକେ ଏବେ ମଧ ପ୍ରୋଟିନ୍ ଯୁକ୍ତ ପୌଷ୍ଟିକ ଖାଦ୍ୟ ପାଉନାହାନ୍ତି । କାର୍ବୋହାଇଡ୍ରେଟ୍ ଖାଦ୍ୟ ଖାଇଥାନ୍ତି । ଜଳବାୟୁ ପରିବର୍ତ୍ତନ ଦ୍ୱାରା ଧାନ ଓ ଗହମର ୧ରୁ ୨ ପ୍ରତିଶତ ପୌଷ୍ଟିକତା କମିଯିବ । ପୁଣି ଖାଦ୍ୟଶସ୍ୟର ଦରବୃଦ୍ଧି ଯୋଗୁଁ ସେମାନେ ଖାଦ୍ୟ କଣି ପାରିବେନାହିଁ । ଉଦାହରଣସ୍ୱରୂପ ଅଷ୍ଟ୍ରେଲିଆରେ ମରୁଡ଼ି ଓ ଆମେରିକାର ୩୦ ପ୍ରତିଶତ ଜମିରେ ବାୟୋଫୁଏଲ୍ ଚାଷ ଯୋଗୁଁ ବିଶ୍ୱ ବଜାରରେ ଖାଦ୍ୟଦର ବଢ଼ିଗଲା । ତା'ଛଡ଼ା ସାମୁଦ୍ରିକ ଜଳପତ୍ତନ ବୃଦ୍ଧି ଘଟିଲେ ମଧ ବିସ୍ଥାପନ ଓ ଚାଷଜମି ସମସ୍ୟା ସୃଷ୍ଟି ହେବ । ଏହାର ପ୍ରଭାବରେ ସାମାଜିକ, ଆର୍ଥିକ ଓ ରାଜନୈତିକ ଅସ୍ଥିରତା ଦେଖାଯିବ । ମ୍ୟାଲେରିଆ ପରି ରୋଗର ପରିମାଣ ବୃଦ୍ଧି ପାଇବାରୁ ସ୍ୱାସ୍ଥ୍ୟଗତ ଅବନତି ଦେଖାଯିବ ।

**ଆ.ଜ.ଆ:** ଜଳବାୟୁ ଜନିତ ପ୍ରଭାବର ପ୍ରତିକାର ପାଇଁ କେଉଁସବୁ ପଦକ୍ଷେପ ନିଆଯିବା ଦରକାର ?

**ପ୍ରଫେସର:** ପ୍ରତିରୋଧ ପାଇଁ ସାମ୍ନା କରିବା ଓ ପ୍ରତିକାର କରିବା ଦୁଇଟି ପ୍ରକ୍ରିୟା ଆପଣେଇବାକୁ ପଡ଼ିବ । ପ୍ରଥମତଃ ଜିବାଶ୍ମ ଜାଳେଣୀ ପ୍ରୟୋଗ କମ୍ କରିବା ପାଇଁ ସୌରଶକ୍ତି ଓ ପବନ ଶକ୍ତି ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ବ୍ୟକ୍ତିଗତ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବାକୁ ପଡ଼ିବ । ଜାତୀୟ ଜଳବାୟୁ ଯୋଜନା ଅନ୍ତର୍ଗତ ୭ଟି ମିଶନକୁ ଲୋକାଭିମୁଖୀ କରି କାର୍ଯ୍ୟରେ ପରିଣତ କରିବା ସହିତ ଲୋକ ସହଭାଗୀ ପ୍ରକ୍ରିୟାଗୁଡ଼ିକୁ ଆପଣେଇବାକୁ ପଡ଼ିବ ।

□

# ସଂଗଠନ ଆଣିଲା ପରିବର୍ତ୍ତନ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ରାଜ୍ୟର ୧୪ଟି ବନଖଣ୍ଡରେ ୨୦୦୬ ମସିହା ଏପ୍ରିଲ ମାସରୁ କାର୍ଯ୍ୟକାରୀ ହୋଇଛି । ଏହି ପ୍ରକଳ୍ପରେ ୬୬୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରାଯିବା, ଜଙ୍ଗଲ ଉପରେ ନିର୍ଭରଶୀଳ ଗ୍ରାମଗୋଷ୍ଠୀ ଓ ମହିଳା ମାନଙ୍କର ଦକ୍ଷତା ବୃଦ୍ଧି କରିବା ଓ ଜୀବନଜୀବିକା ପାଇଁ ବିକଳ୍ପ ବ୍ୟବସ୍ଥା କରିବା, ଜୈବବିବିଧତା ତଥା ପର୍ଯ୍ୟଟନର ବିକାଶ, ଜଙ୍ଗଲ କୃଷିର ଉନ୍ନତି ଓ ଗବେଷଣା କାର୍ଯ୍ୟମାନ କରାଯାଉଛି । ଏହି ପ୍ରକଳ୍ପକୁ ବିଭିନ୍ନ କାରଣରୁ ପ୍ରାରମ୍ଭିକ ବିରୋଧ କରାଯିବା ସତ୍ତ୍ୱେ ସରକାର ଏହାକୁ କାର୍ଯ୍ୟକାରୀ କରାଇଲେ ତେବେ ପ୍ରକଳ୍ପଟିର ସଫଳତା ମୁଖ୍ୟତଃ ରୂପେ ଗ୍ରାମଗୋଷ୍ଠୀମାନଙ୍କର ବିଶେଷକରି ମହିଳାମାନଙ୍କର ସହଭାଗୀତା ଉପରେ ନିର୍ଭରଶୀଳ । ଜଙ୍ଗଲ ବିଭାଗର ଅମଲାତାନ୍ତ୍ରିକ ମନୋଭାବଯୋଗୁଁ ଜଙ୍ଗଲ ଆଖପାଖ ଗ୍ରାମମାନଙ୍କ ସହିତ କର୍ମଚାରୀମାନଙ୍କର ସଂପର୍କ ଉତ୍ତମ ନୁହେଁ । ତେଣୁ ସେମାନେ ଏହି କାର୍ଯ୍ୟକ୍ରମରେ ଲୋକସହଭାଗୀତା ପାଇଁ ଲୋକମାନଙ୍କୁ ସଂଗଠିତ କରିପାରିବେ ନାହିଁ । ଏଥିପାଇଁ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ମାସିକ ୩୦,୦୦୦ ଟଙ୍କା ଦେଇ ଦୁଇଟି କର୍ମୀଙ୍କୁ ନିଯୁକ୍ତ କରାଯାଇଛି । ଏ ମଧ୍ୟରେ ପ୍ରକଳ୍ପକୁ ତିନିବର୍ଷ ହେବାକୁ ଯାଉଛି, କାମ କେଉଁଭଳି ସଂପାଦନ କରାଯାଉଛି, ଏହା ଲୋକଙ୍କର ହିତ ସାଧନ କେମିତି କରୁଛି ସର୍ବୋପରି ପ୍ରକଳ୍ପର ଲକ୍ଷ୍ୟ ଉଦ୍ଦେଶ୍ୟ କେଉଁ ଭଳି ଭାବେ ପୂରଣ ହେଉଛି, ଲୋକମାନେ ଏଥିରୁ କେଉଁ ପ୍ରକାର ସୁବିଧା ପାଇବେ, ଜଙ୍ଗଲର ଭବିଷ୍ୟତ କ'ଣ ହେବ, ଏ ସବୁକୁ ଆଖି ଆଗରେ ରଖି ଦେବଗଡ଼ ଜିଲ୍ଲା ଜଙ୍ଗଲ ସୁରକ୍ଷା ମଞ୍ଚ ଓ ଆର.ସି.ଡ଼ି.ସିଙ୍କ ତରଫରୁ ଦେବଗଡ଼ଠାରେ ସାମାଜିକ ସମୀକ୍ଷା ଓ ତଦାରଖ କରାଯାଇଥିଲା । ଯାହାର ଫଳସ୍ୱରୂପ ପ୍ରକଳ୍ପରେ ବିନିଯୋଗ କ୍ଷେତ୍ରରେ ନିମ୍ନଲିଖିତ ଅନିୟମିତତା ପରିଲକ୍ଷିତ ହୋଇଥିବାର ଜଣାପଡ଼ିଥିଲା ।

୧. ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଅଞ୍ଚଳର ବନ ସୁରକ୍ଷା ସମିତି ଗୁଡ଼ିକରେ ପଞ୍ଜୀକରଣ ଓ ବୁଝାମଣା ପତ୍ରର ନକଲ ନାହିଁ ।
୨. ପ୍ରସ୍ତୁତ କରାଯାଇଥିବା ଅଣୁ ଯୋଜନା ଗୁଡ଼ିକ ମାର୍ଗଦର୍ଶିକା ଅନୁଯାୟୀ ପ୍ରସ୍ତୁତ କରଯାଇନାହିଁ । ଗ୍ରାମରେ ମାତ୍ର ୪ ରୁ ୫ ଘଣ୍ଟା ଅଲୋଚନା କରାଯାଇ ଅଣୁଯୋଜନା ପ୍ରସ୍ତୁତ ହୋଇଯାଉଛି, ଏବଂ ଏହାର ନକଲ ସଂପୃକ୍ତ ବନସୁରକ୍ଷା ସମିତି ନିକଟରେ ନାହିଁ ।
୩. ବନ ସୁରକ୍ଷା ସମିତିଗୁଡ଼ିକର କାର୍ଯ୍ୟଯୋଜନା ସଂପୃକ୍ତ ଗ୍ରାମ ଗୁଡ଼ିକରେ ନାହିଁ ।
୪. ଗ୍ରାମଗୁଡ଼ିକରେ ମାସିକ ବୈଠକ ନିୟମିତ ରୂପେ ହେଉନାହିଁ । ଯେଉଁଠି ବୈଠକ ହେଉଛି ସେଠାରେ କୋରମ ନଥାଇ ନିଷ୍ପତ୍ତି ନିଆଯାଉଛି ମହିଳା ଅଂଶଗ୍ରହଣ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ । ଏହା ବ୍ୟତୀତ ବନ ସୁରକ୍ଷା ସମିତିର ସଭା ବିବରଣୀ ଗାଁ ସ୍ତରରେ ରହୁନାହିଁ । କେତେକ ଗ୍ରାମରେ ସଭା ବିବରଣୀ ଖାତା ଘରଘର ବୁଲାଇ ଦସ୍ତଖତ କରାଯାଉଥିବା ଲକ୍ଷ୍ୟ କରାଯାଇଛି ।
୫. ବନ ସୁରକ୍ଷା ସମିତି ସଭାପତି ଭାବେ ପ୍ରଭାବଶାଳୀ ବ୍ୟକ୍ତି ମାନଙ୍କୁ ଜଙ୍ଗଲ ବିଭାଗ ଦ୍ୱାରା ମନୋନୀତ କରାଯାଇଛି । ମହିଳା ସଭାନେତ୍ରୀଙ୍କ ସଂଖ୍ୟା ଅତି ନଗଣ୍ୟ । ବନ ସୁରକ୍ଷା ସମିତିର କୋଷାଧକ୍ଷମାନଙ୍କ ଭୂମିକା ସଂପର୍କରେ ସେ ନିଜେ ମଧ୍ୟ ଅଜ୍ଞ ଅଟନ୍ତି।
୬. ବନ ସୁରକ୍ଷା ସମିତିର ଆୟ ବ୍ୟୟ ବିବରଣୀ, ବ୍ୟାଙ୍କ ଜମାଖାତା ସଂପୃକ୍ତ ଗ୍ରାମରେ ନାହିଁ । ଆୟ ବ୍ୟୟ ସଂପର୍କିତ ତଥ୍ୟ ମଧ୍ୟ କମିଟି କହିପାରୁ ନାହିଁ । ତେଣୁ ଆର୍ଥିକ ପରିଚାଳନାରେ ସ୍ୱଚ୍ଛତାକୁ ନେଇ ଲୋକଙ୍କ ମନରେ ସନ୍ଦେହ ଦେଖାଯାଇଛି ।
୭. ଗ୍ରାମମାନଙ୍କରେ ପ୍ରବେଶିକା କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମର ନଥିପତ୍ର ଜନିତ ହିସାବ ଓ ବାସ୍ତବତା ମଧ୍ୟରେ ପ୍ରଭେଦ ରହିଛି । ପ୍ରକଳ୍ପର ମାର୍ଗ ଦର୍ଶିକା ଓ ବନସୁରକ୍ଷା ସମିତିର ମାର୍ଗଦର୍ଶିକାକୁ ଅନୁଧ୍ୟାନ କଲେ ଏହାର ବାସ୍ତବ ରୂପାୟନ ଏବଂ ସଫଳତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।

ପ୍ରକଳ୍ପର କାର୍ଯ୍ୟକ୍ରମ ଗୁଡ଼ିକୁ ଲୋକାଭିମୁଖୀ କରିବା, ଲୋକ ସହଯୋଗରେ ଏହାକୁ ପ୍ରବର୍ତ୍ତନ କରିବା, ମହିଳାମାନଙ୍କ ଅଂଶଗ୍ରହଣକୁ ପ୍ରାଥମିକତା ଦେବା, କାର୍ଯ୍ୟକ୍ରମରେ ଲୋକମାନଙ୍କର ମାଲିକାନା ରହିବା, ଚାବିକାଠି ଓ ଲୋକକୈନ୍ଦ୍ରିକ ଯୋଜନା ପ୍ରଣୟନକୁ ଗୁରୁତ୍ୱ ଦେବାହିଁ ସଫଳ ରୂପାୟନର ଚାବିକାଠି । ଜଙ୍ଗଲ ବିଭାଗ କିମ୍ବା ସଂପୃକ୍ତ ସ୍ୱେଚ୍ଛାସେବୀ ସଂଗଠନମାନେ ଏହି ମନ୍ତ୍ରକୁ ଭୁଲି ଯିବାରୁ ମନମୁତାବକ ଚାରାରୋପଣ, ଚାରାନଷ୍ଟ, ବିକଳ୍ପ ଜୀବନଜୀବିକା ତାଲିମ୍ ପ୍ରତି ମହିଳାମାନଙ୍କ ଅନାଗ୍ରହ, ପ୍ରକଳ୍ପ କାର୍ଯ୍ୟକାରୀତାରେ ମନ୍ଥରତା ଓ ଆଶାନୁରୂପ ସଫଳତା ମିଳିନାହିଁ ବୋଲି ଯେ କେହି ସ୍ୱୀକାର କରିବେ ।

ରିଆମାଳ ବ୍ଲକର ପୋଇପାଣି ବନ ସୁରକ୍ଷା ସମିତିର ଦୃଷ୍ଟାନ୍ତ ଏ ପରିପ୍ରେକ୍ଷୀରେ ପ୍ରଣିଧାନ ଯୋଗ୍ୟ । ଗ୍ରାମର ୧୭ ଘର ଅଧିବାସୀଙ୍କ ମଧ୍ୟରେ ୪୯ ଜଣ ସାବାଳକ । ସଭାଖାତାରୁ ଜଣାଯାଏ ଯେ ପ୍ରଥମ ବୈଠକରେ ୧୩ ଜଣ ଗ୍ରାମବାସୀ ଯୋଗଦେଇଥିଲେ । ଦ୍ୱିତୀୟ ବୈଠକରେ ୨୯ ଜଣ ଯୋଗଦେଇ ବନ ସୁରକ୍ଷା ସମିତି ଗଠନ କଲେ । ପରେ ତୃତୀୟ ବୈଠକରେ କୌଣସି ଦସ୍ତଖତ ନଥାଇ ପାଶ୍ ବହି ଖୋଲିବା, ସଭାଘର ପାଇଁ ସ୍ଥାନ ନିରୂପଣ, ଅଣୁ ଯୋଜନା ପ୍ରସ୍ତୁତି ଓ ପର୍ଯ୍ୟାଲୋଚନା ଇତ୍ୟାଦି ହୋଇଛି । ଏଥିରୁ ସ୍ପଷ୍ଟରୂପେ ଜଣା ପଡୁଛି କୌଣସି କାର୍ଯ୍ୟକ୍ରମରେ ଲୋକ ସହଭାଗରୀତା ପରିଦୃଷ୍ଟ ହୁଏ ନାହିଁ ।

ଏହି ସବୁ ଅସୁବିଧା ଓ ସମସ୍ୟାକୁ ଦୂର କରିବା ପାଇଁ ଜିଲ୍ଲା ଜଙ୍ଗଲ ସୁରକ୍ଷା ମଞ୍ଚ ଓ ଆର.ସି.ଡ଼ି.ସି ନିମ୍ନଲିଖିତ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି ।

୧. ଦେବଗଡ଼ଠାରେ ରାଜ୍ୟ ସ୍ତରୀୟ ଜଙ୍ଗଲ ସୁରକ୍ଷା କର୍ମୀଙ୍କ ବୈଠକରେ ଜଙ୍ଗଲ କ୍ଷେତ୍ର ଉନ୍ନୟନ ପ୍ରକଳ୍ପର ସମସ୍ୟା ଓ ଏହାର ପ୍ରଭାବ ସଂପର୍କରେ ଅଲୋଚନା କରାଯାଇ ଏହାର ଦୁର୍ବଳତା ଗୁଡ଼ିକ ସଂପର୍କରେ ସଂପୃକ୍ତ ବନଖଣ୍ଡ ଅଧିକାରୀ ଓ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଲିଖିତ ରୂପେ ଜଣାଇ ଦିଆଯାଇଥିଲା ।
୨. ସନ୍ଦେହମୋଚନ ନିମନ୍ତେ ପୋଇପାଣି ଗାଁରେ ବନବିଭାଗ କରିଥିବା ଅଧିବେସନ

ଖାତାର ନକଲ ଏବଂ ଗ୍ରାନଷ୍ଟ କରାଯାଇଥିବାର ଫଟୋଗ୍ରାଫକୁ ପ୍ରଧାନ ମୁଖ୍ୟ ବନସଂରକ୍ଷକ, ବିଭାଗୀୟସଚିବ, ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ସଂପୃକ୍ତ ବନଖଣ୍ଡ ଅଧିକାରୀଙ୍କୁ ପଠାଇ ଦିଆଯାଇଥିଲା ।

୩. ଦେବଗଡ଼ ବନଖଣ୍ଡ ଅଞ୍ଚଳରେ ୫ଟି ଆଞ୍ଚଳିକ ବୈଠକ କରି ୧୧ଟି ବନସଂରକ୍ଷକ ସମିତିରେ ପ୍ରକଳ୍ପ ଜନିତ ସମସ୍ୟା ସଂପର୍କରେ ଆଲୋଚନା କରି ଲୋକମାନଙ୍କର ମତାମତକୁ ଗ୍ରହଣ କରାଯାଇଛି । ରିଆମାଳ ରେଞ୍ଜ ଅଧିକାରୀ ଆର.ସି.ଡ଼ି.ସି.ର କର୍ମୀଙ୍କୁ ଦୁର୍ବ୍ୟବହାର କରିବାରୁ ଏହାର ପ୍ରତିବାଦ କରାଯାଇ ଜଙ୍ଗଲ ବିଭାଗର ପଦାଧିକାରୀଙ୍କୁ ଏ ମର୍ମରେ ଅବଗତ କରାଯାଇଥିଲା । ଦେବଗଡ଼ ଠାରେ ହୋଇଥିବା ଆଞ୍ଚଳିକ ବୈଠକର ନିଷ୍ପତ୍ତି ଅନୁସାରେ ପରବର୍ତ୍ତୀ ବୈଠକ କଳାହାଣ୍ଡିଠାରେ ଆୟୋଜିତ ହୋଇଥିଲା । ଏଥିରେ ସମସ୍ତ ଜିଲ୍ଲାର ବନଖଣ୍ଡୀୟ ଅଧିକାରୀଙ୍କୁ ପୋଷ୍ଟକାର୍ଡ଼ ମାଧ୍ୟମରେ ଅନିୟମତତାର ଅବଗତି ଜଣେଇଦେବା ନିମନ୍ତେ ପ୍ରସ୍ତାବ ପାରିତ ହୋଇ ସେହିଦିନହିଁ ଉପସ୍ଥାପିତ ଥିବା ସମସ୍ତ ଜିଲ୍ଲା ପ୍ରତିନିଧି ପୋଷ୍ଟକାର୍ଡ଼ କ୍ୟାମ୍ପେନ୍ କରିଥିଲେ । ଏଥି ସହିତ ଏକ ଦସ୍ତଖତ ଅଭିଯାନ ସଂଗ୍ରହ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ।

ଇତି ମଧ୍ୟରେ ଦେବଗଡ଼ ବନଖଣ୍ଡ ଅଧିକାରୀ ଜିଲ୍ଲା ଜଙ୍ଗଲ ସୁରକ୍ଷାମଞ୍ଚ ଓ ଅନ୍ୟାନ୍ୟ ଜିଲ୍ଲାରୁ କର୍ମକର୍ତ୍ତାମାନଙ୍କୁ ଡ଼ାକି ଏକ ବୈଠକର ଆୟୋଜନ କରିଥିଲେ । ଏହି ବୈଠକରେ ୧୨ଟି ଜିଲ୍ଲାରୁ ୨୦ ଜଣ କର୍ମକର୍ତ୍ତା ଯୋଗଦାନ କରି ନିମ୍ନଲିଖିତ ଅନୁମୋଦନ ଗୁଡ଼ିକୁ ଖୁବ୍ ଶୀଘ୍ର ପାଳନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

୧. ବୁଝାମଣାପତ୍ର, ସମିତି ପଞ୍ଜିକରଣପତ୍ର, ଅଣୁ ଯୋଜନା ଓ ବାର୍ଷିକ ଯୋଜନା ବନସୁରକ୍ଷା ସମିତି ମାନଙ୍କ ନିକଟରେ ରହିବ ।

୨. ୨୦୦୮ ମାର୍ଚ୍ଚ ପର୍ଯ୍ୟନ୍ତ ଅଡ଼ିଟ୍ ହୋଇସାରିଥିବା ଆର୍ଥିକ ହିସାବପତ୍ର ବନସଂରକ୍ଷଣ ସମିତିର ସାଧାରଣସଭା ଦ୍ୱାରା ସ୍ୱୀକୃତ ନହେଲେ, ଏହା ଚୁଡ଼ାନ୍ତ ହୋଇ ପାରିବ ନାହିଁ । ତେଣୁ ଏସମସ୍ତ ପ୍ରକ୍ରୀୟା ଏକ ମାସ ମଧ୍ୟରେ ଶେଷ କରାଯିବ ।

୩. ୭୬ଟି ସମିତିର ଖାତାପତ୍ର ଓ ଅନ୍ୟାନ୍ୟ ନଥିପତ୍ର ବନସୁରକ୍ଷା ସମିତିଗୁଡ଼ିକୁ ୧ ମାସ ମଧ୍ୟରେ ହସ୍ତାନ୍ତର କରାଯିବ, କାରଣ ସେମାନଙ୍କର ଅଫିସ ଘର ନିର୍ମାଣ ଓ ମରାମତି ହୋଇସାରିଛି ।

୪. ମାସିକ ବୈଠକକୁ ନିୟମିତ କରିବା ପାଇଁ ଗ୍ରାମଲୋକଙ୍କ ସହଯୋଗ ଲୋଡ଼ା । ପ୍ରକଳ୍ପ କାମ ଶୀଘ୍ର ଆରମ୍ଭ ହୋଇଥିବାରୁ ପ୍ରାରମ୍ଭିକ କାର୍ଯ୍ୟ ପାଇଁ ସମୟ ମିଳି ନଥିଲା । ଏଥିପାଇଁ ଜଙ୍ଗଲ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜଙ୍ଗଲ ସୁରକ୍ଷା ମଞ୍ଚ ମିଳିତ ରୂପେ କାମ କରିବେ ।

୫. ସ୍ୱୟଂ ସହାୟକ ଦଳର ତାଲିମ୍ ଓ ଦକ୍ଷତା ବୃଦ୍ଧି ପାଇଁ ଅଧିକ ସମୟ ଓ ସହଯୋଗ ଲୋଡ଼ା । ଏହା ବ୍ୟତୀତ ଆର୍ଥିକ ଅନୁଦାନ ମଧ୍ୟ ସେମାନଙ୍କୁ କମ୍ ମିଳିଥିବାରୁ ଏହି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯିବ ।

୬. କାର୍ଯ୍ୟକ୍ରମର ସଫଳତା ପ୍ରଚ୍ଚର ପାଇଁ ଗଣାମାଧ୍ୟମକୁ ସାମିଲ୍ କରାଯିବ ଓ ଏକ ଜିଲ୍ଲା ସ୍ତରୀୟ କମିଟି ଗଠନ କରି ଓଡ଼ିଶା ଜଙ୍ଗଲ କ୍ଷେତ୍ର ଉନ୍ନୟନ ପ୍ରକଳ୍ପ ସଂପର୍କରେ ବାରମ୍ବାର ଆଲୋଚନା କରାଯିବ ।

୭. ‘‘ପ୍ରାଧାନପାଟ’’ ଜଳପ୍ରତାପର ସୁରକ୍ଷା ପାଇଁ ଏକ କମିଟି ପରିଚ୍ଚଳନା ଗଠନ କରାଗଲା । ଏହାପରେ ପ୍ରାଧାନପାଟର ଚତୁଃପାର୍ଶ୍ୱରେ ଥିବା ୨୨ଟି ଗ୍ରାମକୁ ନେଇ ଏକ ସଂଗଠନ ଗଠନ କରାଯିବ । ଏହି ସଂଗଠନ ପାଇଁ ସମସ୍ତଙ୍କର ସହଯୋଗ ରହିବ ଓ ରେଞ୍ଜ ଅଫିସର ଏହି କାର୍ଯ୍ୟକ୍ରମକୁ ଆଗେଇ ନେବେ ।

୮. ବର୍ତ୍ତମାନ ଜଙ୍ଗଲ ବିଭାଗ ସହ ମିଳିତ ହୋଇ କାର୍ଯ୍ୟକରୁଥିବା ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟ ସନ୍ତୋଷଜନକ ନଥିବାରୁ ବନଖଣ୍ଡୀୟ ଅଧିକାରୀ ଅନ୍ୟ ସମସ୍ତ ଅନୁଷ୍ଠାନମାନଙ୍କୁ ଏ ନିମନ୍ତେ ସହଯୋଗ କାମନା କରିଥିଲେ । କାର୍ଯ୍ୟ ସଂପାଦନ ଓ ପରିଚ୍ଚଳନା ଗତତ୍ରୁଟିକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ବନଖଣ୍ଡ ଅଧିକାରୀ କ୍ଷୋଭ ପ୍ରକାଶ କରିଥିଲେ ।

୯. ପୋଇପାଣି ଗ୍ରାମରୁ ଅଧିବେଶନ ବହିର ନକଲକୁ ନ ଆଣି, ସୂଚନା ଅଧିକାର ଆଇନ ମାଧ୍ୟମରେ ଆଣିବାପାଇଁ ବନଖଣ୍ଡ ଅଧିକାରୀ କହିଥିଲେ । ଉପସ୍ଥିତ ଅଂଶଗ୍ରହଣକାରୀଙ୍କ ବିରୋଧ ଫଳରେ ସେଠାରେ ହୋଇଥିବା ଅନିୟମତାକୁ ମାନି ନେଇଥିଲେ ।

ପରିଶେଷରେ ଦେବଗଡ଼ ଜିଲ୍ଲା ଜଙ୍ଗଲ ସୁରକ୍ଷା ମଞ୍ଚର କର୍ମକର୍ତ୍ତାଗଣ ଉପସ୍ଥିତ ଅନ୍ୟ ଜିଲ୍ଲା ଜଙ୍ଗଲ ମହାସଂଘ/ ମଞ୍ଚର କର୍ମକର୍ତ୍ତା ମାନଙ୍କୁ ଧନ୍ୟବାଦ୍ ଜଣାଇ କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ଅନୁରୋଧ କରିଥିଲେ । □


ଆମ ଜଙ୍ଗଲ ଆମର ୪୪

RCDC

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**

**ମୁଖ୍ୟ କାର୍ଯ୍ୟାଳୟ:**
୪୨୪, ଶହୀଦ ନଗର
ଭୁବନେଶ୍ୱର - ୭୫୧ ୦୦୭
ଫୋନ-୦୬୭୪-୨୫୪୭୫୮୫/୨୫୪୭୮୯୭

**ଆର୍.ସି.ଡି.ସି.ବଲାଙ୍ଗିର**
ପ୍ୟାଲେସ୍ ଲାଇନ, ବଲାଙ୍ଗୀର-୭୬୭ ୦୦୧
ଫୋନ-୦୬୬୫୨-୨୩୪୮୪୨

**ଆର.ସି.ଡି.ସି. ନବରଙ୍ଗପୁର**
ମଦର ଟେରେସା ମାର୍ଗ, ବ୍ଲକ୍ ଛକ ନିକଟ,
ନବରଙ୍ଗପୁର-୭୬୪ ୦୫୯
ଫୋନ୍-୦୬୮୫୮-୨୨୩୭୯୨

**ସମ୍ପାଦନା:**
**ଆର୍.ସି.ଡି.ସି**
୪୨୪, ଶହୀଦ ନଗର
ଭୁବନେଶ୍ୱର-୭୫୧ ୦୦୭
ଫୋନ-୦୬୭୪-୨୫୪୭୫୮୫/୨୫୪୭୮୯୭

କେବଳ ଘରୋଇ ପ୍ରସାରଣ ପାଇଁ